ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୦/୨୦୨୦ (୧୩ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 30/2020 | ★★★★★★
୪୬ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ଜୟନ୍ତୀଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର**
ପାରା ଆଥଲେଟ୍ ଜୟନ୍ତୀ ବେହେରା ଶ୍ରେଷ୍ଠ ଆଥଲେଟ୍‌ଭାବେ ଶନିବାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଗ୍ରହଣ କରିଛନ୍ତି।
୧୩

୧୦
**‘ଖାଲି-ପିଲି’ରେ ନଜର ଆସିଲେ ଅନନ୍ୟା**
ଅଭିନେତ୍ରୀ ଅନନ୍ୟା ପାଣ୍ଡେ ତାଙ୍କ ଅପ୍ କମିଙ୍ଗ ଫିଲ୍ମ ‘ଖାଲି-ପିଲି’ରେ ନଜର ଆସିବେ। ସେ ଦର୍ଶକଙ୍କୁ ଏହି ଫିଲ୍ମର ଟିଜର ଦେଖିବାକୁ ଅପିଲ କରିଛନ୍ତି।



# ମହାନଦୀ ବିପଦ



କଟକର ଯୋବ୍ରା ଆନିକଟଠାରେ ଶନିବାର ଜଳପତନ ବୃଦ୍ଧି ସହ ମହାନଦୀରେ ବନ୍ୟା। **(ଅଧିକ ଫଟୋ ଓ ଖବର: ପୃଷ୍ଠା-୨)**

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ପଡ଼ୋଶୀ ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁ ଓଡ଼ିଶା ପାଇଁ ବିପଦ ହୋଇ ମାଡ଼ିଆସୁଛି ମହାନଦୀର ବନ୍ୟାଜଳ। ହୀରାକୁଦ ଜଳଭଣ୍ଡାରର ୪୬ଟି ଗେଟ୍ ଖୋଲାଯାଇଥିବାରୁ ମହାନଦୀ ଭୟଙ୍କର ରୂପଧାରଣ କରିଛି। ଫଳରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ ଜିଲା ପରେ ଉପକୂଳର କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ ନୟାଗଡ ଜିଲା ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା, ଖରସ୍ରୋତା ଆଦି ନଦୀରେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ☞ପୃଷ୍ଠା-୪

## ରାଜ୍ୟରେ ବନ୍ୟା ବିପ୍ଳାତ

- ୧୬ ମୃତ, ୮ ହଜାର ଘର ଭାଙ୍ଗିଲା
- ପାଣିଘେରରେ ୮ ଲକ୍ଷ ଲୋକ
- ହୀରାକୁଦ ଡ୍ୟାମ୍‌ର ୪୬ ଗେଟ୍ ଖୋଲା
- ନରାଜରେ ବିପଦ ସଙ୍କେତ ଟପିଲା
- ଆଜି ମୁଣ୍ଡଳୀରେ ୧୦.୫୦ ଲକ୍ଷ କ୍ୟୁସେକ ଜଳ
- ୩ ଲକ୍ଷ ହେକ୍ଟର ଚାଷଜମି ଜଳମଗ୍ନ
- ଘରଭଙ୍ଗା କ୍ଷତି ଆକଳନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

### ୭ ବରିଷ୍ଠ ଅଧିକାରୀଙ୍କୁ ତଦାରଖ ଦାୟିତ୍ୱ

ଭୁବନେଶ୍ୱର,୨୯।୮(ବ୍ୟୁରୋ)-ରାଜ୍ୟରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ରହିଛି। ଉତ୍ତର ଓଡ଼ିଶାରେ ବନ୍ୟାବିପ୍ଳାତ ଚାଲିଥିବା ବେଳେ ଉପକୂଳ ଓଡ଼ିଶାରେ ବିପଦ ସୃଷ୍ଟି ହୋଇଛି। ଏହାର ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୭ ଜିଲା ପାଇଁ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କୁ କେନ୍ଦ୍ରାପଡ଼ା ଜିଲାର ବନ୍ୟା ପରିଚାଳନା ଦାୟିତ୍ୱ ଦିଆଯାଇଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କୁ କଟକ, କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ସଚିବ ବିଶାଳ ଦେବଙ୍କୁ ବାଲେଶ୍ୱର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ଭଦ୍ରକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି ଯାଦବଙ୍କୁ ଯାଜପୁର, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କୁ ଜଗତ୍‌ସିଂହପୁରର ବନ୍ୟା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସେଣ୍ଟ୍ରାଲ ଡିଭିଜନ୍‌ର ରାଜସ୍ୱ କମିଶନର ଅନିଲ କୁମାର ସାମଲଙ୍କୁ ପୁରୀ ଜିଲାର ବନ୍ୟା ପରିସ୍ଥିତି ତଦାରଖ କରିବାକୁ ଦାୟିତ୍ୱ ଦିଆଯାଇଛି। ସମ୍ଭାବ୍ୟ ବନ୍ୟା ଯୋଗୁ ଯେପରି ଜନସାଧାରଣଙ୍କ ଧନଜୀବନ ନଷ୍ଟ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଆଗରେ ରହିଛି। ଏହାକୁ ଧ୍ୟାନରେ ରଖି ବରିଷ୍ଠ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି।

## ‘ବ୍ଲାକ୍ ପାନ୍ଥର’ ଅଭିନେତା ବୋସ୍‌ମାନ୍‌ଙ୍କ ପରଲୋକ



**ଲସ୍ ଏଞ୍ଜେଲସ୍, ୨୯।୮(ପି.ଟି.)**

‘ବ୍ଲାକ୍ ପାନ୍ଥର’ ଚଳଚ୍ଚିତ୍ରରେ ସୁପରହିରୋ ଭୂମିକା ପାଇଁ ବେଶ୍ ଜଣାଶୁଣା ଆମେରିକୀୟ ଅଭିନେତା ଚାଡ୍‌ୱିକ୍ ବୋସ୍‌ମାନ୍‌ଙ୍କର ମାତ୍ର ୪୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ୪ ବର୍ଷ ହେଲା କୋଲୋନ୍ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ତେବେ ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କଦାପି ବାହାରେ ଆଲୋଚନା କରୁ ନ ଥିଲେ। ଏକାଧିକ ଅସ୍ତ୍ରୋପଚାର ଓ କେମୋଥେରାପି ସତ୍ତ୍ୱେ ହଲିଉଡ୍ ଚଳଚ୍ଚିତ୍ର ପାଇଁ ସେ କାର୍ଯ୍ୟ ଜାରି ରଖିଥିଲେ। ବୋସ୍‌ମାନ୍‌ଙ୍କଠାରେ ୨୦୧୬ରେ କ୍ୟାନ୍‌ସର ଚିହ୍ନଟ ହୋଇଥିଲା। ଶୁକ୍ରବାର ଲସ୍ ଏଞ୍ଜେଲସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବୋସ୍‌ମାନ ଥିଲେ ବାସ୍ତବ ଯୋଦ୍ଧା, ଯିଏ କି ☞ପୃଷ୍ଠା-୪

# ଆବଦ୍ଧାଞ୍ଚଳ ବାହାରେ ଲକ୍‌ଡାଉନ ମନା

**ନୂଆଦିଲ୍ଲୀ, ୨୯।୮**

ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ୍ ବା ଆବଦ୍ଧାଞ୍ଚଳ ବାହାରେ ଲକ୍‌ଡାଉନ୍ ଘୋଷଣା କରିପାରିବେ ନାହିଁ। ତେବେ ଆବଦ୍ଧାଞ୍ଚଳରେ ଲକ୍‌ଡାଉନ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କଡ଼ାକଡ଼ି ଲାଗୁ ହେବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଅନ୍‌ଲକ୍ ୪ ପରିପ୍ରେକ୍ଷୀରେ ଜାରି କରାଯାଇଥିବା ନିୟମାବଳୀରେ ସ୍ପଷ୍ଟ କରାଯାଇଛି। ଅନ୍‌ଲକ୍ ୪ରେ ଆନ୍ତଃରାଜ୍ୟ କିମ୍ବା ରାଜ୍ୟ ଭିତରେ ଗମନାଗମନ ଓ ମାଲ୍ ପରିବହନ ପାଇଁ ସ୍ୱତନ୍ତ୍ର ଅନୁମତି କିମ୍ବା ଇ-ପର୍‌ମିଟ୍‌ର ଆବଶ୍ୟକ ପଡ଼ିବ ନାହିଁ ବୋଲି ଏହି ଗାଇଡ୍‌ଲାଇନରେ କୁହାଯାଇଛି।

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମାର୍ଚ୍ଚ ୨୪ରେ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରିଥିଲେ। ତେବେ ଜୀବନ ଜୀବିକାକୁ ପ୍ରାଧାନ୍ୟ ଦେଇ ପର୍ଯ୍ୟାୟକ୍ରମେ ତାଲା ଖୋଲିବା ବା ଅନ୍‌ଲକ୍ ପ୍ରକ୍ରିୟା ଜାରି ରହିଛି। ଅନ୍‌ଲକ୍ ୩ ଅଗଷ୍ଟ ୩୧ରେ ଶେଷ ହେବାକୁ ଯାଉଥିବାବେଳେ ସେପ୍ଟେମ୍ବର ପହିଲାରୁ ଦେଶରେ ଅନ୍‌ଲକ୍ ୪ ଆରମ୍ଭ ହେବ। ଏଥିପାଇଁ ☞ପୃଷ୍ଠା-୪




- ସେପ୍ଟେମ୍ବର ୩୦ ଯାଏ ବନ୍ଦ ରହିବ ସ୍କୁଲ
- ସାମାଜିକ ଉତ୍ସବରେ ୧୦୦ ଲୋକ ଭାଗ ନେଇପାରିବେ
- ପରିବହନ ପାଇଁ ଅନୁମତି ଆବଶ୍ୟକ ହେବନି
- ଆବଦ୍ଧାଞ୍ଚଳ ବାହାରେ ଲକ୍‌ଡାଉନ ଘୋଷଣା ପାଇଁ କେନ୍ଦ୍ରର ପରାମର୍ଶ ଜରୁରୀ




## ଜେଇଇ ପାଇଁ ହେବନି ଲକ୍‌ଡାଉନ, ଶଟ୍‌ଡାଉନ୍

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ଆସନ୍ତା ସେପ୍ଟେମ୍ବର ୧ରୁ ୬ ତାରିଖ ମଧ୍ୟରେ ଜେଇଇ(ମେନ୍) ଏବଂ ୧୩ ତାରିଖରେ ଏନ୍‌ଇଇଟି(ୟୁଜି) ପ୍ରବେଶିକା ପରୀକ୍ଷା ହେବ। ଏଥିପାଇଁ ରାଜ୍ୟର ୮ ସହର ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଢେଙ୍କାନାଳ, ରାଉରକେଲା ଏବଂ ସମ୍ବଲପୁରରେ ୨୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୭ ତାରିଖ ଏବଂ ସେପ୍ଟେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ମଧ୍ୟରେ ରାଜ୍ୟରେ କୌଣସି ପ୍ରକାର ଲକ୍‌ଡାଉନ କିମ୍ବା ଶଟ୍‌ଡାଉନ ହେବ ନାହିଁ। ଏ ନେଇ ଶନିବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ସମୟରେ ପରୀକ୍ଷାର୍ଥୀ ଓ ସେମାନଙ୍କର ଅଭିଭାବକ, ପରୀକ୍ଷା ସହିତ ଜଡିତ ପର୍ଯ୍ୟବେକ୍ଷକ, ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ☞ପୃଷ୍ଠା-୪

## ‘ଦେଶକୁ ଗର୍ବିତ କରିବା ଦାୟିତ୍ୱ ବଢ଼ିଲା’

### ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ଅର୍ଜୁନ ପୁରସ୍କାର ଗ୍ରହଣ କଲେ ଦୂତୀ

**ଭୁବନେଶ୍ୱର, ୨୯।୮(କ୍ରୀଡ଼ା ପ୍ରତିନିଧି)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟର ନବମ କ୍ରୀଡ଼ାବିତ୍‌ଭାବେ ଶନିବାର ସମ୍ମାନଜନକ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। କରୋନା ଭାଇରସ ସଂକ୍ରମଣ କାରଣରୁ ଏଥର ରାଷ୍ଟ୍ରପତି ଭବନରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇପାରି ନ ଥିଲା। ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ରହି କ୍ରୀଡ଼ାବିତ୍‌ମାନେ ରାଜୀବ ଗାନ୍ଧୀ ଖେଲରତ୍ନ, ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ଏବଂ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**
ଅନ୍‌ଲକ୍ ୪.୦




# ସମ୍ବଲପୁର ସହରରେ ପଶିଲା ପାଣି

ସମ୍ବଲପୁର,୨୯।୮(ବ୍ୟୁରୋ)

- ବୁଡ଼ିଲା ତଳିଆ ଅଞ୍ଚଳ
- ୧୮ ଶହ ଲୋକଙ୍କୁ ଉଦ୍ଧାର କଲା ପ୍ରଶାସନ
- ଖୋଲିଲା ୧୪ ଆଶ୍ରୟ ସ୍ଥଳୀ

ଶନିବାର ହୀରାକୁଦ ଜଳଭଣ୍ଡାରରୁ ୪୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ମହାନଦୀ ପିଛିଲା ପାଣିରେ ସମ୍ବଲପୁର ଜିଲାର ନଦୀ ନାଳଗୁଡ଼ିକ ଫୁଲି ଉଠିଛି। ସମ୍ବଲପୁର ସହରର ତଳିଆ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ପରିସ୍ଥିତି ଜଟିଳ ହୋଇଛି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରିରହିଛି। ବିଭିନ୍ନ ସ୍ଥାନରେ ୧୪ଟି ଆଶ୍ରୟସ୍ଥଳୀ ଖୋଲାଯାଇ ପ୍ରାୟ ୧୮ଶହ ଲୋକଙ୍କୁ ରଖାଯାଇଛି। ଶୁକ୍ରବାର ରାତିରୁ ଉଦ୍ଧାର କାର୍ଯ୍ୟ ଜାରିରହିଛି। ମନ୍ଦଲିଆ, ଚାରଭାଟି, ବିନାଖଣ୍ଡି, ଗୋବିନ୍ଦତୋଲା, ଦୁର୍ଗାପାଲି, ଖଣ୍ଟୁଆଳ, ଲିମସରିଏନ, କମଳିବଜାର, ବଡ଼ବଜାର, ଚନ୍ଦନନଗର ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ଉଦ୍ଧାର କରାଯାଇଥିବା ଲୋକମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

ବନ୍ୟା ପରିସ୍ଥିତକୁ ନେଇ ସହରରେ ଭୟର ବାତାରବରଣ ସୃଷ୍ଟି ହୋଇଛି। ଶନିବାର ଦିନ ତମାମ ବର୍ଷା ହୋଇନାହିଁ। ହେଲେ ପିଛିଲା ପାଣିରେ ତଳିଆ ଅଞ୍ଚଳର ବହୁ ଘରଦ୍ୱାର ଭାଙ୍ଗିଯାଇଛି। ବନ୍ୟାର ସମ୍ଭାବ୍ୟ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳ ଶୁଭମ୍ ସକ୍ସେନା ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପାଇଁ କମିଶନର ଅନିରୁଦ୍ଧ ପ୍ରଧାନ ହୀରାକୁଦ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବିନାଖଣ୍ଡି, ଦୁର୍ଗାପାଲି, ବଡ଼ବଜାର ଆଦି ଅଞ୍ଚଳରେ ପଶିଥିବା ବନ୍ୟାଜଳକୁ ପମ୍ପ ସାହାଯ୍ୟରେ ନିଷ୍କାସନ କରାଯାଉଛି। ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ନିୟୋଜିତ ରହିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରିଲିଫ କ୍ୟାମ୍ପ ଖୋଲିଛି। ପ୍ରଭାବିତ ଅଞ୍ଚଳରେ ବିଶୁଦ୍ଧ ପାଣି ଯୋଗାଇ ଦିଆଯାଉଛି।

ମହାନଦୀ ତଟରେ ଥିବା ଚିପିଲିମାର ମାଁ ଘଣ୍ଟେଶ୍ୱରୀ ମନ୍ଦିର ପାଣି ଘେରରେ ରହିଛି। ସେହିପରି ଗୁଡେଶ୍ୱର ବାବା, ହୁମା ବିମଳେଶ୍ୱର ବାବା, ମାନେଶ୍ୱର ମାନଧାତା ବାବା ମନ୍ଦିର ପାଖକୁ ବନ୍ୟାଜଳ ମାଡି ଆସିଛି। ଅନ୍ୟପଟେ ସମ୍ବଲପୁର-ସୋନପୁର ରାସ୍ତା ଗୁଣ୍ଡେରପୁର ମାଳତୀ ନଦୀ ବ୍ରିଜ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବନ୍ଦ ରହିଛି। ମହାନଦୀ ଅବବାହିକାରେ ଥିବା ଗ୍ରାମବାସୀ ଭୟରେ ଦିନ କାଟୁଛନ୍ତି।


ହୀରାକୁଦରୁ ଜଳ ନିଷ୍କାସନ ପରେ ସମ୍ବଲପୁର ଚନ୍ଦନନଗରରେ ପାଣି ପଶିବା ଫଳରେ ଜଣେ ମହିଳା ଉଚ୍ଚ ସ୍ଥାନକୁ ଆସୁଛନ୍ତି।

## ଜଳ ସମ୍ପଦ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ଭୁବନେଶ୍ୱର,୨୯।୮(ବ୍ୟୁରୋ)

ରାଜ୍ୟ ଜଳ ସମ୍ପଦ, ସୂଚନା ଓ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତିର୍ତ୍ତୋଲ, ସାମନ୍ତରାପୁର ଗ୍ରମା ପଞ୍ଚାୟତର ସିରସ୍ତା, କୋଲର ପଞ୍ଚାୟତର ଧନୁଆ ଓ କୋଲରଗ୍ରାମର ବନ୍ୟାଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ। ସେହିପରି ସେ ସାମନ୍ତରାପୁର, ଆମ୍ବିରି, ଶଙ୍ଖେଶ୍ୱର ଓ ଧୋଇଆ ଅଞ୍ଚଳ ବୁଲି ଦେଖିଥିଲେ। ମନ୍ତ୍ରୀ ଦାସ, କୋଲର ପଞ୍ଚାୟତର ପାଇକା ସେତୁଠାରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜଗତସିଂହପୁର, ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପଞ୍ଚାୟତ ସମିତି ଅଧକ୍ଷା, ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ସହ ଜଳମଗ୍ନ ଅଞ୍ଚଳରେ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ, ସ୍ଥାନୀୟ ବିଡିଓ, ତହସିଲଦାର ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଜଳ ସମ୍ପଦ ମନ୍ତ୍ରୀଙ୍କର ବନ୍ୟା ସ୍ଥିତି ସମୀକ୍ଷା ମହାନଦୀ ଓ ବିରୂପା ବ୍ୟାରେଜ ପରିଚାଳନା ଅନୁଧାନ କରିଥିଲେ।


ବିରୂପା ନଦୀ ବନ୍ୟାଜଳରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତର ଉଉରଦେପୁରୀ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ବୁଡ଼ିଯାଇଛି।


କଟକ ରିଂବନ୍ଧରେ ଝର ସୃଷ୍ଟିହୋଇ ମହାନଦୀ ବନ୍ୟାଜଳ ବ୍ରଜବିହାରୀପୁର ଅଞ୍ଚଳରେ ପ୍ରବେଶ କରିବା ଯୋଗୁ ଘରଗୁଡ଼ିକ ପାଣିଘେରରେ ରହିଛି।


ପୁରୀ ଜିଲା କଣାସ ବ୍ଲକର ବଡ଼ାସ ଅଞ୍ଚଳରେ ପ୍ରବେଶ କରିଥିବା ଦୟା ନଦୀର ବନ୍ୟାଜଳ।


ହୀରାକୁଦ ଡ୍ୟାମ୍‌ରୁ ୪୬ ସୁଇସ୍ ଗେଟ୍ ଖୋଲିବା ପରେ ସମ୍ବଲପୁର ମନ୍ଦଲିଆ ଅଞ୍ଚଳ ଜଳାର୍ଣ୍ଣବ।

## ୨୦ରୁ ଉର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ବୌଦ୍ଧ/ହରଭଙ୍ଗା/ପୁରୁଣାକଟକ, ୨୯।୮(ସ୍ୱ.ପ୍ର./ଡି.ଏନ.ଏ.)

ଲଘୁଚାପ ପ୍ରଭାବରେ ଉପରମୁଣ୍ଡରେ ତିନିଦିନ ଧରି ଲଗାଣ ବର୍ଷା ଯୋଗୁ ମହାନଦୀରେ ଏକ ବଡଧରଣର ବନ୍ୟା ଆସିବା ଆଶଙ୍କା ସୃଷ୍ଟି ହୋଇଛି। ଏଥିଯୋଗୁ ବୌଦ୍ଧ ଜିଲା ହରଭଙ୍ଗା ତହସିଲ ଅଧୀନରେ ଥିବା କୁଶଙ୍ଗ, ହରଭଙ୍ଗା, ଶଙ୍କୁଲେଇ, ଧଳପୁର, ରାମଗଡ, ବୀରନରସିଂହପୁର, ସାମ୍ଭୋଚ, ସରସରା ସମେତ ୯ଟି ପଞ୍ଚାୟତର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ନଦୀକୂଳିଆ ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳ ଲୋକଙ୍କୁ ଉଚ୍ଚସ୍ଥାନ, ବନ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବା ପାଇଁ ଆଗୁଆ ସର୍ତକ କରାଯାଇଛି।

ମହାନଦୀରେ ଶନିବାର ସକାଳ ଠାରୁ ବନ୍ୟାପାଣି ବୃଦ୍ଧି ପାଇଛି। ଫଳରେ ବର୍ତ୍ତମାନ ହରଭଙ୍ଗା ତହସିଲର ମାରଡା, ତିରଡ, ଅତଲସରା, କୁମାରୀ, କୋଡାଶିଙ୍ଗା, ସୁରୁଣ୍ଡି, ଭେଜିଗୁଡା, ଡିଆଁଘାଟ, ଖଣ୍ଡିଧଳପୁର, ଶାକୁଶିଙ୍ଗା, ତେନ୍ତୁଳିପଦର, ପାଣିଘରା, ହାଟ ଗାଁ, କରଡି, କୃଷ୍ଣମୋହନପୁର, ଝରାସାହି ସମେତ ୨୦ରୁ ଅଧିକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଶତାଧିକ ଏକର ଚାଷଜମି ବନ୍ୟା ପାଣିରେ ବୁଡି ରହିଛି। ବନ୍ୟାସ୍ଥିତି ଅନୁଧାନ ପାଇଁ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ହରଭଙ୍ଗା ବ୍ଲକର କୁଶଙ୍ଗ, ଅତଲସରା, କୁମାରୀ ଏବଂ ମାରଡା ଅଞ୍ଚଳ ପରିଦର୍ଶନ କରିଛନ୍ତି। ପାଣିଘେରରେ ଥିବା ମାରଡା, କୋଡାଶିଙ୍ଗା, ଭେଜିଗୁଡା, ହରଭଙ୍ଗା, ସୁରୁଣ୍ଡି, ଡିଆଁଘାଟ, ହାଟଗାଁ, ଖଣ୍ଡିଧଳପୁର, ପାଣିଘରା, ଝରାସାହି, ତେନ୍ତୁଳିପଦର, ଧଳପୁର, ସାକୁଶିଙ୍ଗା ଗ୍ରାମବାସୀଙ୍କୁ ୭ଦିନିଆ ରିଲିଫ ଚାଉଳ ବଣ୍ଟନ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ବ୍ଲକ ପ୍ରଶାସନ ପକ୍ଷରୁ ୫ଟି ଟିମ୍ ଗଠନ କରାଯାଇ ବନ୍ୟା ପ୍ରଭାବିତ ଅଞ୍ଚଳରେ ରହି ରାତିରେ ସ୍ଥିତି ଅନୁଧାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ଆଗୁଆ ପଦକ୍ଷେପ ପ୍ରଶାସନ ପକ୍ଷରୁ ନିଆଯାଇଥିବା ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରାଙ୍କ ଠାରୁ ସୂଚନା ମିଳିଛି। ଏପଟେ ବୌଦ୍ଧ ସହର ଉପକଣ୍ଠ ମାଲିସାହି, ଫେରିଘାଟ ସହ ୩୦ରୁ ଉର୍ଦ୍ଧ୍ୱ ଗାଁ ବନ୍ୟାପାଣି ଘେରରେ ରହିଛି।


ମହାନଦୀର ବନ୍ୟାଜଳ ହରଭଙ୍ଗା ଅଞ୍ଚଳର ଖଣ୍ଡିଧଳପୁର ଗାଁକୁ ମାଡି ଆସିଛି।

## ବିନିକା, ସୋନପୁର ସହରରେ ବନ୍ୟାଜଳ

ସୋନପୁର,୨୯।୮(ନି.ପ୍ର.)

- ବୀରମହାରାଜପୁର ଉପଖଣ୍ଡ ଏକପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ
- ବାଉରିଯୋର, ଘୁଙ୍ଗିନାଳ, କୁଲଥିଯୋର ପୋଲ ଉପରେ ପାଣି

ସୁବର୍ଣ୍ଣପୁର ଜିଲାର ମହାନଦୀ କୂଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ଧୀରେ ଧୀରେ ଗମ୍ଭୀର ହେବାରେ ଲାଗିଛି। ଲଘୁଚାପ ଜନିତ ଲଗାଣ ବର୍ଷା ଥମିବା ପରେ ତେଲ ନଦୀ ଓ ଅନ୍ୟ ଛୋଟ ବଡ ନଦୀ, ନାଳର ଜଳସ୍ତର କମିଛି। ତେବେ ମହାନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଶନିବାର ବିନିକା ଓ ସୋନପୁର ସହରକୁ ବନ୍ୟା ପାଣି ପ୍ରବେଶ କରିଛି। ବିନିକାର ଗୁଲାପଡା ଓ ମନହରିପଡା ପାଣି ଘେରରେ ରହିଛି। ଲୋକେ ଡଙ୍ଗାରେ ଯାତାୟାତ କରୁଛନ୍ତି। ମୁଖ୍ୟ ରାସ୍ତା ପାର୍ଶ୍ୱ କଲେଜ ଛକ ଠାରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର ଭିତରେ ଆଣ୍ଠୁଏ ପାଣି ରହିଛି। ପାତିକାରପଡା, ମନହରିପଡା ଓ ନୀଳକଣ୍ଠ ନଗରକୁ ମହାନଦୀର ବନ୍ୟାଜଳ ଛୁଇଁଲାଣି। ସୋନପୁର ସହରର ତରିଆପଡାରେ ବନ୍ୟାଜଳ ପ୍ରବେଶ କରିଛି। ଲୋକେ ପାଣି ଘେରରେ ରହିଛନ୍ତି। ସୋନପୁର-ସମ୍ବଲପୁର ରାସ୍ତାର ଏସ୍.ପତ୍ରାପାଲି ଠାରେ ରାସ୍ତା ଉପରେ ଶନିବାର ବନ୍ୟାଜଳ ପ୍ରବାହିତ ହେଉଛି। ଉଲୁଣ୍ଡା ବ୍ଲକ ମୁଣ୍ଡୋଘାଟ ପଞ୍ଚାୟତର ମୁଣ୍ଡୋଘାଟ, ବିଜେପୁର ଓ ହିକୁଡି ଗାଁ ଏବେ ଜଳ ଘେରରେ ରହିଛି। ନଦୀକୂଳିଆ ଆପଟ ନୂଆଗଡ, ନୂଆପାଲି, ବୁରୋଘାଟ, ଖମ୍ଭେଶ୍ୱରୀପାଲି, ଦେଉଳି, ଫୁଲଚରା, ନୂଆଗଡ ଓ ତେଲଗାଁର ଅଧିବାସୀ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମୁଣ୍ଡୋଘାଟ ନିକଟରେ ଥିବା କୁଲଥି ଯୋର ଉପରେ ୨ ଦିନ ଧରି ୬ ଫୁଟ୍‌ର ପାଣି ପ୍ରବାହିତ ହେଉଛି। ବୀରମହାରାଜପୁର-ଅମରପାଲି ମୁଖ୍ୟରାସ୍ତାର ଭୁତିଆପାଲି ନିକଟସ୍ଥ ଘୁଙ୍ଗିନାଳ ପୋଲ ଉପର ଦେଇ ପାଣି ଚାଲିଛି। ସେହିପରି ଖଣ୍ଡହତା-ମୁର୍ଷୁଣ୍ଡୀ ରାସ୍ତାର ଚୌକାଠାରେ ବାଇଗଣି ଯୋର ପୋଲ ଉପରେ ପାଣି ଚାଲି ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୀରମହାରାଜପୁର-ରେଢାଖୋଲ ରାସ୍ତାର ବାଉରିଯୋର ପୋଲ ନିକଟରେ ବନ୍ୟାଜଳ ଚାଲିଛି। ଫଳରେ ବୀରମହାରାଜପୁରରୁ ରେଢାଖୋଲ, ବୌଦ୍ଧ ଓ ଆଠମଲ୍ଲିକ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସୁବର୍ଣ୍ଣପୁର ଜିଲାରେ ଶନିବାର ପାଗ ଶୁଖିଲା ରହିଛି। ତେବେ ଛତିଶଗଡରେ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରରୁ ଶନିବାର ୪୬ଟି ଗେଟ୍ ଖୋଲାଯାଇଛି। ଏହି ପାଣି ରାତି ସୁଦ୍ଧା ସୋନପୁରରେ ପହଞ୍ଚିବ। ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବ। ଜଳସେଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀର ଖଇରମାଳ ନିକଟରେ ୯ଲକ୍ଷ ୯୩ହଜାର ଘନଫୁଟ ଜଳ ପ୍ରବାହିତ ହେଉଛି। ସମ୍ଭାବ୍ୟ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ନଦୀ କୂଳ ତଳି ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ରହିବାକୁ ପରାମର୍ଶ ଦିଆଯାଇଛି।


ମହାନଦୀ ଉଚ୍ଛୁଳିବା ଯୋଗୁ ମହାନଦୀ ଗର୍ଭରେ ଥିବା ଲଙ୍କେଶ୍ୱରୀ ପୀଠ।

# ଦିନକରେ ସର୍ବାଧିକ ୧୪ଜଣଙ୍କ ମୃତ୍ୟୁ

## ମୃତ୍ୟୁ ସଂଖ୍ୟା ୪୭୦ ଛୁଇଁଲା

- ଆକ୍ରାନ୍ତ ସଂଖ୍ୟା ୯୭,୯୨୦

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ରାଜ୍ୟରେ ସଂକ୍ରମଣ ସହ କରୋନା ମୃତ୍ୟୁ ଘଟୁଛି। ଇତିମଧ୍ୟରେ ଦିନିକିଆ ସଂକ୍ରମଣରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଥିବାବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୫ଶହ ପାଖାପାଖି ପହଞ୍ଚିଲାଣି। ଶେଷ ୨୪ ଘଣ୍ଟାରେ ସର୍ବାଧିକ ୧୪ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ବାଲେଶ୍ୱର, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଓ ମାଲକାନଗିରିରୁ ୨ଜଣ ଲେଖାଏ ପ୍ରାଣ ହରାଇଥିବାବେଳେ ସୁନ୍ଦରଗଡ଼, ପୁରୀ, ଯାଜପୁର ଓ ବରଗଡ଼ରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୭୦ରେ ପହଞ୍ଚିଛି। ତେବେ ଗଞ୍ଜାମ ଜିଲାରେ ସବୁଠୁ ଅଧିକ ୧୮୫ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଦ୍ୱିତୀୟରେ ଥିବା ଖୋର୍ଦ୍ଧା ଜିଲାରେ ୬୧, ସୁନ୍ଦରଗଡ଼ ୩୪, କଟକ ୩୦ ଓ ପଞ୍ଚମରେ ଥିବା ରାୟଗଡ଼ା ଜିଲାରେ ୨୨ଜଣ କରୋନାରେ ଆଖିବୁଜିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟର ୩୦ ଜିଲାରୁ ଆଉ ୩,୨୫୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପୂର୍ବଭଳି ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୬୨ଜଣ ରହିଥିବାବେଳେ ରାୟଗଡ଼ା ୪୫୦, କଟକ ୩୨୩, ଗଞ୍ଜାମ ୧୬୯, ବରଗଡ଼ ୧୪୬, ପୁରୀ ୧୩୫, ନୟାଗଡ଼ ୧୨୦, ମୟୂରଭଞ୍ଜ ୧୨୩, ଢେଙ୍କାନାଳ ଓ ସୁନ୍ଦରଗଡ଼ରୁ ୯୪ଜଣ ଲେଖାଏ, ଯାଜପୁର ୮୩, ବାଲେଶ୍ୱର ୭୮, କେନ୍ଦ୍ରାପଡ଼ା ୭୭, ଭଦ୍ରକ ୭୬, ବଲାଙ୍ଗୀର ୬୪, ସମ୍ବଲପୁର ୬୩, ଝାରସୁଗୁଡ଼ା ୫୫, କେନ୍ଦୁଝର ୫୦, ନବରଙ୍ଗପୁର ୪୧, ବୌଦ୍ଧ ଓ ସୋନପୁରରୁ ୩୮ଜଣ ଲେଖାଏ, ଜଗତ୍‌ସିଂହପୁର ୩୬, କନ୍ଧମାଳ ୨୬, ନୂଆପଡ଼ା ୨୫, ମାଲକାନଗିରି ୨୧, ଗଜପତି ୨୦, ଅନୁଗୋଳ ୧୧, ଦେବଗଡ଼ ୭ ଓ କଳାହାଣ୍ଡିରୁ ୨ଜଣ ରହିଛନ୍ତି। ରାଜ୍ୟରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୭,୯୨୦କୁ ବୃଦ୍ଧି ପାଇଛି।

# ନୂଆ ଶିକ୍ଷାନୀତି ଅଧିକ ସୁଯୋଗ ଆଣିବ: ଧର୍ମେନ୍ଦ୍ର

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ପ୍ରତିଷ୍ଠା ଦିବସ

- ଏକାଡେମିକ ବ୍ଲକ, ଗ୍ରନ୍ଥାଗାର ଏବଂ ଷ୍ଟାଫ୍ କ୍ୱାର୍ଟର୍ସର ଶିଳାନ୍ୟାସ
- 'ଭରସା' ହେଲ୍ପଲାଇନ୍ ପଦକ୍ଷେପକୁ ପ୍ରଶଂସା
- କୋରାପୁଟର ଜୈବିକ କୃଷି ଉତ୍ପାଦିତ ସାମଗ୍ରୀର ବଜାର ସୃଷ୍ଟି ପାଇଁ ଆହ୍ୱାନ




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସ ଜରିଆରେ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଛାତ୍ରୀଛାତ୍ରଙ୍କ ପାଇଁ ଅଧିକ ସୁଯୋଗ ଆଣିଦେବ ଦେଶର ନୂଆ ଶିକ୍ଷାନୀତି। ଏହା ମାଧ୍ୟମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ପରିଶ୍ରମ ଆତ୍ମନିର୍ଭର ଭାରତ ନିର୍ମାଣରେ ଅଗ୍ରଣୀ ଭୂମିକା ନିର୍ବାହ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଭିଡିଓ କନଫରେନ୍ସ ଜରିଆରେ କୋରାପୁଟସ୍ଥିତ ଏହି ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ପ୍ରତିଷ୍ଠା ଦିବସରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ସେ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରୀୟାଲ ନିଶାଙ୍କ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏକାଡେମିକ ବ୍ଲକ, ଗ୍ରନ୍ଥାଗାର ଏବଂ ଷ୍ଟାଫ୍ କ୍ୱାର୍ଟର୍ସର ଶିଳାନ୍ୟାସ କରିଥିଲେ।

ସମ୍ପ୍ରତି କରୋନା ମହାମାରୀ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଆହ୍ୱାନ ସଦୃଶ ହୋଇଛି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ମାନସିକ ଚାପରୁ ମୁକ୍ତ ରଖିବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିଶାଙ୍କଙ୍କ ଦ୍ୱାରା ପୂର୍ବରୁ ଶୁଭାରମ୍ଭ କରାଯାଇଥିବା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର 'ଭରସା' ହେଲ୍ପଲାଇନକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅଣାଯାଇଥିବା ଶିକ୍ଷା ସଂସ୍କାର ଆଞ୍ଚଳିକ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ମଧ୍ୟରେ ସହଯୋଗ ସୃଷ୍ଟି କରିବ। ଏହାସହିତ କୋରାପୁଟ ଭଳି ଆକାଂକ୍ଷୀ ଜିଲାର ସାମୂହିକ ବିକାଶ କରିବ ବୋଲି ପ୍ରଧାନ କହିଛନ୍ତି। ଆଉଟ୍‌ଲୁକ-ଆଇକେୟାର ଇଣ୍ଡିଆ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍‌ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୨୫ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ଗବେଷଣା ନୂଆ ପ୍ରଚେଷ୍ଟା କରୁ ଏବଂ କୋରାପୁଟର ଜୈବିକ କୃଷି ଉତ୍ପାଦିତ ସାମଗ୍ରୀର ବଜାର ସୃଷ୍ଟି ପାଇଁ ଉଦ୍ୟମ କରୁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିଶାଙ୍କ କହିଛନ୍ତି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଆଶାର କେନ୍ଦ୍ର ହୋଇପାରିଛି। ଓଡ଼ିଶାର ପ୍ରତିଭାକୁ ଏହା ବିଶ୍ୱ ଦରବାରରେ ପରିଚିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ନୂଆ ଶିକ୍ଷାନୀତି ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ବିକାଶ କରିବା ସହ ସମାଜକୁ ଆଗକୁ ନେବାରେ ସହାୟକ ହେବ।






## ପିପିଲି- ଜଟଣୀ ରାସ୍ତାରେ ଆଣ୍ଠୁଏ ପାଣି

ପିପିଲି,(ଡି.ଏନ୍.ଏ./ସ୍ୱ.ପ୍ର.): ଉପରମୁଣ୍ଡରେ ଲଘୁଚାପଜନିତ ଲଗାଣ ବର୍ଷା ଓ ହୀରାକୁଦର ପାଣି ଯୋଗୁ ଦୟା ଓ ଭାର୍ଗବୀ ନଦୀରେ ବନ୍ୟାଜଳ ବଢ଼ିବାରେ ଲାଗିଛି। ଉଭୟ ନଦୀରେ ପାଣି ଶନିବାର ଅପରାହ୍ନ ସୁଦ୍ଧା ବିପଦସଙ୍କେତ ପାଖାପାଖି ଥିବାବେଳେ ନଦୀକୂଳିଆ ଅଞ୍ଚଳରେ ଲୋକେ ଭୟଭୀତ ଅଛନ୍ତି। ଦୟା ନଦୀର ପିପିଲିସ୍ଥିତ ଭାରତୀପୁର କାଜରୁ ଶନିବାର ସକାଳୁ ପାଣି ପଡ଼ିବା ଫଳରେ ଆଖପାଖ ଶହ ଶହ ଏକର ଚାଷ ଜମି ଜଳାର୍ଣ୍ଣବ ହୋଇଯାଇଛି। ଅନ୍ୟପକ୍ଷେ ପିପିଲି-ଜଟଣୀ ରାସ୍ତାର କଣ୍ଟି ପାଖରେ ଥିବା ମୁଖ୍ୟରାସ୍ତା ଉପରେ ପ୍ରାୟ ଆଣ୍ଠୁଏ ଉଚ୍ଚର ବନ୍ୟାଜଳ ଚାଲୁଛି।

**ସଂକ୍ଷେପରେ**

## ବିପଦ ସଙ୍କେତ ଉପରେ ଭାର୍ଗବୀ

**ନିମାପଡ଼ା,୨୯।୮(ଡି.ଏନ୍.ଏ.):** କୁଶଭଦ୍ରା, ଭାର୍ଗବୀ, ଧନୁଆଁ ନଦୀରେ ପ୍ରବାହିତ ହେଉଥିବା ବନ୍ୟାଜଳ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ବଳଙ୍ଗାଠାରେ ଭାର୍ଗବୀ ନଦୀର ବିପଦସଙ୍କେତ ୧୦.୪୨ମି. ଥିବାବେଳେ ଶନିବାର ତାହା ୧୧.୪୯ମି.ରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ନିମାପଡ଼ାରେ କୁଶଭଦ୍ରା ନଦୀରେ ବିପଦସଙ୍କେତ ୧୦.୮୨ ଥିବାବେଳେ ଏବେ ୯.୦୨ମି, ଗୋପରେ କୁଶଭଦ୍ରା ନଦୀରେ ୭.୭୨ମି. ଥିବାବେଳେ ଏବେ ୬.୫୩ ଓ ଧନୁଆ ନଦୀର ତିନିମୁହାଣଠାରେ ବିପଦସଙ୍କେତ ୬.୬୫ ମି. ଥିବାବେଳେ ଏବେ ୫.୦୫ମି. ବନ୍ୟାଜଳ ପ୍ରବାହିତ ହେଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ଜଣାପଡ଼ିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜଳସମ୍ପଦ ବିଭାଗ ସଜାଗ ଥିବାବେଳେ ପର୍ଯ୍ୟାପ୍ତ ପରିମାଣର ବାଲିବସ୍ତା, କାଠବଲା ଆଦି ସାମଗ୍ରୀ ମହଜୁଦ ଥିବା ନିର୍ବାହୀଯନ୍ତ୍ରୀ ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ କାମଦେବ ବିଶ୍ୱାଳ କହିଛନ୍ତି। ଏହାସହ ନିର୍ବାହୀଯନ୍ତ୍ରୀ ମିଶ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭିନ୍ନ ନଦୀବନ୍ଧ ପରିଦର୍ଶନ କରିବା ସହ ବନ୍ୟା ପରିସ୍ଥିତି ତଦାରଖ କରିଥିଲେ। ସେହିଭଳି ଏକ ଏନ୍‌ଡିଆର୍‌ଏଫ ଟିମ୍ ସହ ବିଡିଓ ମନୋଜ କୁମାର ବେହେରା ବାମନାଳ, ଉଛୁପୁରୁ, ବଳଙ୍ଗା, ହରିପୁର, ଧନୁଆ, ଶଗଡ଼ା ପ୍ରଭୃତି ପଞ୍ଚାୟତର ଅଞ୍ଚଳ ପରିଦର୍ଶନ କରିବା ସହ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ।

## ତଳି ଅଞ୍ଚଳକୁ ପଶିଲା ପାଣି

**କଟକ ଅଫିସ,୨୯।୮:** ମହାନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ଯୋଗୁ କଟକ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ଅପରାହ୍ନର ବିଭିନ୍ନ ତଳିଆ ସ୍ଥାନରେ ବନ୍ୟାଜଳ ପଶିଛି। କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୫୫ ନଂ ୱାର୍ଡର କହ୍ନେଇପୁର ଓ ଭଦିମୂଳ ଅଞ୍ଚଳର ଲୋକେ ବନ୍ୟାଜଳ ମଧ୍ୟରେ ଫସି ରହିଛନ୍ତି। ଗତ ଶୁକ୍ରବାରଠାରୁ ସେମାନଙ୍କ ଘରଗୁଡ଼ିକ ପାଣିଘେରରେ ରହିଛି। ବନ୍ୟା ପରିସ୍ଥିତି ସୃଷ୍ଟି ହେବା ପରେ ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛି। ଏଥିପାଇଁ ସହର ଓ ଗ୍ରାମାଞ୍ଚଳକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି ବୋଲି କହୁଥିବାବେଳେ ସହର ଉପକଣ୍ଠ ଅଞ୍ଚଳକୁ ଦୃଷ୍ଟି ଦେଉନାହିଁ। ଜିଲା ପ୍ରଶାସନ ପକ୍ଷରୁ ଜଣେ ବି ଅଧିକାରୀଙ୍କ ପାଦ ଏଯାବତ୍ ସେମାନଙ୍କ ଅଞ୍ଚଳକୁ ପଡ଼ି ନ ଥିବା କହ୍ନେଇପୁର, ଭଦିମୂଳ ଓ ଗାନ୍ଧିପଲ୍ଲୀର ବାସିନ୍ଦା ଅଭିଯୋଗ କରିଛନ୍ତି। ଓଡ୍ରାଫ୍ ଟିମ୍‌କୁ ବାଦ୍ ଦେଲେ ଜିଲା ପ୍ରଶାସନ କିମ୍ବା ସିଏମ୍‌ସିର କୌଣସି ଅଧିକାରୀ ସେମାନଙ୍କ ପାଖରେ ପହଞ୍ଚି ନାହାନ୍ତି। ଶନିବାର କେତେକ ଅଧିକାରୀ ଯାଇଥିଲେ, କିନ୍ତୁ ଲୋକଙ୍କ ଅସୁବିଧା ନ ବୁଝି ଚାଲି ଆସିଥିଲେ। ଏଯାବତ୍ ସେଠାରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଆଶ୍ରୟସ୍ଥଳୀରେ ରହିବା ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି। ତେଣୁ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ରାସ୍ତା ପାର୍ଶ୍ୱକୁ ସଫା କରି କୁଡ଼ିଆ କରୁଥିବା ଦେଖିବାକୁ ମିଳିଛି। ୱାର୍ଡର ପୂର୍ବତନ କର୍ପୋରେଟର ବୈଦେଶ୍ୱର ପଣ୍ଡା ବନ୍ୟା ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ଦାବି କରିଛନ୍ତି। ସ୍ଥାନୀୟ ୱାର୍ଡ ଅଫିସର ୱାଇ. ରାମୁଡୁ ରେଡ୍ଡିଙ୍କୁ ଏନେଇ ପଚରାଯିବାରୁ ସେ କହିଥିଲେ ଯେ, ବନ୍ୟା ପରିସ୍ଥିତି ସମସ୍ୟାର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ନଦୀକୂଳିଆ ଲୋକେ ଛାନିଆ

**ପୁରୀ ଅଫିସ,୨୯।୮**



କଣାସ ଗାଁରେ ବନ୍ୟାପାଣି ପ୍ରବାହିତ।

- କରୋନା ଭୟ ଭିତରେ ଆସୁଛି ବନ୍ୟା
- କଣାସ ଅଞ୍ଚଳରେ ଘରେ ପଶିଲା ପାଣି

କରୋନା ଆତଙ୍କ ଥମି ନ ଥିବାବେଳେ ଆସୁଛି ବନ୍ୟା। ବୋଝ ଉପରେ ନଳିତା ବିଡ଼ା ସଦୃଶ ଏଭଳି ଦୁଃସ୍ଥିତିକୁ ସାମ୍ନା କରିବାକୁ ଯାଉଛନ୍ତି ଲୋକେ। ହୀରାକୁଦର ୪୬ଟି ଗେଟ୍ ଖୋଲାଯିବା ପରେ ମହାନଦୀରେ ବନ୍ୟା ଆସୁଛି। ବର୍ତ୍ତମାନ ପୁରୀ ଜିଲାର ବିଭିନ୍ନ ନଦୀ ଉଚ୍ଛୁଳୁଛି। ବନ୍ୟା ପାଣି ପହଞ୍ଚିଲେ ସ୍ଥିତି ଆହୁରି ଅସମ୍ଭାଳ ହେବ ବୋଲି ଲୋକେ ଆଶଙ୍କା କଲେଣି। ଜିଲାର ନଦୀକୂଳିଆ ଲୋକେ ବେଶି ଛାନିଆ ହୋଇପଡ଼ିଛନ୍ତି। ବିଶେଷକରି କଣାସ ବ୍ଲକରେ ସ୍ଥିତି ଗମ୍ଭୀର ହୋଇଛି। ବିଭିନ୍ନ ଗାଁ ଏପରି କି ଲୋକଙ୍କ ଘରେ ପାଣି ପଶିଛି। ବିଭିନ୍ନ ନଦୀବନ୍ଧର ଦୁର୍ବଳ ସ୍ଥାନରେ ଘାଇ ସୃଷ୍ଟି ଆଶଙ୍କା ଥିବାରୁ ଲୋକେ ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଦୁର୍ବଳ ନଦୀବନ୍ଧ ପ୍ରତି ସତର୍କ ଦୃଷ୍ଟି ରଖାଯାଇଥିବା କୁହାଯାଇଛି।

ଦୟାନଦୀରେ ପୁରୀ ଜଳସେଚନ ବିଭାଗ ଅଧୀନ ନଦୀବନ୍ଧର ବିଭିନ୍ନ ସ୍ଥାନରେ ଘଳିଆ ପଡ଼ି ଘାଇ ସୃଷ୍ଟି ଯୋଗୁ ନିକଟବର୍ତ୍ତୀ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦୟାନଦୀର ଖୋର୍ଦ୍ଧା ଡିଭିଜନ ଅଧୀନ ନଦୀବନ୍ଧ ଡେଇଁ କଣାସ ବ୍ଲକର ବିଭିନ୍ନ ଗାଁରେ ପାଣି ପଶିଛି। ବହୁ ଲୋକଙ୍କ ଘରେ ପାଣି ପଶିଥିବାରୁ ସେମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଲୁଣାନଦୀର କରମଳାସ୍ଥିତ ପୁରୁଣା ବ୍ରିଜରେ ରାଜଦଳ ଅଟକି ରହିଥିବାରୁ ଜଳ ନିଷ୍କାସନ ହେବାରେ ବାଧା ଉପୁଜୁଛି। ରାଜୁଆ ନଦୀ ବି ଫୁଲୁଛି। ତେଣୁ ସମ୍ଭାବ୍ୟ ବନ୍ୟାକୁ ନେଇ କଣାସ ବ୍ଲକବାସୀ ଭୟଭୀତ ହୋଇପଡ଼ିଛନ୍ତି। ସେହିପରି ଭାର୍ଗବୀ ନଦୀର ବିଦ୍ୟାଧରପୁର ଗାଁ ପାଖ ବନ୍ଧରୁ ପାଣି ଝରୁଛି। ନିକଟବର୍ତ୍ତୀ ବିଦ୍ୟାଧରପୁର ଓ ଏହାର ନିକଟବର୍ତ୍ତୀ ସାହି ଲୋକେ ଚିନ୍ତାରେ ରହିଛନ୍ତି। ନଦୀରେ ଅଧିକ ପାଣି ହେଲେ ରାତିରେ ଘଳିଆ ଏବଂ ଘଳିଆରୁ ଘାଇ ସୃଷ୍ଟି ହେବା ନେଇ ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଶନିବାର ଅପରାହ୍ନରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ତଳମାଳ ପଞ୍ଚାୟତର ପୋଡ଼ାକେରା ବ୍ରିଜ୍‌ଠାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଜିଲାପାଳ ବଲୱନ୍ତ ସିଂ ଏବଂ ଏସ୍‌ପି ଅଖିଳେଶ୍ୱର ସିଂ ଡେଲାଙ୍ଗ, କଣାସ, ପିପିଲି ପ୍ରଭୃତି ଅଞ୍ଚଳ ବୁଲି ବିଭିନ୍ନ ନଦୀର ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ମାଟିଆପଡ଼ା ନିକଟରେ ଭାଙ୍ଗିଲା ଘାଇ

**କଣାସ ୨୯।୮(ସ୍ୱ.ପ୍ର/ଡି.ଏନ୍.ଏ.)**

କଣାସ ବ୍ଲକର ଦୟାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଶନିବାର ପାଣ୍ଡିଆକେରା ପଞ୍ଚାୟତର ମାଟିଆପଡାସ୍ଥିତ ନୂଆସାହିରେ ୧୦୦ ଫୁଟର ଏକ ଘାଇ ସୃଷ୍ଟି ହୋଇଛି। ଫଳରେ ପାଣ୍ଡିଆକେରା, ଗଡବଡପୁଟ ପଞ୍ଚାୟତର ମାଟିଆପଡା, ନୂଆସାହି, ଗଡବଡପୁଟ, ବୀରକେଶପୁର, ବାରଦା, ବାଦଲପୁର, ଡିଗିରିଆ, ଜୋରକଣି, ଡେଲାଙ୍ଗ ଚାରିପଡା, ପାଣ୍ଡିଆଗିରି, ବାଙ୍କତଳ, ପାଣ୍ଡିଆକେରା, ଘରଛିଆ, ଶିମିଳିପାଟଣା ଗ୍ରାମ ଜଳମଗ୍ନ ହୋଇଛି। ସନ୍ଧ୍ୟାରେ ଘାଇ ଭାଙ୍ଗିବାରୁ ପ୍ରତ୍ୟେକ ଗ୍ରାମରେ ଜଳସ୍ରୋତ ଛୁଟିବା ସହ ଅନେକଙ୍କ ଘରେ ବନ୍ୟାଜଳ ପଶିଛି। ଲୋକେ ଉଚ୍ଚ ସ୍ଥାନକୁ ଚାଲିଯାଇଛନ୍ତି। ଜିଲାପାଳ ବଲୱନ୍ତ ସିଂହ, ଉପଜିଲାପାଳ ଭବତାରଣ ସାହୁ, ଏସ୍‌ପି ଅଖିଳେଶ୍ୱର ସିଂହ, କଣାସ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଥାନାଧିକାରୀ ଘାଇ ସ୍ଥାନ ପରିଦର୍ଶନ କରିଛନ୍ତି। ପୂର୍ବରୁ ଅପରାହ୍ନରେ ବିଧାୟକ କଣାସର ବିଭିନ୍ନ ଜଳମଗ୍ନ ଅଞ୍ଚଳକୁ ବୁଲି ଦେଖିଛନ୍ତି। ଏବେ ଦୟା ନଦୀ ଏବଂ ଶାଖାନଦୀ ରାଜୁଆ, ମକରା, କାଣିଆ, ଲୁଣାରେ ବଡ଼ଧରଣର ବନ୍ୟା ସୃଷ୍ଟି ହୋଇଛି। ଦୟାନଦୀର ବିପଦସଙ୍କେତରୁ ବନ୍ୟାଜଳ ବୃଦ୍ଧି ପାଉଥିବାରୁ ସ୍ଥିତି ସଙ୍ଗିନ୍ ହୋଇପଡ଼ିଛି।

### ଜଳମଗ୍ନ ଅଞ୍ଚଳ ବୁଲିଲେ ବିଧାୟକ

ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, କଦଳିଦଣ୍ଡା, ବାଲିପାଟଣା, ତରପଡା, ବଡାସ ଆଦି ଗ୍ରାମଗୁଡ଼ିକ ୧୦ଦିନ ହେଲା ଜଳାର୍ଣ୍ଣବ ହୋଇ ରହିଛି। ବନ୍ୟାଜଳ ଘରେ ରହୁଥିବାରୁ ଖାଦ୍ୟ, ପାଣି ନ ପାଇ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମୟରେ ଶନିବାର ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ, ତହସିଲଦାର ଡଙ୍ଗା ଦ୍ୱାରା ଜଳମଗ୍ନ ଅଞ୍ଚଳ ବୁଲିବା ସହ ଲୋକଙ୍କ ସହ କଥା ହୋଇଛନ୍ତି। ଏହାସହ ଦୟାନଦୀ ବନ୍ଧର ଏକେଏସ୍‌ଏସ୍ ନିକଟରେ ପଡିଥିବା ଗଳିଆ ଦେଖିଛନ୍ତି। ଦୟାନଦୀ ବାମପାର୍ଶ୍ୱ ବନ୍ଧରେ ପ୍ରତିଥର ବନ୍ୟା ଆସିଲେ ଗଳିଆପଡି ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳର ଗ୍ରାମବାସୀଙ୍କ ନିଦ ହଜାଇଦିଏ। ବାରମ୍ବାର ତ୍ରିଲୋଚନପୁର, ରାଣୀପଡା, ଭାଟପଡା, ଏ.କେ.ଏସ୍.ଏସ୍ ନିକଟରେ ଘଳିଆ ପଡୁଥିଲେ ମଧ୍ୟ ତା'ର ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଜନସାଧାରଣରେ ତୀବ୍ରଅସନ୍ତୋଷ ଦେଖାଦେଇଛି। ଜଙ୍କିଆଠାରୁ ଗଡିଶାଗୋଦା ପର୍ଯ୍ୟନ୍ତ ଦୟାନଦୀ ବନ୍ଧରେ ବନ୍ୟାଜଳ ଉଛୁଳୁଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ବାଲିବସ୍ତାରେ ଆଡିବନ୍ଧ କରୁଥିବା ଦେଖିବାକୁ ମିଳିଛି।

## ଖୋର୍ଦ୍ଧାରେ ବଢୁଛି ଲୋକଙ୍କ ଦୁର୍ଦ୍ଦଶା

**ଖୋର୍ଦ୍ଧା ଅଫିସ,୨୯।୮**

- ଆଶ୍ରୟସ୍ଥଳକୁ ଶତାଧିକ ଲୋକେ ସ୍ଥାନାନ୍ତର
- ରନ୍ଧା, ଶୁଖିଲା ଓ ଗୋଖାଦ୍ୟ ବଣ୍ଟନ
- ସାରୁଆ ପଞ୍ଚାୟତର ଚାଷ ଜମିରେ ୪ ଫୁଟ ପାଣି

ରାକୁଦ ଗେଟ୍ ଖୋଲାଯିବା ପରେ ରାଜୁଆ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଖୋର୍ଦ୍ଧା ବ୍ଲକ ଓରବରସିଂ, ନରଣଗଡ଼ ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହୋଇଛି। ହଜାର ହଜାର ଏକର ଚାଷଜମି ପାଣିରେ ବୁଡ଼ି ରହିଛି। ଶୁକ୍ରବାର ଜିଲାପାଳ ଗାଁ ଦାଣ୍ଡରେ ଡଙ୍ଗାରେ ବୁଲି ବନ୍ୟା ସ୍ଥିତି ପରଖିଥିଲେ। ନଦୀ ଫୁଲୁଥିବାରୁ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ଲାଗି ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଶନିବାର ଡଙ୍ଗାରେ ଓରବରସିଂ ପଞ୍ଚାୟତର ହିରିମୂଳ, ଓରମି ଓ ଧବଳପୁର ଗ୍ରାମରୁ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଲୋକଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଆଗକୁ ବନ୍ୟାଜଳ ବଢିବା ଆଶଙ୍କା ରହିଛି। ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମବାସୀଙ୍କୁ ସ୍ଥାନାନ୍ତରିତ କରାଯିବ ବୋଲି ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି। ହିରିମୂଳ ଗ୍ରାମରେ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ପ୍ରାଣୀଧନ ବିଭାଗର ଏକ ଟିମ୍ ଗ୍ରାମରେ ପହଞ୍ଚି ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଗୋଖାଦ୍ୟ ପ୍ରଦାନ କରିଛନ୍ତି। ସେହିପରି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଟିମ୍ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ଦେଇଛନ୍ତି। ନରଣଗଡ଼ ପଞ୍ଚାୟତ ମାନପୁର ଗ୍ରାମର ଏକାଧିକ ଗ୍ରାମବାସୀ ଓ ଗୋରୁ ନିକଟସ୍ଥ ଆଶ୍ରୟସ୍ଥଳରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଗୋ ଖାଦ୍ୟ ଯୋଗାଇ ଦିଆଯାଇଛି। ୩ଦିନ ଧରି ପାଣି ଘେରରେ ରହିଥିବା ମାନପୁର ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଉକ୍ତ ଗ୍ରାମବାସୀ ଆଶ୍ରୟସ୍ଥଳରେ ରୋଷେଇ କରୁଥିବା ଦେଖିବାକୁ ମିଳିଛି। ରାଜୁଆ ନଦୀ ଯୋଗୁ ଦୁର୍ଦ୍ଦଶା ଭୋଗୁଥିବା ଗ୍ରାମବାସୀ ବନ୍ଧ ନିର୍ମାଣ ଲାଗି ଦାବି କରିଛନ୍ତି। ବେଗୁନିଆ ବ୍ଲକ ସାରୁଆ ପଞ୍ଚାୟତ ଅଞ୍ଚଳର ଏକର ଏକର ଚାଷ ଜମିରେ ୪ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଉଷ୍ଣ ପ୍ରସ୍ରବଣ(ଅତ୍ରି) ବନ୍ୟା ଜଳରେ ବୁଡ଼ି ରହିଥିବା ବେଳେ ଏହାର ନିକଟସ୍ଥ ଚାଷ ଜମିରେ ୩ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଜିଲାପାଳ ସନତ୍ କୁମାର ମହାନ୍ତି କହିଛନ୍ତି, ସ୍ଥିତି ଉପରେ ନଜର ରହିଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ବନ୍ୟା ସ୍ଥିତି ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ଏକ ଟିମ୍ ସେଠାରେ ଉପସ୍ଥିତ ଥିବା ସେ କହିଛନ୍ତି।




ଗ୍ରାମବାସୀଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି।

## ସର୍ପେଶ୍ୱର ପୋଲରେ ୩ ଫୁଟ୍ ବନ୍ୟାଜଳ

**ଖୁଣ୍ଟୁଣୀ,୨୯।୮(ଡି.ଏନ୍.ଏ.)**

ହୀରାକୁଦ ଜଳ ଭଣ୍ଡାରରୁ ୪୬ଟି ଗେଟ ଦେଇ ବନ୍ୟାଜଳ ପ୍ରବାହିତ ହେବା ଯୋଗୁ ଆଠଗଡ ବ୍ଲକର ଘଣ୍ଟିଖାଲ, ଧୁରୁଷିଆ ଓ କଟକିଆସାହି ପଞ୍ଚାୟତର ଅଧିକାଂଶ ଅଞ୍ଚଳର ଚାଷ ଜମିରେ ୩ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଏଥିସହିତ ଘଣ୍ଟିଖାଲ ପଞ୍ଚାୟତର ନିଧିପୁରଗଡ଼ା କଲଭର୍ଟ ଉପରେ ମଧ୍ୟ ୩ଫୁଟ ପାଣି ପ୍ରବାହିତ ହେଉଛି। ସେହିପରି କଟକିଆସାହି ପଞ୍ଚାୟତର କଖଡ଼ି-ମୁଣ୍ଡଳୀ ରାସ୍ତାର ସର୍ପେଶ୍ୱର ପୋଲ ଉପରେ ୩ ଫୁଟର ବନ୍ୟାଜଳ ଚାଲୁଛି। ଏହି ପଞ୍ଚାୟତର ବନ୍ଧହଟା, ବାଲିସାହି ଓ ବଳରାମପୁର ଗ୍ରାମର ଶତାଧିକ ଧାନ ଜମିରେ ସାପୁଆ ନଦୀର ବନ୍ୟାଜଳ ଆସି ଚାଷ ଜମିକୁ ସମ୍ପୂର୍ଣ୍ଣ ବୁଡାଇ ରଖିଛି। ସାପୁଆ ନଦୀରେ ବନ୍ୟା ଆସି ଧୁରୁଷିଆ ପଞ୍ଚାୟତର ଗଜାଆମ୍ବ, କେଉଟପଡା, ଜେନାପୁର, ଜଗମୋହନପୁର, ଗୋପାଳପ୍ରସାଦ ଆଦି ଗ୍ରାମର ଶତାଧିକ ଜମିରେ ଧାନଫସଲରେ ପାଣି ପଶି ନଷ୍ଟ ହୋଇଯାଇଛି। ସେହିପରି ମହାକାଳବସ୍ତ ପଞ୍ଚାୟତର ଦହିସରା ବ୍ରିଜ ଉପରେ ଓ ଡାଉରଙ୍ଗ ଗଦା ପାଖରେ ପୁରୁଣା କଟକ-ସମ୍ବଲପୁର ରାସ୍ତା ଉପରେ ପାଣିର ସୁଅ ଛୁଟିଛି। ବନ୍ୟାଜଳ ଏଭଳି ବୃଦ୍ଧି ପାଉଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସର୍ପେଶ୍ୱର ପୋଲ ଉପରେ ବନ୍ୟାଜଳ ଧୀରେ ଧୀରେ ବୃଦ୍ଧି ପାଉଥିବାର ସ୍ଥାନୀୟ ଗ୍ରାମର ଶ୍ରୀଧର ସ୍ୱାଇଁ, ବିଜୟ ସାହୁ, ପ୍ରଶାନ୍ତ ସ୍ୱାଇଁ ଓ ଦିବାକର ଓଝା କହିଛନ୍ତି।



ସଚିବ ଦେଓ ରଞ୍ଜନ ସିଂ ଓ କଟକ ଜିଲାପାଳ ବନ୍ୟାସ୍ଥିତି ସମୀକ୍ଷା କରୁଛନ୍ତି।

## କଟକ: ୭୦% ଚାଷଜମି ପ୍ରଭାବିତ

**କଟକ ଅଫିସ,୨୯।୮**

### ବନ୍ୟାଞ୍ଚଳ ସ୍ଥିତି ସମୀକ୍ଷା କଲେ ପଞ୍ଚାୟତିରାଜ ସଚିବ

କଟକରେ ବନ୍ୟା ପରିସ୍ଥିତି ଦେଖାଦେବା ପରେ ଏହି ଜିଲା ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ଓ ପାନୀୟଜଳ ପ୍ରମୁଖ ସଚିବ ଦେଓ ରଞ୍ଜନ ସିଂ ଶନିବାର ବନ୍ୟାଞ୍ଚଳ ପରିଦର୍ଶନ ଓ ସ୍ଥିତି ସମୀକ୍ଷା କରିଛନ୍ତି।

କଟକ ଜିଲାର ୮ଟି ବ୍ଲକ, ୨୨ଟି ପଞ୍ଚାୟତ ଓ ୩୧ ଗ୍ରାମରେ ପାଣି ମାଡ଼ିଯାଇ ଆଂଶିକ କ୍ଷତି ଘଟିଛି। କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳର ୨ଟି ୱାର୍ଡରେ ବନ୍ୟାଜଳ ପଶିଥିବାରୁ ନିଷ୍କାସନ ବ୍ୟବସ୍ଥା କରାଯାଉଛି। ଓଡ଼ଶିଙ୍ଗା ଓ ନରସିଂହପୁର ଡିମିରିଆଠାରେ ରାସ୍ତା ସଂଯୋଗ କରାଯାଇ ଥିବାବେଳେ ବାଙ୍କୀ ଉପଖଣ୍ଡ ଅଞ୍ଚଳରେ କାଇମୁଣ୍ଡି-ଚାରିଘରିଆ, ଶୁଖୁଆଖଳା-କରବରା, ଡମପଡ଼ା ଅଞ୍ଚଳର ତାଳବସ୍ତ-ବିଲିପଦା, ସାଲେପୁର ମହାନ୍ତିସାହି ରାସ୍ତାକୁ କଟାଯାଇ ଜଳ ନିଷ୍କାସନ କରାଯାଉଥିବା ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି। ପ୍ରଭାବିତ ଲୋକଙ୍କୁ ନିରାପଦ ସ୍ଥାନକୁ ନିଆଯାଉଛି। ସମଗ୍ର ଜିଲାରେ ୭୦ ପ୍ରତିଶତ ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଛି। ରାସ୍ତାରେ ବନ୍ୟାଜଳ ଚାଲୁଥିବାରୁ ଯାତାୟତ ସୁବିଧା ପାଇଁ ଶନିବାର ୫ଟି ବୋଟ୍‌ର ବ୍ୟବସ୍ଥା କରାଯାଇଛି। ୬ ଜଣିଆ ଓଡ୍ରାଫ୍ ଟିମ୍, ୬ ଜଣିଆ ଅଗ୍ନିଶମ ବାହିନୀ, ଡାକ୍ତରୀ ଓ ଭେଟେରନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ଜିଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ସ୍ଥିତି ଉପରେ ନଜର ରଖାଯାଇଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ମୁଣ୍ଡଳୀଠାରେ ୯ ଲକ୍ଷ ୪୮ ହଜାର ୯୦୫ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ଜିଲାପାଳ ଚୟନୀ କହିଛନ୍ତି।

## ସୁଜାତାନଗରବାସୀ ଜଳବନ୍ଦୀ

**ପୁରୀ ଅଫିସ,୨୯।୮:** ପ୍ରତିବର୍ଷ ବର୍ଷାଦିନେ ସୁଜାତାନଗର ଏବଂ ମାଟିତୋଟା ଅଞ୍ଚଳବାସୀଙ୍କ ଦୁଃଖ ବଢ଼ିଯାଏ। ମାସାଧିକ କାଳ ସେମାନେ ଜଳବନ୍ଦୀ ଜୀବନ ବିତାଇଥାନ୍ତି। ଏଥର ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ସମାନ ଦୁର୍ଦ୍ଦଶା ଦେଖିବାକୁ ମିଳିଛି। ଦୁଇଦିନ ପୂର୍ବରୁ ହୋଇଥିବା ବର୍ଷା ଯୋଗୁ ସୁଜାତା ନଗର ଓ ମାଟିତୋଟା ଅଞ୍ଚଳରେ ପାଣି ଜମି ରହିଛି। ଗୋଟିଏ ପଟେ ବାଇପାସ୍ ରୋଡ୍ ଯାଇଥିବା ଏବଂ ଅନ୍ୟପଟେ ଏହା ଖାଲୁଆ ଅଞ୍ଚଳ ହୋଇଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁ ନାହିଁ। ଗତ ୩/୪ ବର୍ଷ ହେଲା ଏହି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନାହିଁ। ବାଇପାସ୍ ନିର୍ମାଣ ନ ହେବା ପୂର୍ବରୁ ପାଣି ନିଷ୍କାସନ ହୋଇ ଯାଉଥିଲା। ମାତ୍ର ଏବେ ଦୀର୍ଘଦିନ ଧରି ପାଣି ଜମି ରହୁଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ସୁଜାତାନନଗର, ମାଟିତୋଟା ପଞ୍ଚମ ଲେନ୍ ରାସ୍ତାରେ ଅଣ୍ଟାଏ ଉଚ୍ଚର ପାଣି ଜମିଛି। ଫଳରେ ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ଅତ୍ୟାବଶ୍ୟକ କାମରେ ବାହାରିଲେ ବି ବିଭିନ୍ନ ପ୍ରକାର ସଂକ୍ରାମକ ରୋଗର ଭୟ ରହୁଛି। କେତେକ ଲୋକଙ୍କଠାରେ ଚର୍ମରୋଗ ଦେଖାଦେଲାଣି ବୋଲି ମାଟିତୋଟା ପଞ୍ଚମ ଲେନ୍‌ର ପ୍ରବୀର ରାୟ କହିଛନ୍ତି। ଏ ନେଇ ସେମାନେ ଜିଲା ପ୍ରଶାସନ ଏପରି କି ଏସ୍‌ଆର୍‌ସିଙ୍କୁ ମଧ୍ୟ ଟୁଇଟ୍ କରି ଜଣାଇଛନ୍ତି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ରାୟ କହିଛନ୍ତି।



## ସମ୍ଭାବ୍ୟ ବନ୍ୟା ମୁକାବିଲା ସମୀକ୍ଷା

**ପୁରୀ ଅଫିସ, ୨୯।୮**



ସମୀକ୍ଷା ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

- ସଜାଗ ରହିବାକୁ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ନିର୍ଦ୍ଦେଶ
- ଗୋଟିଏ ଲେଖାଏ ଓଡ୍ରାଫ୍, ଏନ୍‌ଡିଆରଏଫ୍ ୟୁନିଟ୍ ମୁତୟନ

ହୀରାକୁଦର ଗେଟ୍ ଖୋଲାଯିବା ପରେ ମହାନଦୀ ଏବଂ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଆଶଙ୍କା ବଢ଼ିଛି। ମହାନଦୀରେ ବନ୍ୟା ଆସୁଥିବା ନେଇ ସରକାରଙ୍କ ପକ୍ଷରୁ ଉପକୂଳବର୍ତ୍ତୀ ବିଭିନ୍ନ ଜିଲାକୁ ସତର୍କ କରିଦିଆଯାଇଛି। ଉପକୂଳବର୍ତ୍ତୀ ପୁରୀ ଜିଲା ଦେଇ ପ୍ରବାହିତ ଦୟା, ଭାର୍ଗବୀ ଆଦି ନଦୀ ମଧ୍ୟ ଉଚ୍ଛୁଳିଲାଣି। ତେଣୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସମ୍ଭାବ୍ୟ ବନ୍ୟା ମୁକାବିଲାର ସମୀକ୍ଷା କରିଛନ୍ତି। ଶନିବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଦାସବର୍ମା ବିଭାଗୀୟ ଅଧିକାରୀଙ୍କୁ ସତର୍କ ଓ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଦୟା, ଭାର୍ଗବୀ, ରତ୍ନଚିରା, ଲୁଣା, ମକରା ନଦୀର ବିଭିନ୍ନ ସ୍ଥାନରେ ଥିବା ଅସୁରକ୍ଷିତ ନଦୀବନ୍ଧ ପ୍ରତି ତୀକ୍ଷ୍ଣ ନଜର ରଖିବାକୁ ସେ କହିଛନ୍ତି।

ମହାନଦୀରୁ ଉପରୋକ୍ତ ନଦୀଗୁଡ଼ିକୁ ୫ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବା ସମ୍ଭାବନା ରହିଛି। ଏହି ପାଣି ଚିଲିକା ହ୍ରଦ ଦେଇ ସମୁଦ୍ରରେ ମିଶିବ। ପୁରୀ ଜିଲାରେ ମଧ୍ୟମ ଧରଣର ବନ୍ୟା ହୋଇପାରେ ବୋଲି ଦାସବର୍ମା ଆଶଙ୍କା ପ୍ରକାଶ କରିଛନ୍ତି। ଏହାର ମୁକାବିଲା ନିମନ୍ତେ ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ସହ ବନ୍ୟା ପ୍ରଭାବିତ ଲୋକଙ୍କୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଓ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଲାଗି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଲାଗି ପ୍ରସ୍ତୁତ ରହିବାକୁ ଜିଲା ପ୍ରଶାସନକୁ ଦାସବର୍ମା ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ଅଧିକାରୀମାନଙ୍କୁ ବନ୍ୟା ପରେ ତୁରନ୍ତ ଫସଲ କ୍ଷୟକ୍ଷତି ଆକଳନ କରିବା ପାଇଁ କୁହାଯାଇଛି। ବ୍ରହ୍ମଗିରିରେ ଗୋଟିଏ ୟୁନିଟ୍ ଓଡ୍ରାଫ ଏବଂ ଡେଲାଙ୍ଗ ଓ କଣାସରେ ଗୋଟିଏ ୟୁନିଟ୍ ଏନ୍‌ଡିଆର୍‌ଏଫ୍ ମୁତୟନ ରହିଛନ୍ତି। ଜିଲାପାଳ ବଲୱନ୍ତ ସିଂ ଗତ ଶୁକ୍ରବାର ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଥାନା ଅଧିକାରୀଙ୍କ ସହ ସମ୍ଭାବ୍ୟ ବନ୍ୟା ପରସ୍ଥିତିର ମୁକାବିଲା ନେଇ ପ୍ରସ୍ତୁତି ବୈଠକ କରିଥିଲେ। ବନ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ଜିଲାପାଳ କହିଛନ୍ତି। ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ନାଥଶର୍ମା, ଉପଜିଲାପାଳ ଭବତାରଣ ସାହୁ, ଜଳସମ୍ପଦ ବିଭାଗ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଚିନ୍ମୟ ରାଉତ, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର (ଡ୍ରେନେଜ) ଭଗବାନ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ ପୁରୀ ସର୍କିଟ୍ ହାଉସ୍‌ରେ ସମ୍ଭାବ୍ୟ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି।

ବ୍ୟକ୍ତି- ସର୍ବସ୍ୱ ସମାଜ ବ୍ୟବସ୍ଥା ଅପେକ୍ଷା ସମଷ୍ଟି-ସର୍ବସ୍ୱ ବ୍ୟବସ୍ଥା ମୂଳତଃ ଶ୍ରେଷ୍ଠତର – ଯେପରି ଈର୍ଷା ଓ ପରର ହତ୍ୟା ଅପେକ୍ଷା ଭ୍ରାତୃଭାବର ସମ୍ପର୍କ ହେଉଛି ଶ୍ରେଷ୍ଠ। କିନ୍ତୁ ୟୁରୋପର ଯେତେ ସମାଜ- ତନ୍ତ୍ରୀ ବ୍ୟବସ୍ଥା କାର୍ଯ୍ୟତଃ ପ୍ରଣୟନ କରାଯାଇଛି- ସେଗୁଡିକ ହେଲା ଯୁଗଭାର –ଅତ୍ୟାଚାର–ଓ କାରାଗାର। **–ଶ୍ରୀଅରବିନ୍ଦ**



# ଅନ୍‌ଲକ୍ ୪.୦



ଆକାର ପଟେଲ

ସେପ୍ଟେମ୍ବର ପହିଲାରୁ ଆମେ ଅନଲକ୍ ୪.୦ ଦେଖିବା। ଏହା କ'ଣ ପାଇଁ ହେଉଛି ମୁଁ ଜାଣିପାରୁନି ଏବଂ ଭାବୁଛି କେହି ବି ବାସ୍ତବରେ ଏହାକୁ ବୁଝିପାରୁ ନ ଥିବେ। ଦେଖିବାକୁ ଗଲେ ଲକ୍‌ଡାଉନ ଓ ଶଟ୍‌ଡାଉନରେ ସବୁକିଛି ବନ୍ଦ କରି କୋଭିଡ୍ ସଂକ୍ରମଣ ସମ୍ଭାଳିବା ପାଇଁ ଭାରତ ସରକାର ଚେଷ୍ଟା କରିଆସିଛନ୍ତି। ଲୋକମାନଙ୍କୁ କାର୍ଯ୍ୟକ୍ଷେତ୍ରକୁ ଯିବାକୁ ମନା କରିବା ସହ ଯଦି ସେମାନଙ୍କୁ ପରସ୍ପରଠାରୁ ଦୂରେଇ ରହିବାକୁ ସରକାର ବାଧ କରନ୍ତି ତେବେ ସଂକ୍ରମଣକୁ ବନ୍ଦ କିମ୍ବା ଧିମା କରାଯାଇପାରିବ। କିନ୍ତୁ କ'ଣ ସବୁ ନିୟମ ଅଣାଯାଉଛି ତାହା ପ୍ରକୃତରେ ମୁଁ ବୁଝିପାରୁନାହିଁ । ଉଦାହରଣ ସ୍ୱରୂପ,ଏୟାରଲାଇନ୍ ମେ'ଠାରୁ ତା' କାମ ଆରମ୍ଭ କରିଛି। ୩ ମାସରୁ ଊର୍ଦ୍ଧ୍ୱ ହେବ ଏହା ସେବା ଯୋଗାଇ ଆସିଲାଣି। ଅଧାଯାତ୍ରୀଙ୍କୁ ନେଇ ସବୁ ଫ୍ଲାଇଟ୍ ଚାଲିବାକୁ ଅନୁମତି ଦିଆଯାଇଛି। କିନ୍ତୁ ଲକ୍‌ଡାଉନ ଆରମ୍ଭ ହେବା ପରଠାରୁ ଇଣ୍ଡିଆନ୍ ରେଲ୍‌ୱେ ବନ୍ଦ ରହିଛି। ପ୍ରତିଦିନ ୧୭,୦୦୦ ଟ୍ରେନ୍ ଭାରତରେ ଚାଲେ, କିନ୍ତୁ ଏବେ ମାତ୍ର ୨୩୦ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲୁଛି। ସବୁ ଫ୍ଲାଇଟ୍ ଚାଲିବାକୁ ସରକାର ଅନୁମତି ଦେଇଥିବା ବେଳେ ସବୁ ଟ୍ରେନ୍ ଗଡିବାକୁ ଅନୁମତି ନ ଦେବା କେତେ ଯୁକ୍ତିଯୁକ୍ତ। ବିମାନ ଯାତ୍ରୀମାନେ ବସିବାରେ ୬ ଫୁଟ ଦୂରତା ରଖିପାରିବେ ନାହଁ ବୋଲି ସରକାର ସେମାନଙ୍କୁ ଟ୍ରେନ୍‌ରେ ନ ଯାଇ ବିମାନରେ ଯିବାକୁ ଦେବା ଅପ୍ରାସଙ୍ଗିକ ମନେହେଉଛି। କୋଭିଡ୍ ସଂକ୍ରମଣ ରୋକିବାରୁ ଲାଭ ମିଳିବା ଅନିଶ୍ଚିତ, କିନ୍ତୁ ଏହାଦ୍ୱାରା ଅର୍ଥବ୍ୟବସ୍ଥାରେ କ୍ଷତି ହେବା ଦେଖାଯାଉଛି। ଗତ ମାସରେ ସୁରଟ୍‌ରୁ ପ୍ରକାଶିତ ଏକ ରିପୋର୍ଟରେ ଟେକ୍ସଟାଇଲ ପ୍ରଡକ୍ସନ ସାମାନ୍ୟ ସ୍ତରରୁ ୨୫ ପ୍ରତିଶତ କମ୍ ରହିଥିବା ଓ ଏହାର ମୁଖ୍ୟ କାରଣ ଶ୍ରମିକଙ୍କ ଅଭାବ ବୋଲି କୁହାଯାଇଥିଲା। ଜୁଲାଇ ୩୧ରେ ହିନ୍ଦୁ ଫ୍ରଣ୍ଟଲାଇନ ମାଗାଜିନରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ ଏପ୍ରିଲ ଓ ମେ'ରେ ସୁରଟ୍ ଏବଂ ଏହାର ଆଖପାଖ ଶିଳ୍ପାଞ୍ଚଳରୁ ୩୦ ଲକ୍ଷରୁ ଅଧିକ ଲୋକ ଛାଡି ଚାଲି ଯାଇଛନ୍ତି। ଏପରି କି ଏମାନେ ଏବେ କାମକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କ ପାଇଁ ପ୍ରାୟତଃ କୌଣସି ବାଟ ନାହିଁ। ଆଉ ଏକ ଖବରରୁ ଜଣାପଡିଛି,ସୁରଟ ଛାଡି ଚାଲିଯାଇଥିବା ଶ୍ରମିକମାନଙ୍କୁ ଫେରାଇ ଆଣିବା ଲାଗି ମିଲ୍ ଚାଲିବା ଓ ବ୍ୟବସାୟ ଆରମ୍ଭ ହୋଇଯାଇଛି। କିନ୍ତୁ ଏବେ କାହିଁକି ସରକାର ଟ୍ରେନ୍ ଚାଲୁ କରୁନାହାନ୍ତି ତାହା ବୁଝାପଡୁନି। ମୁମ୍ବାଇର ଲୋକାଲ ଟ୍ରେନ୍‌ଗୁଡିକୁ ବନ୍ଦ ରଖାଯାଇଥିବାବେଳେ ଏହି ସପ୍ତାହରେ ଦିଲ୍ଲୀ ମେଟ୍ରୋ ଅଧା ଯାତ୍ରୀଙ୍କୁ ନେଇ ଚାଲିବ ବୋଲି ଜଣାପଡିଛି। ସାମ୍ବାଦିକମାନେ ସେମାନଙ୍କ ଦୁଃଖ ଜଣାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଏକ ଲେଖା ମୁଁ ଦେଖିବାକୁ ପାଇଲି । ବିଭିନ୍ନ ସ୍ଥାନକୁ ଟ୍ୟାକ୍ସିରେ ଯିବା ବ୍ୟୟ ସାପେକ୍ଷ ହେଉଥିବାରୁ ସ୍ୱୀକୃତି ପାଇ ନ ଥିବା ସାମ୍ବାଦିକମାନଙ୍କୁ ଟ୍ରେନ୍‌ରେ ଯିବାକୁ ଅନୁମତି ଦେବା ପାଇଁ ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି।

ସ୍କୁଲ ଓ କଲେଜମାନ ବନ୍ଦ ରହିବ, କିନ୍ତୁ ପରୀକ୍ଷା ଚାଲିବ। ମୋ ଜାଣିବାରେ ଏହାର ବି କିଛି ମାନେନାହିଁ। ସବୁ ସ୍କୁଲ ଓ କଲେଜକୁ ଅନ୍‌ଲାଇନ କ୍ଲାସ କରିବାକୁ କହୁଛେ । ଅପରପକ୍ଷରେ ପରୀକ୍ଷା ଦେବାକୁ କାହିଁକି ଛାତ୍ରୀଛାତ୍ରମାନଙ୍କୁ ଅଧିକ ସଂଖ୍ୟାରେ ଏକାଠି ହେବାକୁ କୁହାଯାଉଛି। ଉଭୟ ସିନେମା ହଲ ଓ ଫ୍ଲାଇଟ ସିଟ୍ ମଧ୍ୟରେ ଦୂରତା ପ୍ରାୟ ସମାନ ଥିବାବେଳେ ସାମାଜିକ ଦୂରତା ନିୟମ ଅନୁସାରେ କେବଳ ୨୫ ପ୍ରତିଶତ ଦର୍ଶକଙ୍କୁ ନେଇ ଶୋ' ଚାଲିବା ସମ୍ଭବ ହେବ ନାହିଁ ବୋଲି ସିନେମା ହଲ ବନ୍ଦ ରହିବାକୁ କୁହାଗଲା। ଅଧିକ ନିଯୁକ୍ତି ଯୋଗାଇ ଆସିଥିବା ମନୋରଞ୍ଜନ ଶିଳ୍ପର ସବୁଠୁ ବଡ କ୍ଷେତ୍ର ସିନେମା ହଲ୍ ଖୋଲିବାକୁ ଅନୁମତି ନ ଦେବା ପଛର କାରଣ କ'ଣ ? ରେସ୍ତୋରାଁ ଖୋଲିବାକୁ ଅନୁମତି ଦିଆଗଲା, କିନ୍ତୁ ବାର୍‌କୁ ନୁହେଁ। କାହିଁକି ଏପରି କରାଗଲା ? ରେସ୍ତୋରାଁରେ ବସିବାର କୌଣସି ଷ୍ଟାଣ୍ଡାର୍ଡ ଫର୍ମାଟ ନ ଥିବା ଆମେ ଜାଣୁ। ବାର୍‌ରେ ମଧ୍ୟ ଏକା ଅବସ୍ଥା। କିନ୍ତୁ ଅନ୍‌ଲକ ୪.୦ରେ ମଦ୍ୟପଙ୍କୁ କାଉଣ୍ଟରରେ ମଦ ସର୍ଭେ କରିବା ପାଇଁ ବାର୍‌କୁ ଅନୁମତି ଦିଆଯିବ, କିନ୍ତୁ ତା ଭିତରେ ନୁହେଁ। ଅର୍ଥାତ୍ ବାର୍ ମଦ ଷ୍ଟୋର ପାଲଟିଯିବ । ଜିମ୍ ଖୋଲିବା ଉପରେ କେନ୍ଦ୍ର ଓ ରାଜ୍ୟଗୁଡିକ ମଧ୍ୟରେ ପୁଣି କିଛି ଦ୍ୱନ୍ଦ୍ୱ ବି ଆସିଯାଇଛି। କେନ୍ଦ୍ର ଜିମ୍ ଖୋଲିବାକୁ ଅନୁମତି ଦେଇଥିବାବେଳେ ରାଜ୍ୟଗୁଡିକ ତାହା କରିବାକୁ ଦେଉନାହାନ୍ତି।

ଅନ୍ୟ ଦେଶଗୁଡିକରେ ଲକ୍‌ଡାଉନ ପ୍ରାୟତଃ ଇଚ୍ଛାଧୀନ ରହିଆସିଛି। କିନ୍ତୁ ଭାରତରେ ଏହା ଏକ ପ୍ରକାର କର୍ଫ୍ୟୁ। ଏପରି କି ଆଜି ବି ବାହାରକୁ ଯିବାର ଉପଯୁକ୍ତ କାରଣ ନ ଦର୍ଶାଇଲେ ମୁମ୍ବାଇ ପୋଲିସ ଆପଣଙ୍କ ଗାଡ଼ିକୁ ଜବତ କରିପାରିବ। 'ଉପଯୁକ୍ତ କାରଣ'ର ଅର୍ଥ କ'ଣ ତାହା ନିଶ୍ଚିତ ଭାବେ ପୋଲିସକୁ ଜଣା। ଆମ ଦେଶରେ 'ୱାନ୍ ନେଶନ ୱାନ୍ ଟ୍ୟାକ୍ସ' ରହିଛି, କିନ୍ତୁ ଆମ ଲୋକମାନଙ୍କର ଯିବାରେ ସ୍ୱାଧୀନତା ନାହିଁ। ଯେଉଁମାନେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିବେ ସେମାନେ ଅନୁମତି ଲାଗି ଦରଖାସ୍ତ ଦେଉଥିବା ପ୍ରକ୍ରିୟାକୁ ନିଶ୍ଚିତ ଭାବେ ଅନୁଭବ କରିଥିବେ। ଅନୁମତି ପୁଣି କାହାକୁ ମିଳେ ତ କାହାକୁ ମିଳେନି। କାର୍ଯ୍ୟ କରିବାକୁ ମନା କରି ଭାରତ କୋଭିଡ ସଂକ୍ରମଣ ରୋକିବାକୁ କିମ୍ବା ବନ୍ଦ କରିବାକୁ ଚେଷ୍ଟା କରିଛି ବୋଲି ମୁଁ ଆରମ୍ଭରୁ ଦର୍ଶାଇଛି। କିନ୍ତୁ ମୋ ଜାଣିବାରେ ଏହା କରିପାରିନି। ଆର୍ଜେଣ୍ଟିନା ସହ ଭାରତ ଭଳି ବୃହତ୍ ରାଷ୍ଟ୍ରରେ ମାର୍ଚ୍ଚରୁ ଲଗାତର ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସାମୂହିକ ସ୍ତରରେ ଜଣଙ୍କ ଉତ୍ତମ ଆଚରଣ ଅର୍ଥାତ ଠିକ୍‌ଭାବେ ନିୟମ ପାଳନ କରିବା ହିଁ ସଂକ୍ରମଣ ରୋକିବାର ଏକ ମାତ୍ର ଉପାୟ । କିନ୍ତୁ ଆମ କେନ୍ଦ୍ରମନ୍ତ୍ରୀମାନେ ମୁହଁ ଓ ନାକକୁ ମାସ୍କରେ ଘୋଡ଼ାଇ ରଖିବା ପରିବର୍ତ୍ତେ ଗଳାରେ ପିନ୍ଧିଥିବା ଲକ୍ଷ୍ୟ କରାଯାଉଛି। ଏମାନେ କିଭଳି ଲୋକମାନଙ୍କୁ ଉତ୍ତମ ଆଚରଣର ବାର୍ତ୍ତା ଦେବେ ? ସେମାନେ କେବେ ବି ଏହା କରିପାରିବେ ନାହିଁ। ଏଣୁ ଏଥିପାଇଁ ଆମେ ଅସଂଖ୍ୟ ନିୟମ ଲାଗୁ କରିଥିଲେ ବି ଅସଫଳ ହୋଇଛେ, ଯାହା ସଂକ୍ରମଣ ସଂଖ୍ୟାରୁ ହିଁ ପ୍ରମାଣିତ । ଅନ୍‌ଲକ ୧.୦, ୨.୦ ଏବଂ ୩.୦ରେ ଅମଲାତନ୍ତ୍ରକୁ ଅନେକ ଅଜବ ଓ ଅପ୍ରାସଙ୍ଗିକ ନିୟମ ଗଢିବାରେ ବ୍ୟସ୍ତ ରଖାଯାଇଥିଲେ ମଧ୍ୟ ସଂକ୍ରମଣ ରୋକିପାରିନାହୁଁ। ଏବେ ଅନ୍‌ଲକ୍ ୪.୦ରେ ତାହା ହିଁ ଘଟିବ।

Email:aakar.patel@gmail.com

# କପା ଓ ଓଡ଼ିଶାରେ ନିଯୁକ୍ତି ସମ୍ଭାବନା



ନଟବର ଖୁଣ୍ଟିଆ

କପାକୁ କୁହାଯାଏ 'ଧଳା ସୁନା'। ସୁନା ହେଉଛି ବିଶ୍ୱର ସବୁଠାରୁ ମୂଲ୍ୟବାନ ଧାତୁ। କପା ସେହିପରି ମୂଲ୍ୟବାନ ନ ହେଲେ ବି କପାରୁ ବସ୍ତ୍ର ପ୍ରସ୍ତୁତ କରି ବ୍ୟବହାର ଉପଯୋଗୀ କରିବା ପର୍ଯ୍ୟନ୍ତ ଯେଉଁ ସବୁ ପ୍ରକ୍ରିୟା ଦେଇ ଗତି କରେ ଆଉ ସେହି ପ୍ରକ୍ରିୟାରେ ଯେତେ ସବୁ ଲୋକ କର୍ମ ସଂସ୍ଥାନ ପାଆନ୍ତି ତାକୁ ବିଚାରକୁ ନେଲେ କପା ଏକ ଅତି ମୂଲ୍ୟବାନ ବସ୍ତୁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ମଣିଷ ଏକ ସାମାଜିକ ପ୍ରାଣୀ। ମଣିଷର ଦୁଇଟି ଅତି ଅତ୍ୟାବଶ୍ୟକ ଆବଶ୍ୟକତା ହେଲା ଖାଦ୍ୟ ଓ ବସ୍ତ୍ର। କପାର ଉତ୍ପାଦନଠାରୁ ଆରମ୍ଭ କରି ବସ୍ତ୍ର ପ୍ରସ୍ତୁତ ହୋଇ ବିକ୍ରୟ ଯୋଗ୍ୟ କରିବା ପରେ ବ୍ୟବହାରକାରୀଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ଯେଉଁ ସବୁ ପ୍ରକ୍ରିୟା ମଧ୍ୟରେ ଗତି କରେ ସେଗୁଡ଼ିକ ହେଲା – କପାଚାଷ, କପାର ଅମଳ, କପାରୁ ମଞ୍ଜି ବାହାର କରିବା, ତୁଳାକୁ ଚାପ ଦେଇ ଛୋଟଛୋଟ ବ୍ଲକ ପ୍ରସ୍ତୁତ କରି ବିକ୍ରୟ ଯୋଗ୍ୟ କରିବା, ମଞ୍ଜିରୁ ଖାଇବା ତେଲ ବାହାର କରିବା, ମଞ୍ଜି ପେଡ଼ା ହୋଇ ତେଲ ବାହାରିବା ପରେ ଯେଉଁ ପିଡ଼ିଆ ବାହାରେ ତାକୁ ଗୋଖାଦ୍ୟ ପ୍ରସ୍ତୁତିରେ ଉପଯୋଗ କରିବା, ତୁଳା ବ୍ଲକକୁ ଗୋଦାମ ଘରେ ସାଇତି ରଖି ଆବଶ୍ୟକ ବେଳେ ସୂତାକଳକୁ ବିକ୍ରି କରିବା, ସୂତାକଳରେ ସୂତା ପ୍ରସ୍ତୁତ ହେବାପରେ ସେହି ସୂତାକୁ ବୁଣାକାରମାନେ ଓ ମିଲ୍‌ଗୁଡ଼ିକ ନେଇ ଲୁଗା ବୁଣିବା, ବସ୍ତ୍ର ଉତ୍ପାଦନ ହେବା ପରେ ସେହି ବସ୍ତ୍ର ସବୁକୁ ଖାଉଟିମାନଙ୍କ ପାଖରେ ପହଞ୍ଚାଇବା, ସେଥିରୁ ବିଭିନ୍ନ ପ୍ରକାର ପୋଷାକ ପ୍ରସ୍ତୁତ କରି ଘରୋଇ ବଜାରକୁ ଛାଡ଼ିବା ସହିତ ବିଦେଶକୁ ରପ୍ତାନି କରିବା କାମରେ ଯେତେ ଲୋକ ନିଯୁକ୍ତି ପାଆନ୍ତି ତାହା କୃଷି ପରେ ବସ୍ତ୍ର ଶିଳ୍ପ ଦ୍ୱିତୀୟ ବୃହତ୍ତମ କର୍ମ ଯୋଗାଣକାରୀ ସଂସ୍ଥା। ଏଥିରୁ ସହଜରେ ଅନୁମେୟ କପାର କିଭଳି ଅସୀମ ଶକ୍ତି ଅଛି ଲୋକଙ୍କୁ ନିଯୁକ୍ତି ଯୋଗାଇ ଦେବା ପାଇଁ।

ପ୍ରକୃତି ଓଡ଼ିଶାକୁ ପ୍ରାକୃତିକ ସଂପଦରେ ସମୃଦ୍ଧ କରିଥିଲେ ବି ଆମେ ତାହାର ଉପଯୁକ୍ତ ଉପଯୋଗ କରି ନ ଥିବାରୁ ଆମ ରାଜ୍ୟରେ ବେକାରି ଆଜି ଶୀର୍ଷରେ। କୋଭିଡ୍-୧୯ର ସଂକ୍ରମଣ ପରେ କିପରି ଲକ୍ଷ ଲକ୍ଷ ସଂଖ୍ୟାରେ ଦାଦନ ଶ୍ରମିକ ବିଭିନ୍ନ ରାଜ୍ୟରୁ ଫେରିଲେ ତାହା ପ୍ରମାଣ କରେ ଆମ ରାଜ୍ୟରେ ବେରୋଜଗାରୀ କେତେ ଉତ୍କଟ। କେବଳ ଗୁଜରାଟର ବୟନ ଶିଳ୍ପରେ ୭ଲକ୍ଷରୁ ଅଧିକ ଓଡ଼ିଆ ଦାଦନ ଶ୍ରମିକ କାମ କରୁଛନ୍ତି ବୋଲି ବିଭିନ୍ନ ସର୍ଭେରୁ ଜଣାଯାଇଛି।

ଆମ ଓଡ଼ିଶାର ଦକ୍ଷିଣ- ପଶ୍ଚିମ ଜିଲା- ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀରରେ କପାଚାଷ ବୃଦ୍ଧିପାଇବାରେ ଲାଗିଛି। ଏହି ଜିଲାଗୁଡ଼ିକରେ ପ୍ରାୟ ୩.୫ ଲକ୍ଷ ବେଲ୍‌ସ ତୁଳା ଉତ୍ପାଦନ ହେଉଛି। ଏହି ତୁଳାର ତନ୍ତୁ ଉତ୍କୃଷ୍ଟ, ଯାହାର ଚାହିଦା ଦେଶସାରା ଅଛି। କପା ଚାଷର ସଂପ୍ରସାରଣରେ ରାଜ୍ୟ କୃଷି ବିଭାଗର ଭୂମିକା ଯେତିକି ଅଛି ତା'ଠାରୁ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ବଡ଼ବଡ଼ କପାଚାଷୀଙ୍କ ଭୂମିକା କିଛି କମ୍ ନାହିଁ। ସେମାନେ ଛୋଟ ଛୋଟ ଚାଷୀଙ୍କଠାରୁ ଜମି ଠିକାରେ ନେଇ ଉନ୍ନତ ପ୍ରଣାଳୀରେ କପା ଚାଷ କରି ଅମଳ ପରେ କପା ସବୁ ତାଙ୍କ ରାଜ୍ୟକୁ ନେଇ ଯାଆନ୍ତି। ଜମି ମାଲିକମାନଙ୍କୁ ଏକର ପିଛା କିଛି ନିର୍ଦ୍ଦିଷ୍ଟ ପରିମାଣରେ ଟଙ୍କା ଦିଅନ୍ତି।

ଓଡ଼ିଶାରେ ମୋଟ ୩.୫ ଲକ୍ଷ ବେଲ୍‌ସ ତୁଳା ଉତ୍ପାଦନ ହେଉଥିବାବେଳେ ୨ ଲକ୍ଷ ବେଲ୍‌ସର ମଞ୍ଜି ଓଡ଼ିଶାରେ ଛଡା ହେଉଛି। ୧.୫ ଲକ୍ଷ ବେଲ୍‌ସର କପା ଅନ୍ୟ ରାଜ୍ୟକୁ ଚାଲିଯାଉଛି। ସେ ରାଜ୍ୟରେ ମଞ୍ଜି ଛଡା ହେଉଛି। କପା ମଞ୍ଜିରୁ ତେଲ ବାହାରେ। ସେହି ତେଲରୁ ଖାଇବା ତେଲ ବନସ୍ପତି ପ୍ରସ୍ତୁତ ହୁଏ ଏବଂ ଯେଉଁ ପିଡ଼ିଆ ବାହାରେ ସେଥିରୁ ଗୋଖାଦ୍ୟ ପ୍ରସ୍ତୁତ ହୁଏ। ଆମର ଏଠି କପା ମଞ୍ଜିରୁ ତେଲ ବାହାର କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ ନା ପିଡିଆରୁ ଗୋଖାଦ୍ୟ ପ୍ରସ୍ତୁତ କରିବାରେ ବ୍ୟବସ୍ଥା ନାହିଁ। ତେଣୁ ଅନ୍ୟ ରାଜ୍ୟରେ କପା ତେଲ ବାହାରେ ଓ ଗୋଖାଦ୍ୟ ପ୍ରସ୍ତୁତ ହୁଏ। ଆମେ ସେସବୁ କ୍ରୟ କରିଥାଉ।

ଯେଉଁ ୨ ଲକ୍ଷ ବେଲ୍‌ସ ତୁଳା ମଞ୍ଜି ଛଡାଇବା ପରେ ବାହାରେ ତାକୁ ବ୍ଲକ ତିଆରି କରି ସାଇତି ରଖି ଧୀରେ ଧୀରେ ବଜାର ଚାହିଦାନୁସାରେ ବିକ୍ରି କରିବା ପାଇଁ ଉପଯୁକ୍ତ ଗୋଦାମ ଓ ବଜାରର ବ୍ୟବସ୍ଥା ନ ଥିବାରୁ ଛୋଟଛୋଟ ଚାଷୀମାନେ ଦର ଅଦରରେ ତୁଳା ବିକ୍ରି କରି ଦେବାକୁ ବାଧ ହୁଅନ୍ତି।

ବିଡ଼ମ୍ବନାର କଥା ଯେତେବେଳେ ଆମ ରାଜ୍ୟରେ ନାମକୁମାତ୍ର କପା ଉତ୍ପାଦନ ହେଉଥିଲା, ସେତେବେଳେ ଚୌଦ୍ୱାରଠାରେ ଓଡ଼ିଶା ଟେକ୍ସଟାଇଲ ମିଲ- ଓ.ଟି.ଏମ୍. ସ୍ଥାପନ ହୋଇ ସମଗ୍ର ପୂର୍ବ ଭାରତରେ ଏକ ଅଗ୍ରଣୀ ଲୁଗାକଳ ରୂପେ ଖ୍ୟାତି ଅର୍ଜନ କରିଥିବାବେଳେ ଆଜି ତାହା ବନ୍ଦ ହୋଇଯାଇଛି। ଆମ ରାଜ୍ୟରେ ଲୁଗାକଳ ଆଜି ନାହିଁ ନା ସୂତାକଳ ବି ନାହିଁ। ଆମେ ୩.୫ ଲକ୍ଷ ବେଲ୍‌ସ ତୁଳା ଉତ୍ପାଦନ କରୁଥିଲେ ବି ଗୋଟିଏ ମିଟର ସୂତା ଆମର ଏଠି ଉତ୍ପାଦନ ହେଉ ନାହିଁ।

ଆମ ରାଜ୍ୟର ବୁଣାକାରମାନେ ହସ୍ତତନ୍ତରେ ଲୁଗା ବୁଣିବା ପାଇଁ ଆବଶ୍ୟକ କରୁଥିବା ସୂତା ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ସେଥିପାଇଁ ସମସ୍ୟାର ସମ୍ମୁଖୀନ ହେବା ସହିତ ଅଧିକ ମୂଲ୍ୟ ଦେଇ କିଣୁଛନ୍ତି, ଯାହାଫଳରେ ଓଡିଶାରେ ହସ୍ତତନ୍ତ ବସ୍ତ୍ରର ଉତ୍ପାଦନ ବର୍ଷ ପରେ ବର୍ଷ ହ୍ରାସ ପାଇବାରେ ଲାଗିଛି। ଆମର ବୁଣାକାରମାନେ ବେକାର ହେଉଛନ୍ତି ଓ ସେମାନଙ୍କର ଆୟ ବୃଦ୍ଧି ହେଉ ନାହିଁ।

ଆମର ଲୁଗା ଉତ୍ପାଦନ ହେଉ ନ ଥିବାରୁ ଆମେ ବାହାର ରାଜ୍ୟରୁ ଲୁଗା ଆମଦାନୀ କରୁଛୁ। ଏହାଦ୍ୱାରା ଆମ ରାଜ୍ୟର ଅର୍ଥ ଅନ୍ୟ ରାଜ୍ୟକୁ ଚାଲିଯାଉଛି ଏବଂ ଆମ ରାଜ୍ୟରେ ଆମର ଆବଶ୍ୟକ ଲୁଗା ଉତ୍ପାଦନ ହେଉଥିଲେ ଆମର ବହୁ ଲୋକ ନିଯୁକ୍ତି ପାଇଥାନ୍ତେ। ଆମେ ପ୍ରତିବର୍ଷ କେତେ ଟଙ୍କାର ବସ୍ତ୍ର ଆମଦାନୀ କରୁଛୁ ତାହାର କୌଣସି ସମର୍ଥିତ ପରିସଂଖ୍ୟାନ ନ ଥିଲେ ବି ଆନୁମାନିକ ଆମେ ଏବେ ବାର୍ଷିକ ପ୍ରାୟ ୯ହଜାର କୋଟି ଟଙ୍କାର ବସ୍ତ୍ର ଆମଦାନୀ କରୁଛୁ। ଓଡ଼ିଶାରେ ଯଦି କପାରୁ ମଞ୍ଜି ଛଡାଇବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଥାଆନ୍ତା ତେବେ ଜିନିଂ ମିଲ୍‌ରେ ବହୁ ଲୋକ ନିଯୁକ୍ତି ପାଆନ୍ତେ ଏବଂ ମଞ୍ଜିଛଡା କପାରୁ ବ୍ଲକ ତିଆରି କରିବାରେ ଏବଂ ସେସବୁକୁ ଉପଯୁକ୍ତ ଗୋଦାମରେ ସାଇତି ରଖି ଆବଶ୍ୟକ ବେଳେ ବିକ୍ରି କରିବାରେ ଅନେକ ଲୋକ ନିଯୁକ୍ତି ପାଆନ୍ତେ। ସେହି ବ୍ଲକରୁ ସୂତା ତିଆରି କରିବା ପାଇଁ ଯଦି ଉପଯୁକ୍ତ ସଂଖ୍ୟାରେ ସୂତାକଳ ଥାଆନ୍ତା ତେବେ ସୂତା ପ୍ରସ୍ତୁତିରେ ଅନେକ ଲୋକ ନିଯୁକ୍ତି ପାଆନ୍ତେ। ସେହି ସୂତାକୁ ନେଇ ପାୱାରଲୁମ୍ ସ୍ଥାପନ ହୁଅନ୍ତା, ସେଠି ମଧ୍ୟ ଲୋକ ନିଯୁକ୍ତି ପାଆନ୍ତେ। ଯଦି ପଶ୍ଚିମ ଓଡ଼ିଶାରେ ଯେଉଁ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ କପା ଉତ୍ପାଦନ ହେଉଛି ସେଠି ଏକ ବଡ଼ଧରଣର ଲୁଗାକଳ ସ୍ଥାପନ ହୁଅନ୍ତା । କପାର ଉପଯୋଗ ହୁଅନ୍ତା- ଲୁଗାର ଆବଶ୍ୟକତା ଆମେ ମେଣ୍ଟାଇ ପାରନ୍ତେ ଏବଂ ବହୁଲୋକ ନିଯୁକ୍ତି ପାଆନ୍ତେ। ସୂତା ପର୍ଯ୍ୟାପ୍ତ ପରିମାଣରେ ଆମ ରାଜ୍ୟରେ ମିଳିଲେ ଆମ ବୁଣାକାରମାନେ ସୁବିଧାରେ ସୂତା ପାଇ ହସ୍ତତନ୍ତ ବସ୍ତ୍ର ଉତ୍ପାଦନ ଅଧିକ କରି ଲାଭବାନ ହୁଅନ୍ତେ। ଆମ ରାଜ୍ୟରେ କପଡ଼ା ଉତ୍ପାଦନ ହେଲେ ପୋଷାକ ଶିଳ୍ପର ବିକାଶ କରି ଆମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିକା ଦେଇ ପୋଷାକ ଉତ୍ପାଦନ ବଢ଼ାଇଲେ ଆମ ରାଜ୍ୟର ଚାହିଦା ମେଣ୍ଟାଇବା ସହ ରାଜ୍ୟ ବାହାରକୁ ଓ ବିଦେଶକୁ ରପ୍ତାନି କରିପାରନ୍ତେ। କିନ୍ତୁ ଆମ ରାଜ୍ୟରେ କପାର ଉପଯୋଗ ହେଉନାହିଁ ଅଥଚ ଆମର ସାତ ଲକ୍ଷ ବୁଣାକାର ଗୁଜରାଟରେ ଯାଇ ଦାଦନ ଶ୍ରମିକ ରୂପେ ଖଟି ତାଙ୍କ ରାଜ୍ୟ ଅର୍ଥନୀତିକୁ ସମୃଦ୍ଧ କରୁଛନ୍ତି। ଏହାଛଡା କପା ମଞ୍ଜିରୁ ତେଲ ବାହାର କରି ଖାଇବା ତେଲ ଉତ୍ପାଦନ ହୁଅନ୍ତା ଏବଂ କପା ପିଡିଆରୁ ଗୋଖାଦ୍ୟ ମଧ୍ୟ ପ୍ରସ୍ତୁତ ହୋଇପାରନ୍ତା।

ସରକାର ଏକ ଦୀର୍ଘମିଆଦୀ ଯୋଜନା କରି ଯଦି କପାର ଯଥାଯଥ ଉପଯୋଗ କରି କପା ସମ୍ବନ୍ଧୀୟ ବିଭିନ୍ନ ଶିଳ୍ପର ବିକାଶ କରନ୍ତେ ତେବେ ଆମ ରାଜ୍ୟର ଅର୍ଥନୀତି ସମୃଦ୍ଧ କେବଳ ହୁଅନ୍ତା ନାହିଁ ରାଜ୍ୟରୁ ନିଯୁକ୍ତି ସମସ୍ୟାର ସମାଧାନ ହୋଇ ବର୍ତ୍ତମାନ ଥିବା ବେକାରମାନଙ୍କ ମଧ୍ୟରୁ ଅଧାରୁ ଅଧିକ କପା ସମ୍ବନ୍ଧୀୟ ଶିଳ୍ପରେ ନିଯୁକ୍ତି ପାଇପାରନ୍ତେ। ଆମର କଥାରେ ଅଛି 'ଜଣେ ଦଶ ଲୋକଙ୍କୁ ପୋଷେ'। ଏହି ନ୍ୟାୟର ପ୍ରୟୋଗ କରି ଲୋକଙ୍କୁ କାମ ଯୋଗାଇବା ସମ୍ଭବ ହୁଅନ୍ତା।

ଏ୫୦୨, ମୋତିବ୍ଲକ, ତୋଷାଳୀ ଆପାର୍ଟମେଣ୍ଟ
ସତ୍ୟନଗର, ଭୁବନେଶ୍ୱର,
ମୋ-୯୯୩୭୯୫୧୨୬୨

# ଉତ୍ସର୍ଗୀକୃତ ଡାକ୍ତର

## ବ୍ୟକ୍ତିତ୍ୱ



ରବି ସୋଲାଙ୍କି

କୋଭିଡ୍-୧୯ ମୁକାବିଲା ଦିଗରେ ଡାକ୍ତରମାନେ ସର୍ବାଧିକ ସେବା କରି ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛନ୍ତି। ଭାରତୀୟ ବଂଶୋଦ୍ଭବ ଡାକ୍ତର ରବି ସୋଲାଙ୍କି ବ୍ରିଟେନ୍‌ରେ କରୋନା ପ୍ରତିହତ କରିବାକୁ ଯାଇ ନେଇଥିବା ପଦକ୍ଷେପ ତାଙ୍କୁ ବ୍ରିଟେନ୍ ରୟାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ ପ୍ରେସିଡେଣ୍ଟ୍ସ ଆୱାର୍ଡ ପାଇବାକୁ ଯୋଗ୍ୟ ବିବେଚିତ କରାଇଛି। ମହାମାରୀ ସମୟରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବଛାଯାଇଥିବା ୧୯ ଜଣଙ୍କ ମଧ୍ୟରୁ ରବି ସ୍ଥାନ ପାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀ ଚର୍ଚ୍ଚାକୁ ଆସିଛି।

ଡାକ୍ତର ସୋଲାଙ୍କି ଓ ଇଞ୍ଜିନିୟର ରେମଣ୍ଡ୍ ସିମ୍ସ ମିଶି କରି ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍)ରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ଗୋଟିଏ ମଞ୍ଚରେ ରଖି ସେବା ଯୋଗାଇବା ଲାଗି ଏକ ୱେବ୍‌ସାଇଟ୍ ବିକଶିତ କରିଛନ୍ତି। ଦାତବ୍ୟ ସଂସ୍ଥା 'ହେଲ୍‌ଥ କେୟାର ଏକ୍ସଟ୍ରାଅଡିନାରୀ ରେସ୍‌ପନ୍ସ ଅର୍ଗାନାଇଜେଶନ ଏଜୁକେଶନ ଆଣ୍ଡ୍ ସପୋର୍ଟ' ଲାଗି ଏହି ମଞ୍ଚ ସୃଷ୍ଟି କରାଯାଇଛି। ଏହାରି ମାଧ୍ୟମରେ ବ୍ରିଟେନ୍‌ରେ ସ୍ୱାସ୍ଥ୍ୟକର୍ମୀଙ୍କୁ ସହାୟତା ଦେବା ପାଇଁ କୋଭିଡ୍-୧୯ ମୁକାବିଲା ନିମନ୍ତେ ପାଣ୍ଠି ସଂଗ୍ରହ, ପରାମର୍ଶ ଯୋଗାଇ ଦେବା, ଶିଶୁଯତ୍ନ ସହାୟତା ଓ ଅନ୍ୟାନ୍ୟ ସେବା ଯୋଗାଇବା ସମ୍ଭବ ହୋଇପାରିଛି। ଏବର ଜଟିଳ ସ୍ଥିତିରେ ବ୍ରିଟେନ୍‌ର ଏନ୍‌ଏଚ୍‌ଏସ୍ ସ୍ୱାସ୍ଥ୍ୟ କର୍ମୀଙ୍କୁ ସହାୟତା ଦେବା ଲାଗି ଦାତବ୍ୟ ସଙ୍ଗଠନ ଜରିଆରେ ପାଣ୍ଠି ସଂଗ୍ରହ କରାଯାଇଛି। ଫଳରେ ୯୦,୦୦୦ ସ୍ୱାସ୍ଥ୍ୟ କର୍ମୀ ଉପକୃତ ହୋଇପାରିଛନ୍ତି। ଡାକ୍ତର ରବି ସୋଲାଙ୍କିଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଏ ଦିଗରେ ନୂଆ ଦିଗ୍‌ଦର୍ଶନ ଦେଇଛି। ରବି ନ୍ୟୁରୋଡିଜେନେରେଟିଭ୍ ରୋଗ ବିଶେଷଜ୍ଞ ଭାବେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି। ରେମଣ୍ଡଙ୍କ ସହ ମିଶି ରବି ବିକଶିତ କରିଥିବା ୱେବ୍‌ସାଇଟ୍ ଜରିଆରେ ସ୍ୱେଚ୍ଛାକୃତ କାର୍ଯ୍ୟ ଜାରି ରହିଛି। ନିକଟରେ ଘୋଷଣା କରାଯାଇଥିବା ସମ୍ମାନ ଓ ପୁରସ୍କାର ପାଇବାରେ ବ୍ୟକ୍ତିବିଶେଷ, ସଙ୍ଗଠନ, ମିଳିତ ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ।

ସାଧାରଣତଃ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ସର୍ବନିମ୍ନ ଆବଶ୍ୟକତା ଭାବେ ବ୍ୟକ୍ତିଗତ ସୁରକ୍ଷା ଯନ୍ତ୍ରପାତି ବା ପିପିଇ ଦିଆଯାଉ ନ ଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଉଛି। ସ୍ଥଳବିଶେଷରେ ଅନେକ ସ୍ୱାସ୍ଥ୍ୟ କର୍ମୀ କୋଭିଡ୍-୧୯ରେ ପଡ଼ି ପ୍ରାଣ ହରାଉଛନ୍ତି। ସେମାନଙ୍କ ଦୁର୍ଦ୍ଦଶା ରବିଙ୍କୁ ବ୍ୟଥିତ କରିବା ପରେ ସେ ରେମଣ୍ଡଙ୍କ ସହ ମିଶି ନେଇଥିବା ନୂଆ ପଦକ୍ଷେପ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଯାଇଛି। ଯେତେବେଳେ ଅନେକ ଡାକ୍ତର ନିଜର ସ୍ୱାର୍ଥ ହାସଲ ଲାଗି ଅର୍ଥକୁ ସବୁକିଛି ଧରି ନେଇ ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାରେ ବୁଡ଼ିରହୁଛନ୍ତି, ସେଭଳି ସ୍ଥଳେ ରବିଙ୍କ ଅଭିନବ ଚିନ୍ତାଧାରା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ଭାବେ ଗଢ଼ି ତୋଳିଛି। ଏକାଡେମୀ ପୁରସ୍କାର କମିଟି ଅଧ୍ୟକ୍ଷ ପ୍ରଫେସର ରାଫାଏଲା ଓକୋନି କହିଛନ୍ତି ଯେ, ଅଭିନବତ୍ୱ ଆଣିବା ଦିଗରେ ରବିଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିପାରିଛି। ବିଶେଷକରି କରୋନା ମହାମାରୀ ସମୟରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନି ଏକାଡେମୀ ସେମାନଙ୍କୁ ପୁରସ୍କୃତ କରିବା ନିଶ୍ଚିତ ଭାବେ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଓକୋନି କହିବା ପରେ ରବିଙ୍କ ବ୍ୟକ୍ତିତ୍ୱ ଆହୁରି ଉଜ୍ଜ୍ୱଳ ହୋଇଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସହରରେ ଏବେ ଛାତ ଉପରେ ଚାଷ କରିବାକୁ ଅନେକେ ପସନ୍ଦ କରୁଥିବାବେଳେ ସେମାନଙ୍କ ପାଇଁ ଥାନେ ସୋସାଇଟି ପଥପ୍ରଦର୍ଶନ ପାଲଟିବ ବୋଲି କୁହାଯାଇପାରେ। କାରଣ ଏହି ସୋସାଇଟିର ସଦସ୍ୟମାନେ ଛାତ ଉପରେ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି । ଏମାନେ କେବଳ ଚାଷ କରୁନାହାନ୍ତି, ଛାତ ଉପରେ ସୌରଶକ୍ତି ଉତ୍ପାଦନ କରି ତାହାକୁ ମହାରାଷ୍ଟ୍ର ସରକାରଙ୍କୁ ବିକ୍ରି କରୁଛନ୍ତି। ବିଦ୍ୟୁତ୍ ଶକ୍ତି ବିଲ୍ ବାବଦରେ ମାସକୁ ସେମାନେ ୪୦ ହଜାର ଟଙ୍କା ହିସାବରେ ବର୍ଷକୁ ପାଖାପାଖି ୫ ଲକ୍ଷ ଟଙ୍କା ବଞ୍ଚାଇ ପାରୁଛନ୍ତି। ୩୦ କିଲୋୱାଟର ଏହି ସୋଲାର ପ୍ଲାଣ୍ଟ ପାଇଁ ଏମାନେ ୨୦ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ଏଥିପାଇଁ କେହି ଜଣେ ବି ଟଙ୍କା ଦେଇନାହାନ୍ତି। ସବୁ କିଛି ସୋଲାର ପ୍ଲାଣ୍ଟ ସପ୍ଲାୟର ସହ ଚୁକ୍ତି କରି କରାଯାଇଛି। ପ୍ରତିଦିନ ଏଥିରୁ ୧୪୦ ୟୁନିଟ୍ ଶକ୍ତି ମିଳୁଛି। ସୋସାଇଟିର ନେତୃତ୍ୱ ନେଉଛନ୍ତି ରିନି ଭର୍ଗିସ। ମୋଟରେ ୧୫୦ ବକେଟ୍‌ରେ ଚାଷ କରାଯାଉଛି। ଗୋଟିଏ ବକେଟ୍‌ର ଓଜନ ପ୍ରାୟ ୪୦ କେ.ଜି.। ସଦସ୍ୟମାନେ ଏହାକୁ ଲିଫ୍ଟ ମାଧ୍ୟମରେ ଛାତ ଉପରକୁ ନେଉଛନ୍ତି। ଚାଷରେ ସେମାନେ ଗୋବର ଓ ପରିବା ଚୋପାର ଖତ ବେଶି ଉପଯୋଗ କରୁଛନ୍ତି। ମୁଖ୍ୟତଃ ଟମାଟୋ, ବାଇଗଣ, ଶାଗ, ପୋଇ ଓ ଭେଣ୍ଡି ଆଦି ପରିବା ଚାଷ କରାଯାଉଛି। ସଦସ୍ୟମାନେ ପ୍ରତିଦିନ ଚାଷରେ ଘଣ୍ଟାଏ ସମୟ ଦେଉଛନ୍ତି।

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଳେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 4 | 5 | 0 | C | | | | | | | | | |
| | | | | | 7 | B | | | A | | | | | 0 |
| 8 | | | | | | | A | 3 | 0 | | | E | 2 | C |
| | | 6 | 4 | | D | | | | | | | | B | |
| | | 7 | | | | | | | D | | | | 3 | |
| E | A | | 3 | | | | 4 | | 7 | D | B | | | |
| | C | | | 4 | | | | 8 | | | | | | A |
| B | | D | 1 | | | A | E | | | | 5 | 7 | | |
| | | 1 | 8 | | A | | | | | | 9 | | | |
| | | 9 | | | 5 | | | 7 | 3 | | | | 4 | 8 |
| D | 0 | | | | | 2 | | 4 | | | 7 | 3 | 8 | |
| | | 3 | | | | | 9 | E | C | | | | 0 | |
| 2 | 7 | C | 0 | | | | 8 | | | E | | 5 | | |
| | 9 | | | E | | | | | | | 1 | | A | D |
| | | | | 1 | | | | C | 8 | | 2 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 8 | 7 | 0 | 9 | C | 2 | 1 | 4 | B | 6 | E | A | 5 | D |
| 0 | B | D | 5 | 1 | E | 3 | 9 | C | A | 4 | 7 | 2 | 6 | 8 |
| 1 | 2 | A | 8 | 6 | 7 | E | B | D | 0 | C | 5 | 3 | 4 | 9 |
| 9 | 4 | 5 | B | 3 | A | 6 | 7 | 8 | D | 2 | 1 | C | E | 0 |
| C | 6 | E | 2 | D | 4 | A | 5 | 0 | 3 | 9 | 8 | 7 | 1 | B |
| 4 | D | 1 | A | C | 5 | 8 | 0 | 7 | 2 | B | 3 | E | 9 | 6 |
| 5 | 0 | 2 | 9 | 7 | 6 | D | A | E | C | 8 | 4 | 1 | B | 3 |
| 8 | C | 6 | E | B | 0 | 1 | 2 | 3 | 5 | A | 9 | D | 7 | 4 |
| A | E | B | 3 | 4 | 2 | 9 | 6 | 5 | 7 | 1 | D | 8 | 0 | C |
| 7 | 3 | 9 | 1 | 8 | D | C | 4 | B | 6 | E | 0 | 5 | A | 2 |
| D | 5 | 4 | 6 | E | 8 | B | 3 | 9 | 1 | 7 | 2 | 0 | C | A |
| 6 | 1 | 0 | 7 | A | B | 5 | 8 | 2 | 4 | D | C | 9 | 3 | E |
| 2 | A | 8 | 4 | 0 | 9 | 7 | C | 1 | E | 3 | 6 | B | D | 5 |
| B | 7 | C | D | 2 | 3 | 0 | E | 6 | 9 | 5 | A | 4 | 8 | 1 |
| E | 9 | 3 | C | 5 | 1 | 4 | D | A | 8 | 0 | B | 6 | 2 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଯନ୍ତ୍ର କରୁଛି କାମ, ଜବ୍ କାର୍ଡରେ ଶ୍ରମିକ ନାମ

ମହାଶୟ,

ପତ୍ରପ୍ରେରକ ନିଜ ଗାଁରେ ବିଦ୍ୟୁତ୍ ଖୁମ୍ବ/ଟ୍ରାନ୍ସଫର୍ମର ସ୍ଥାପନ, ନଦୀବନ୍ଧ କେନାଲ ବନ୍ଧ ମାଟିକାମ, ପୋଖରୀ ଖୋଳା, ରାସ୍ତା ନିର୍ମାଣ, ନିଅଁ ଖୋଳା ସମସ୍ତ କାର୍ଯ୍ୟ ଯନ୍ତ୍ର ଦ୍ୱାରା ସ୍ୱଳ୍ପ ସମୟରେ ସମ୍ପନ୍ନ କରାଯାଇ ପରେ ଏହି କାର୍ଯ୍ୟକୁ କେତେ ଜଣ ଶ୍ରମିକ ନିର୍ମାଣ କଲେ ତାହାର ସମାନୁପାତିକ ହିସାବ ଯନ୍ତ୍ରୀ, ଠିକାଦାର ଓ ରାଜନୀତିରେ କ୍ଷମତାପ୍ରାପ୍ତ ପଦାଧିକାରୀ, ଜି.ଆର.ଏସ୍, ପି.ଇ.ଓମାନେ ଜବ୍ କାର୍ଡଧାରୀଙ୍କ ନାମରେ ବିଲ୍ କରୁଛନ୍ତି । ସମାଚାରରୁ ଜଣାଗଲା ଜନୈକ ଫରେଷ୍ଟ ରେଞ୍ଜର ବନୀକରଣ ନାମରେ ଏହିପରି ମିଥ୍ୟା ବିଲ୍‌କରି କୋଟି କୋଟି ଟଙ୍କା ଚଳୁ କରିଛନ୍ତି। ଅନ୍ୟପକ୍ଷରେ କୌଣସି ହିତାଧିକାରୀ, ଜବ୍‌କାର୍ଡଧାରୀ ବର୍ଷକେ ୧୦୦ ଦିନର କାର୍ଯ୍ୟ ପାଉନାହାନ୍ତି। ମଜୁରି ଅର୍ଥ ପାଇବା ଅସୁବିଧା ଯୋଗୁ ଶ୍ରମିକମାନେ ବାହାର ପ୍ରଦେଶକୁ କାର୍ଯ୍ୟ ପାଇ ଯାଇଥାନ୍ତି। କହିବାର କଥା ହେଲା ଯନ୍ତ୍ର ଦ୍ୱାରା କାର୍ଯ୍ୟ ହେଉଥିବା କଥା କ'ଣ ଯନ୍ତ୍ରୀ ଅଧିକାରୀ, ଦେଖାଚାହାଁ ବିଭାଗ ଦେଖୁ ନାହାନ୍ତି ? ତାହା ହେଲେ କ'ଣ ପାଇଁ ଏହି ଫାର୍ସ ଚାଲିଛି ତାହା ସରକାର, ଜନସାଧାରଣ ବିଚାର କରି ବ୍ୟବସ୍ଥା କଲେ ଦାଦନ ଶ୍ରମିକ ପ୍ରଥା ବନ୍ଦ ହୋଇପାରନ୍ତା ।

ଶ୍ରୀରାମଚନ୍ଦ୍ର ଦାଶ, ସାମାଜିକକର୍ମୀ, ସତ୍ୟବାଦୀ, ପୁରୀ, ଓଡ଼ିଶା

### କେନାଲ ଜବରଦଖଲ ହଟାଯାଉ

ପୁରୀ ଜିଲା ସାକ୍ଷୀଗୋପାଳ ଅଧୀନରେ ଥିବା 'ରୁଆ' ମାଇନର କେନାଲ ବନ୍ଧ ଉପରେ କେତେକ ମୁଷ୍ଟିମେୟ ତଥା ସରକାରୀ ଚାକିରିଆ ବେଆଇନ ଭାବେ ସ୍ଥାୟୀ କୋଠାଘର ନିର୍ମାଣ କରିଛନ୍ତି ଏବଂ ଅନ୍ୟ କେତେକ ଲୋକେ ଘର କରିବାକୁ ଉଦ୍ୟମ କରୁଛନ୍ତି। ଆଉ କିଛି ଲୋକ ବନ୍ଧ ଉପରେ ପଥର ପ୍ରାଚୀର, ବାଡ଼ କରିଥିବାରୁ ରୁଆ ଗ୍ରାମର ଚାଷୀମାନେ ଜମିକୁ ଚାଷ ଉପକରଣ ନେଇ ଯାଇପାରୁ ନାହାନ୍ତି। ଏହାଛଡ଼ା ବନ୍ଧ ଉପରେ ବ୍ୟବସାୟିକ ଭିତ୍ତିରେ ଚାକୁଣ୍ଡା, ପଣସ, ଆକାଶିଆ, ୟୁକାଲ୍‌ପଟାସ ଗଛ ଲଗାଇ ବିକ୍ରି କରାଯାଉଛି। ଏ ସମ୍ପର୍କରେ ସ୍ଥାନୀୟ କେନାଲ ବିଭାଗକୁ ଜଣାଇଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଣୁ ରୁଆର ସମସ୍ତ ମାଇନର କେନାଲ ବନ୍ଧ ଉପରୁ ଜବରଦଖଲ ହଟାଯିବା ପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅନୁରୋଧ।

ନାରାୟଣ ପତି, ରୁଆ, ପୁରୀ

### ପଶୁ ସମ୍ପଦର ବିଲୋପ ନ ହେଉ

ରାଜ୍ୟରେ ପଶୁ ସମ୍ପଦର କ୍ଷୟ ନ ହେବା ପ୍ରତି ଗୁରୁତ୍ୱ ଦିଆଯାଉ। ଯେପରି ବାଘ, ଭାଲୁ, ହେଟା, ହରିଣ, ମୃଗ, ହାତୀ, କୁଟୁରା, ଠେକୁଆ ଇତ୍ୟାଦି ବିନା ବାଧାବିଘ୍ନରେ ବିଚରଣ କରନ୍ତୁ। ଏମାନେ ପ୍ରାକୃତିକ ଭାରସାମ୍ୟ ବଳବତ୍ତର ରଖିବାରେ ବିଶେଷ ସହାୟକ ହୋଇଥାନ୍ତି। ଜଙ୍ଗଲ ନଷ୍ଟ ନ ହେବା ପ୍ରତି ବନବିଭାଗ ସଚେତନ ରହିବା ଉଚିତ। ଅବାଧରେ ଶିକାର କରୁଥିବା ଶିକାରୀଙ୍କୁ ଧରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଠେକୁଆ, ହରିଣ ଓ କୁଟୁରା ମାଂସ ସହିତ ଚମଡ଼ା ଏବଂ ହାତୀଦାନ୍ତ ଅଧିକ ମୂଲ୍ୟରେ ବିକ୍ରି ହେଉଥିବାରୁ ଶିକାରୀମାନେ ଶିକାର ପ୍ରତି ଅତିମାତ୍ରାରେ ଆକର୍ଷିତ ହେଉଛନ୍ତି। ଏଥିପ୍ରତି ଉଜାଗର ନ ରହିଲେ, ବେଳ ଆସିବ ଆମ ଚାରିପାର୍ଶ୍ୱରେ ଦେଖାଯାଉଥିବା ପଶୁ ସମ୍ପଦ ବିଲୁପ୍ତ ବିରଳ ପ୍ରାଣୀରେ ପରିଣତ ହୋଇଯିବେ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨ ଗୁଣ ବଢ଼ିଲେ ଇ-କମର୍ସ ଗ୍ରାହକ

ନୂଆଦିଲ୍ଲୀ,୨୯।୮: ମହାମାରୀ ସମୟରେ ସହରାଞ୍ଚଳଗୁଡିକରେ ଇ-କମର୍ସ କମ୍ପାନୀଗୁଡିକର କାରବାର ବେଶ୍ ଉନ୍ନତ ରହିଥିବା ଜଣାପଡିଛି। ସହରାଞ୍ଚଳରେ ଗତ ୩ ମାସରେ ଇ-କମର୍ସ ଗ୍ରାହକଙ୍କ ସଂଖ୍ୟା ୨ ଗୁଣ ବଢିଛି। ଇ-କମର୍ସର ପ୍ରାୟ ୫୦% ନୂଆ ଗ୍ରାହକ ଟାୟାର ୧ ଏବଂ ୨ ସହରରୁ ଯୋଡ଼ି ହୋଇଥିବା କନ୍‌ସଲଟିଂ ଫାର୍ମ କାଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାହକଙ୍କ ପାଇଁ ଆମାଜନ ଏବଂ ଗୁଗଲ ଭରସାଯୋଗ୍ୟ ପ୍ଲାଟ୍‌ଫର୍ମ ହୋଇପାରିଛି। କ୍ରୟ କରିବା ପୂର୍ବରୁ ଲୋକମାନେ ଏହି ପ୍ଲାଟ୍‌ଫର୍ମ ଉପରେ ବେଶି ନିର୍ଭର କରୁଥିବା ଜଣାପଡିଛି। ମହାମାରୀ ପୂର୍ବରୁ ସହରାଞ୍ଚଳରେ ୨୨% ସକ୍ରିୟ ଗ୍ରାହକ ରହିଥିଲେ। ମାତ୍ର ବର୍ତ୍ତମାନ ଏହା ୪୨%କୁ ବୃଦ୍ଧି ଘଟିଛି। ଲୋକମାନେ ଗ୍ରସେରି , ଘରକରଣା ସାମଗ୍ରୀ, ପର୍ସନାଲ କେୟାର, ବିୟୁଟି ପ୍ରଡକ୍ଟ, ମୋବାଇଲ,ୱେରଲେସ ଏବଂ ଆସୋସିରିଜ ବର୍ଗରେ ବେଶି ସାମଗ୍ରୀ କିଣିଥିବା ନଜରକୁ ଆସିଛି।

### ଏମ୍‌ଏସ୍‌ଏମ୍‌ଇଙ୍କୁ ଋଣ ଯୋଗାଣ ପଦକ୍ଷେପ

ଭୁବନେଶ୍ୱର,୨୯।୮: ଉଦ୍ୟୋଗୀ ଓ ସଂସ୍ଥାଗୁଡିକ ନିକଟରେ ଋଣ ଗ୍ୟାରେଣ୍ଟି ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ଉଡାନ ପୋର୍ଟାଲର ପ୍ରଚଳନ କରାଯାଇଛି। ବନ୍ଧକ ମୁକ୍ତ ଋଣ ପାଇବାକୁ ଆବେଦନ କରିବାକୁ ଚାହୁଁଥିବା ଅଣୁ ଓ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ (ଏମଏସଇ) ଗୁଡିକଙ୍କ ପାଇଁ ଏହି ପୋର୍ଟାଲ ଏକ ଡିଜିଟାଲ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ଏଠାରେ ଏମ୍‌ଏସ୍‌ଇଗୁଡିକ ସେମାନଙ୍କ ପସନ୍ଦର ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ ଅର୍ଥ ଲଗାଣକାରୀ କମ୍ପାନୀ ସମୂହ (ଏନ୍‌ବିଏଫ୍‌ସି) ରୁ ବନ୍ଧକମୁକ୍ତ ଋଣ ପାଇବାକୁ ପୋର୍ଟାଲ ପ୍ରାଥମିକ ଗ୍ୟାରେଣ୍ଟି ପ୍ରମାଣପତ୍ର ପ୍ରଦାନ କରୁଛି। ଭାରତର ଅର୍ଥ ଲଗାଣ ପରିବେଶରେ ଋଣ ପ୍ରଦାନକୁ ଅଧିକ ତ୍ୱରାନ୍ୱିତ କରିବା ଏହି ପୋର୍ଟାଲ କାର୍ଯ୍ୟ କରୁଥିବା ଜଣାପଡିଛି। ଏହି ପୋର୍ଟାଲକୁ ସିଡବିର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ମୁସ୍ତାଫା ନିକଟରେ ଶୁଭାରମ୍ଭ କରିଛନ୍ତି।

# ବଢ଼ି ନ ପାରେ ମୋରାଟୋରିୟମ ଅବଧି

ମୁମ୍ବାଇ,୨୯।୮




ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଅଗଷ୍ଟ ୩୧ ପରେ ମୋରାଟୋରିୟମ ଅବଧିକୁ ବୃଦ୍ଧି କରି ନ ପାରେ। ଏହା ବଢ଼ାଇବା ଦ୍ୱାରା ବ୍ୟାଙ୍କଗୁଡିକ ଉପରେ ପ୍ରଭାବ ପଡୁଥିବାରୁ ଏପରି ହୋଇ ନ ପାରେ ବୋଲି ଶୁଣାଯାଉଛି। କୋଭିଡ୍-୧୯ ଯୋଗୁ ଘରୋଇ ବଜାର ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଋଣ ନେଇଥିବା ବ୍ୟକ୍ତିବିଶେଷ ଋଣ କିସ୍ତି ଶୁଝିବାରେ ସମସ୍ୟା ସାମ୍ନା କରୁଥିବାରୁ ସରକାର ମୋରାଟୋରିୟମ ସୁବିଧା ପ୍ରଦାନ କରିଥିଲେ। ମାତ୍ର ଗତ କିଛି ମାସ ହେବ ଲୋକମାନେ ଋଣ କିସ୍ତି ପ୍ରଦାନ କରୁ ନ ଥିବାରୁ ଏହା ବ୍ୟାଙ୍କଗୁଡିକର କ୍ରେଡିଟ୍ ବିହେବିଅର ବା ଋଣ ପ୍ରଦାନ ଧାରାକୁ ମଧ୍ୟ ପ୍ରଭାବିତ କରୁଥିବା ଜଣାପଡିଛି। ପ୍ରଦାନ କରାଯାଇଥିବା ଋଣକୁ ବ୍ୟବସ୍ଥିତ କରିବା ମଧ୍ୟ ବ୍ୟାଙ୍କଗୁଡିକ ଲାଗି ସମସ୍ୟା ଉପୁଜୁଛି। ଏଭଳି ସ୍ଥିତିରେ ଅବଧି ଆଉ ଅଧିକ ସମୟ ବଢିଲେ ସ୍ଥିତି ଭିନ୍ନ ହେବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ନିଜ ନାମ ଗୋପନ ରଖି ଏହା କହିଛନ୍ତି।

ମାର୍ଚ୍ଚରେ ରିଜର୍ଭ ବ୍ୟାଙ୍କ ମୋରାଟୋରିୟମ ଘୋଷଣା କରିଥିଲା। ଏହା ୬ ମାସ ଲାଗି ପ୍ରଦାନ କରାଯାଇଛି। କରୋନା ଯୋଗୁ କାରବାର କ୍ଷତି ସହିଥିବା ବ୍ୟକ୍ତି ବିଶେଷ ଏବଂ ବ୍ୟବସାୟୀଙ୍କୁ ଏହା କିଛି ହାରରେ ଆଶ୍ୱସ୍ତି ପ୍ରଦାନ କରିଥିଲା। ଅଗଷ୍ଟ ୩୧ ଯାଏ ଏହି ଅବଧି ରହିଛି। ସୂଚନାଯୋଗ୍ୟ, ଏଚ୍‌ଡିଏଫ୍‌ସି ଲିମିଟେଡ୍ ଅଧକ୍ଷ ଦୀପକ ପାରେଖ ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କର ଏମ୍‌ଡି ଉଦୟ କୋଟାକଙ୍କ ସମେତ ଅନ୍ୟ କିଛି ବ୍ୟାଙ୍କର ମୋରାଟୋରିୟମ ସମୟ ନ ବଢାଇବା ଲାଗି ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ପରାମର୍ଶ ଦେଇଥିଲେ। କିଛି ଲୋକ ଏହି ସୁବିଧାର ଅଯଥା ଲାଭ ଉଠାଉଥିବା ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାରକରି ନିକଟରେ ରିଜର୍ଭ ବ୍ୟାଙ୍କ ଏକ ସ୍ୱତନ୍ତ୍ର ରିଜଲ୍ୟୁସନ ୱିଣ୍ଡୋ ସମ୍ପର୍କରେ ଘୋଷଣା କରିଛି।

ବ୍ୟାଙ୍କଗୁଡିକର ଆର୍ଥିକ ସୁରକ୍ଷା ଏବଂ ଜମାକାରୀଙ୍କ ସ୍ୱାର୍ଥକୁ ଏହାଦ୍ୱାରା ବିଚାର କରାଯିବ। ଏଭଳି ପଦକ୍ଷେପ ଦ୍ୱାରା ପ୍ରଭାବିତ ହୋଇଥିବା ଅଂଶୀଦାରଙ୍କ ସମସ୍ୟା ଉପରେ ନଜର ରଖାଯିବ ବୋଲି ଅନ୍ୟ ଜଣେ ବରିଷ୍ଠ ଅଧିକାରୀ ମତ ରଖିଛନ୍ତି। ମୋରାଟୋରିୟମ ଏବଂ କିସ୍ତି ପଇଠ କିଭଳି ହେବ ତାକୁ ଅଂଶୀଦାରଙ୍କ ଆୟ ସୂତ୍ର ହିସାବରେ ବିଚାର କରାଯାଇପାରେ ବୋଲି ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଡିସେମ୍ବର ଯାଏ ରିଜଲ୍ୟୁଶନ ସୁବିଧା ଲୋକଙ୍କୁ ପ୍ରଦାନ କରାଯିବ। ସେହିଭଳି ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ, ଋଣ ଉପରେ ପ୍ରଦାନ କରାଯାଉଥିବା ମୋରାଟୋରିୟମ ସୁବିଧା ଏକ କ୍ଷୟସ୍ଥାୟୀ ସମାଧାନ। ନୂଆ ରିଜୋଲ୍ୟୁଶନ ସୁବିଧା ଲୋକଙ୍କୁ ଲାଭ ପ୍ରଦାନ କରିବା ଦିଗରେ ସହାୟକ ହେବ।

# କ୍ଷତିପୂରଣ ପ୍ରସଙ୍ଗରେ ରାଜ୍ୟଗୁଡ଼ିକୁ ଅବଗତ କରାଗଲା

ନୂଆଦିଲ୍ଲୀ,୨୯।୮




ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କ୍ଷତିପୂରଣ ଆବଶ୍ୟକତା ପୂରଣ ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୨ ବିକଳ୍ପ ପ୍ରଦାନ କରିଛନ୍ତି। ୪୧ତମ ଜିଏସ୍‌ଟି ପରିଷଦ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ଶନିବାର ରାଜ୍ୟଗୁଡିକ କେନ୍ଦ୍ର ପକ୍ଷରୁ ଅବଗତ କରାଯାଇଛି। ରାଜ୍ୟଗୁଡିକ କେଉଁ ବିକଳ୍ପ ଗ୍ରହଣ କରିବାକୁ ଚାହୁଁଛନ୍ତି ସେ ସମ୍ପର୍କରେ ୭ ଦିନ ମଧ୍ୟରେ ଜଣାଇବାକୁ ସମୟ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଅର୍ଥ ସଚିବ ଏବଂ କେନ୍ଦ୍ର ଅର୍ଥ ସଚିବ, କେନ୍ଦ୍ର ବ୍ୟୟ ସଚିବଙ୍କ ମଧ୍ୟରେ ସେପ୍ଟେମ୍ବର ପହିଲାରେ ଏକ ବୈଠକ ଅନୁଷ୍ଠିତ ହେବ। ବିଭିନ୍ନ ପ୍ରସଙ୍ଗ ଉପରେ ସ୍ୱଷ୍ଟତା ଲାଗି ଏହା ଆୟୋଜନ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ,କୋଭିଡ୍ ଯୋଗୁ ଜିଏସ୍‌ଟି ରାଜସ୍ୱ ପ୍ରଭାବିତ ହୋଇଛି। ରାଜ୍ୟଗୁଡିକୁ କ୍ଷତିପୂରଣ ଦେବା ଲାଗି କେନ୍ଦ୍ର ନିକଟରେ ଅର୍ଥ ନାହିଁ। ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ଏ ନେଇ ଟଣାଓଟରା ଲାଗି ରହିଛି। ଜିଏସ୍‌ଟି ପରିଷଦ ବୈଠକରେ ଏହି ଦୁଇ ବିକଳ୍ପ ନେଇ ଆଲୋଚନା ହୋଇଛି। କେଉଁ ଉପାୟ ଆଗାମୀ ଦିନରେ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନିଯୁକ୍ତିରେ ହେବ ପରିବର୍ତ୍ତନ

ନୂଆଦିଲ୍ଲୀ,୨୯।୮: କେନ୍ଦ୍ର ସରକାର ସରକାରୀ ନିଯୁକ୍ତିରେ ପରିବର୍ତ୍ତନ କରିବା ଲାଗି ଯୋଜନା ପ୍ରସ୍ତୁତ କରୁଛନ୍ତି। ସୂଚନା ମୁତାବକ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଧକ୍ଷ ଏବଂ ଏମ୍‌ଡି ନିଯୁକ୍ତି କ୍ଷେତ୍ରରେ ଏଭଳି ପରିବର୍ତ୍ତନ ହେବ। ଏଭଳି ପରିବର୍ତ୍ତନ ଦ୍ୱାରା ଟାଲେଣ୍ଟ ପୁଲ୍‌ର ସମ୍ପ୍ରସାରଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପବ୍ଲିକ ଏଣ୍ଟରପ୍ରାଇଜ ସିଲେକ୍ସନ ବୋର୍ଡ(ପିଇଏସ୍‌ବି) ଏ ନେଇ ବିଭିନ୍ନ ପ୍ରସ୍ତାବ ଦେଇଛି। ପୂର୍ବରୁ ବ୍ୟାଙ୍କିଙ୍ଗ କ୍ଷେତ୍ର ଉଚ୍ଚ ପଦପଦବୀଗୁଡିକୁ ପୂରଣ କରିବାରେ ସଂସ୍କାର ଧାରା ଗ୍ରହଣ କରାଯାଇଛି। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପାଳି ବୋଲି କୁହାଯାଉଛି। କମ୍ପାନୀଗୁଡିକର ସମସ୍ତ ଅଧକ୍ଷ ପଦବୀ ସମେତ ପରିଚାଳନା ନିର୍ଦ୍ଦେଶକ, ମାନବ ସମ୍ବଳ ଏବଂ ଅର୍ଥ ବିଭାଗର ନିର୍ଦ୍ଦେଶକ ଭଳି ପଦବୀ ଲାଗି ବର୍ଷ ଆରମ୍ଭରୁ ସାକ୍ଷାତକାର କରାଯିବାକୁ ପରାମର୍ଶରେ କୁହାଯାଇଛି। ଏଭଳି ସାକ୍ଷାତକାର ଆଧାରରେ ସରକାରଙ୍କୁ ସୁପାରିଶ କରାଯିବ ବୋଲି ଜଣାପଡିଛି। ନିଯୁକ୍ତି ସମୟରେ ବ୍ୟକ୍ତି ବିଶେଷଙ୍କ ପରଫରମାନ୍ସକୁ ଗୁରୁତ୍ୱ ଦିଆଯିବ। ଅଧିକ ସ୍କୋର କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରାଥମିକତା ମିଳିବ। ଏକାଥରେ ପଦବୀଗୁଡିକ ଲାଗି ବିଜ୍ଞାପନ ଦିଆଯିବ। ଗୋଟିଏ ପଦବୀ ଲାଗି ଅନ୍ତତଃ ପକ୍ଷେ ୧୬ ଜଣ ଆବେଦନ କରିପାରିବେ। ଏହା ବର୍ତ୍ତମାନ ୧୨ ରହିଛି। ଏହା ସହ ଅନ୍ୟ ପ୍ରସ୍ତାବ ମଧ୍ୟ ରହିଥିବା ଜଣାପଡିଛି।

# କୋକାକୋଲାରୁ ୪ହଜାର ଛଟେଇ

ବାଙ୍ଗାଲୋର,୨୯।୮: କୋଭିଡ୍-୧୯ ସଂକ୍ରମଣ କାରଣରୁ ସାରା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ସହ ବଜାରରେ ସମସ୍ୟା ସୃଷ୍ଟି ହୋଇଛି। ବିଶ୍ୱର ପ୍ରମୁଖ କମ୍ପାନୀ କୋକାକୋଲା ବର୍ତ୍ତମାନ ବିଭିନ୍ନ ସମସ୍ୟା ସାମ୍ନା କରୁଛି। ଏଥିଲାଗି କମ୍ପାନୀ ଆମେରିକା ସମେତ ଅନ୍ୟ ୟୁନିଟରୁ ମଧ୍ୟ ପ୍ରାୟ ୪ହଜାର କର୍ମଚାରୀଙ୍କୁ ଛଟେଇ କରିଥିବା ସୂଚନା ମିଳିଛି। ମହାମାରୀ ଯୋଗୁ ବିଭିନ୍ନ ସ୍ଥାନରେ ଲକ୍‌ଡାଉନ କଟକଣା ଜାରି ରହିଛି। ଫଳରେ କମ୍ପାନୀର ବାଣିଜ୍ୟିକ କାରବାର ହ୍ରାସ ହେବା ସହ ଏହା ସମସ୍ୟା ଦେଇ ଗତି କରୁଛି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଗତ କିଛିଦିନ ମଧ୍ୟରେ ୪ଟି ଭୌଗୋଳିକ ପରିସୀମା ମଧ୍ୟରେ ୯ଟି ଅପରେଟିଂ ୟୁନିଟ ସହ ୧୭ଟି ବାଣିଜ୍ୟିକ କେନ୍ଦ୍ରରୁ ଏହି ଛଟେଇ କରାଯାଇଛି। କମ୍ପାନୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେବା ସହ ପ୍ରାୟ ୩୫୦ରୁ ୫୫୦ ମିଲିୟନ ଡଲାର କ୍ଷତି ସହିଥିବା ଅନୁମାନ କରାଯାଉଛି।

# ଇଜ୍ ଅଫ୍ ଡୁଇଁ ବିଜନେସ ଲାଗି ଆସିବ ପଦକ୍ଷେପ

ନୂଆଦିଲ୍ଲୀ,୨୯।୮

ବୋର୍ଡ ରିପୋର୍ଟରେ ଅସଙ୍ଗତି କିମ୍ବା ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ରେ ବିଳମ୍ବ ହେଲେ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ନ ପାରେ। ଜିଏସ୍‌ଟିର ବିଭିନ୍ନ ଆଇନକୁ ଅଣଆପରାଧିକ କରିବା ଦିଗରେ ସରକାର ପଦକ୍ଷେପ ନେବେ। ଦେଶ ମଧ୍ୟରେ ଇଜ୍ ଅଫ୍ ଡୁଇଁ ବିଜନେସ ବା ବାଣିଜ୍ୟ ସୁବିଧାକୁ ତ୍ୱରାନ୍ୱିତ କରିବା ଲାଗି ସରକାର କେତେକ ନୂଆ ପଦକ୍ଷେପ ନେବେ ବୋଲି ଜଣାପଡିଛି। କମ୍ପାନୀ ଆଇନ ପରେ ସରକାର ଜିଏସ୍‌ଟି ଆଇନରେ ରହିଥିବା ବିଭିନ୍ନ ଅସୁବିଧା ଦୂରୀକରଣ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି।

**ଜିଏସ୍‌ଟିର ଆପରାଧିକ ପ୍ରସଙ୍ଗ ତର୍ଜମା ହେବ**

ଜିଏସ୍‌ଟି ଆଇନରେ ରହିଥିବା ବିଭିନ୍ନ ଆପରାଧିକ ଦିଗକୁ ବିଚାର କରିବାକୁ ସରକାର ଯୋଜନା ରଖିଛନ୍ତି। ଏ ନେଇ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ଅଧିକାରୀଙ୍କର ଏକ କମିଟି ଗଠନ କରାଯାଇଛି। ଏହି କମିଟି ଅଂଶୀଦାରଙ୍କ ସହ ବିଭିନ୍ନ ଆଲୋଚନା କରିବ। ଶିଳ୍ପ କ୍ଷେତ୍ରର ମଧ୍ୟ ପ୍ରସ୍ତାବ ଗ୍ରହଣ କରାଯିବ। ଏହାବାଦ ଚୂଡାନ୍ତ ରିପୋର୍ଟକୁ କ୍ୟାବିନେଟ ନିକଟକୁ ପଠାଯିବ ବୋଲି ଜଣାପଡିଛି।

ଏ ସମ୍ପର୍କରେ ଜିଏସ୍‌ଟି ମହାନିର୍ଦ୍ଦେଶାଳୟ ପକ୍ଷରୁ ଦେଶର ଶିଳ୍ପ ସଂଘଗୁଡିକୁ ଚିଠି ଲେଖାଯାଇଛି। ଇଜ ଅଫ୍ ଡୁଇଁ ବିଜନେସକୁ ଉତ୍ସାହିତ କରିବା ଦିଗରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଜିଏସ୍‌ଟି ନିୟମକୁ ବ୍ୟାପକ କରିବା ଏବଂ ଆପରାଧିକ ନିୟମଗୁଡିକୁ ପୁଣି ଥରେ ବିଚାର କରିବା ଦିଗରେ ଅଂଶୀଦାର ସେମାନଙ୍କ ମତାମତ ରଖି ପାରିବେ ବୋଲି ଚିଠିରେ କୁହାଯାଇଛି। ଏ ସଂକ୍ରାନ୍ତ ବିଭିନ୍ନ ଦିଗ ଉପରେ ବୈଠକରେ ସମୀକ୍ଷା କରାଯିବା ନେଇ ପ୍ରସ୍ତାବ ରହିଛି। ଏହି ଆଧାରରେ ବାଣିଜ୍ୟିକ ମନୋଭାବରେ ସୁଧାର ଆଣିବା, ଆଇନଗତ ମାମଲା ଏବଂ କାର୍ଯ୍ୟାନୁଷ୍ଠାନକୁ କମ୍ କରି କିଭଳି ବାଣିଜ୍ୟିକ ଧାରାକୁ ଉନ୍ନତ କରାଯାଇ ପାରିବ ସେ ଦିଗରେ ବିଚାର କରାଯାଉଥିବା ଜଣାପଡିଛି।

## ରାଜ୍ୟ ଖବର

# ସ୍ୱାମୀଙ୍କ ଲୁହାନଳା ମାଡ଼ରେ ସ୍ତ୍ରୀ ମୃତ

ସମ୍ବଲପୁର,୨୯।୮(ବ୍ୟୁରୋ)

- ଘରୋଇ କଳି ଜୀବନ ନେଲା
- ୧୦ ଦିନ ତଳେ ନୂଆଁଖାଇ ପାଇଁ ବାପଘରୁ ଫେରିଥିଲେ
- ୨ପୁଅ, ଝିଅ ବେସାହାରା

ସମ୍ବଲପୁର ଜିଲା ସଦରଥାନା ରଙ୍ଗିଆଟିକ୍ରା ଗ୍ରାମରେ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ସ୍ୱାମୀଙ୍କ ଲୁହା ନଳା ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରାଜକୁମାରୀ ଓରାମ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଅଭିଯୁକ୍ତ ସ୍ୱାମୀ ଫଗୁନୁ ଓରାମଙ୍କୁ ପୋଲିସ ଗିରଫ କରିବା ସହ ବ୍ୟବହୃତ ଲୁହା ନଳାକୁ ଜବତ କରିଛି । ଏସ୍‌ପି କନୱର ବିଶାଳ ସିଂ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ନିଶାସକ୍ତ ଅବସ୍ଥାରେ ଫଗୁନୁ ଘରକୁ ଫେରିଥିଲେ । ଏହାର କିଛି ସମୟ ପରେ ରାଜକୁମାରୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ହେଉଥିବା ଶୁଣିବାକୁ ମିଳିଥିଲା । ହେଲେ କିଛି ସମୟ ପରେ ଉଭୟ ଚୁପ୍ ହୋଇଯାଇଥିଲେ । ଦୁହେଁ ଶୋଇପଡିଲେ ବୋଲି ପଡୋଶୀମାନେ ଭାବିଥିଲେ । କିନ୍ତୁ ଶନିବାର ସକାଳେ ରାଜକୁମାରୀଙ୍କୁ ଦେଖିବାକୁ ମିଳି ନ ଥିଲା । ଏଥିରେ ସନ୍ଦେହ କରି ପଡୋଶୀମାନେ ତାଙ୍କ ଘରକୁ ଯାଇଥିଲେ । ଘର ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ମରି ପଡିଥିବା ଦେଖିଥିଲେ । ଏ ସଂକ୍ରାନ୍ତରେ ପରମଣାପୁର ପାଖ ମହଲାକଟାରେ ରହୁଥିବା ରାଜକୁମାରୀଙ୍କ ବାପଘର ଲୋକଙ୍କୁ ପଡୋଶୀମାନେ ଖବର ଦେଇଥିଲେ । ରାଜକୁମାରୀଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚି ସଦରଥାନା ପୋଲିସକୁ ଖବର ଦେଇଥିଲେ । ଗ୍ରାମବାସୀ ଫଗୁନୁଙ୍କୁ ଅଟକ ରଖିଥିଲେ । ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ସଦର ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ ସଦଳବଳ ପହଞ୍ଚି ଫଗୁନଙ୍କୁ ଗିରଫ କରିବା ସହ ଶୋଇବା କୋଠରିରୁ ରାଜକୁମାରୀଙ୍କ ମୃତଦେହ ଜବତ କରିଥିଲେ । ରୋଷେଇ ଘରେ ରକ୍ତ ଛିଟା ପଡିଥିଲା । ରୋଷେଇ ଘରେ ରାଜକୁମାରୀଙ୍କୁ ଲୁହାନଳାରେ ପିଟି ହତ୍ୟା କରିବା ପରେ ଫଗୁନୁ ତାଙ୍କୁ ଶୋଇବା କୋଠରିକୁ ନେଇ ଆସିଥିବା ପୋଲିସ ଅନୁମାନ କରୁଛି ।

ସୂଚନାଯୋଗ୍ୟ, ଆଜକୁ ୨୦ବର୍ଷ ତଳେ ରାଜକୁମାରୀଙ୍କ ସହ ଫଗୁନୁଙ୍କ ବିବାହ ହୋଇଥିଲା । ତାଙ୍କର ୧୫ ଓ ୧୩ ବର୍ଷର ଦୁଇପୁଅ,୧୦ ବର୍ଷ ଗୋଟିଏ ଝିଅ ଅଛନ୍ତି । ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ଲାଗୁଥିଲା । ରାଜକୁମାରୀ ପ୍ରାୟ ୧ ବର୍ଷ ହେବ ନିଜ ବାପଘରେ ରହୁଥିଲେ । ନୂଆଁଖାଇବା ଲାଗି ଫଗୁନୁ ଓ ତାଙ୍କ ୨ ପୁଅ ଯାଇ ରାଜକୁମାରୀଙ୍କୁ ୧୦ ଦିନ ତଳେ ଘରକୁ ଫେରାଇ ଆଣିଥିଲେ ।

# ମାର୍କଶିଟ୍ ଦାଖଲ ଅବଧି ବୃଦ୍ଧି ପାଇଁ କେନ୍ଦ୍ରକୁ ଚିଠି

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

**ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୟୁଜି ନାମଲେଖା**

ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଣ୍ଡରଗ୍ରାଜୁଏଟ୍ (ୟୁଜି) ନାମଲେଖା ପାଇଁ ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ଅଧିକ ସମୟ ଦେବାକୁ ଶିକ୍ଷା ମନ୍ତ୍ରଣାଳୟକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲଙ୍କୁ ଚିଠି ଲେଖିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୟୁଜି ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ମାର୍କଶିଟ୍ ଦାଖଲ କିମ୍ବା ଅପ୍‌ଲୋଡ୍ କରିବାର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। କରୋନା ମହାମାରୀ ଯୋଗୁ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ବିଭାଗର ରେଜଲ୍ଟ ପ୍ରକାଶ ପାଇନାହିଁ। ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଏହି ରେଜଲ୍ଟ ପ୍ରକାଶ ପାଇବ। ତେଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଚ୍ଚ ମାଧ୍ୟମିକ ମାର୍କଶିଟ୍ ଦାଖଲ କରିବାର ଶେଷ ତାରିଖ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେବା ପାଇଁ ମନ୍ତ୍ରୀ ଦାଶ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
(୧) ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଆର୍-ଟି-୫୪-୨୦-୨୧, ତାରିଖ: ୨୪।୦୮।୨୦୨୦
କାର୍ଯ୍ୟ: ତା୩୦।୦୬।୨୦୨୧ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ(ୱାର୍କସ୍)/ଡବ୍ଲ୍ୟୁଆର୍‌ଏସ୍/ରାୟପୁର କ୍ଷେତ୍ରାଧିକାର ଅଧୀନରେ ଡବ୍ଲ୍ୟୁଆର୍‌ଏସ୍ ରେଲ୍‌ୱେ କଲୋନୀଠାରେ ଷ୍ଟାଫ୍ କ୍ୱାର୍ଟର୍ସ ଓ ସର୍ଭିସ୍ ବିଲ୍ଡିଂସ୍‌ର ହ୍ୱାଇଟ୍ ୱାଶିଂ, କଲର୍ ୱାଶିଂ ଓ ପେଣ୍ଟିଂ ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ। ଟେଣ୍ଡର ମୂଲ୍ୟ: ₹୪୬,୭୭,୦୦୦/-। ଇଏମ୍‌ଡି: ₹୯୩,୫୦୦/-। ଟେଣ୍ଡର ଦାଖଲ: ତା୨୪।୦୯।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୨୪।୦୯।୨୦୨୦ରିଖ ୧୧.୦୦ ଘଟିକା।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଞ୍ଜିନିୟର (କୋ.)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।
ଡିଭିଜନାଲ ଇଞ୍ଜିନିୟର (II)/ରାୟପୁର
PR/R/Engg/IP/70
South East Central Railway @secrail

# ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

ପୁରୀ ଅଫିସ,୨୯।୮: ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ବାମନ ଜନ୍ମ ନୀତି ସମ୍ପନ୍ନ ହୋଇଛି। ସକାଳ ଧୂପ ଓ ଭୋଗମଣ୍ଡପ ପରେ ତିନିବାଡ଼ରେ ଯାତ୍ରାଙ୍ଗୀ ମହାସ୍ନାନ ହୋଇ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଇଥିଲା। ପରେ ମହାପ୍ରଭୁଙ୍କ ପବିତ୍ରା ଲାଗି ହୋଇଥିଲା। ଠାକୁର ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲେ। ମଧ୍ୟାହ୍ନ ଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଭିତର ଚନ୍ଦନ ଅର୍ଗଳିଠାରେ ପୂଜାପଣ୍ଡା ସାମନ୍ତ ପଞ୍ଚବର୍ଣ୍ଣ ମୁରୁଜରେ ବାମନ ଜନ୍ମ ନୀତି ମଣ୍ଡଳ ପକାଇଥିଲେ। ଶ୍ରୀମଦନମୋହନ (ବାମନ ଦେବ) ଜନ୍ମ ଚକଡ଼ାକୁ ବିଜେ ପରେ ସୁନାର ବାମନ ବିଗ୍ରହ ଅବସ୍ଥାପିତ ହୋଇଥିଲେ। ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବାମନ ଜନ୍ମପଟି ଆସିଥିଲା। ପୂଜାପଣ୍ଡା ପୋଥି ପ୍ରମାଣେ ବାମନ ଦେବଙ୍କ ଜନ୍ମବିଧି ସମ୍ପାଦନ କରିଥିଲେ। ପରେ ଠାକୁରଙ୍କୁ ସୋମନାଥ ଓ ଶ୍ରୀଦୁର୍ଗା ଦେବୀଙ୍କୁ ମଣ୍ଡପ ଖଟରେ ବିଜେ କରାଯାଇଥିଲା। ସେଠାରେ ପୂଜା ବିଧି ସମ୍ପନ୍ନ ପରେ ଶୀତଳ ଭୋଗ ସରି ପଙ୍କ୍ତି ବଢା ହୋଇଥିଲା। ଦଧି ମଣୋହି ହୋଇ ପ୍ରସାଦ ଲାଗି ପରେ ପୂଜାର୍ଚ୍ଚନା କରାଯାଇଥିଲା। ବନ୍ଦାପନା ହୋଇ ବାମନ ଦେବ ଦକ୍ଷିଣୀ ଘରକୁ ଏବଂ ଦେବୀ ଦୁର୍ଗା ଭଣ୍ଡାର ଘରକୁ ବିଜେ କରିଥିଲେ।

# ଶ୍ରୀନଅରରେ ସୁନିଆ

**ଚାଲିଲା ୬୩ ଅଙ୍କ, ୧୪୨୮ ସାଲ**

ପୁରୀ ଅଫିସ,୨୯।୮

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୨ଅଙ୍କ ଶେଷ ହୋଇଛି। ଶନିବାର ସୁନିଆ ଅବସରରେ ୬୩ ଅଙ୍କ ଏବଂ ୧୪୨୮ ସାଲ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡ଼ିଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ



ସୁନା ମୋହରରେ ୬୩ ଅଙ୍କ କଟାଯାଇ ରାଜଗୁରୁ ଘୋଷଣା କରିଛନ୍ତି।



ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଭିଷେକ ଅବସରରେ ସମ୍ବର୍ଦ୍ଧିତ ସେବାୟତ ଓ ପ୍ରଶାସକ।

ପୂଜା ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୩ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ତେବେ ଏଥର ପ୍ରଥମ କରି ୩ ଜଣ ବରିଷ୍ଠ ସେବାୟତ ଓ ପ୍ରଶାସକଙ୍କୁ ଗଜପତି ମହାରାଜାଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା।

ସୁନିଆ ପରମ୍ପରା ସମ୍ପର୍କରେ ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆରେ ଗଜପତି ମହାରାଜାଙ୍କ ନବବର୍ଷର ଆରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୩ ଅଙ୍କ ପ୍ରଚଳିତ ହେଲା ୧୪୨୮ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

Indus Infra Network Company
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି ।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଡିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ପେଟ୍ରୋଲ ପମ୍ପରେ ଅଗ୍ନିକାଣ୍ଡ

**ସାକ୍ଷୀଗୋପାଳ (ଡି.ଏନ୍.ଏ.):** ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ବୀରଗୋବିନ୍ଦପୁର ନିକଟ ଏକ ପେଟ୍ରୋଲ ପମ୍ପର ଡେଲିଭରି ମେଶିନରେ ଶନିବାର ଏକ କାର୍ ଧକ୍କା ଦେବାରୁ ହଠାତ୍ ନିଆଁ ଲାଗିଯାଇଥିଲା। ପମ୍ପରେ ରହିଥିବା କର୍ମଚାରୀମାନେ ଅଗ୍ନିନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପରେ ସତ୍ୟବାଦୀ ପୋଲିସ ଓ ଦମକଳ କେନ୍ଦ୍ରର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୂର୍ଣ୍ଣ ନିଆଁ ଲିଭାଇଥିଲେ।



## ସଂକ୍ଷେପରେ

### ମହାନଦୀ ଜଳବିବାଦର ୪୬ ପ୍ରସଙ୍ଗ ଚୂଡ଼ାନ୍ତ

**ଆକଳନକାରୀଙ୍କୁ ତଥ୍ୟ ଦେବାକୁ ଓଡ଼ିଶା, ଛତିଶଗଡ଼କୁ ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୨୯।୮:** ମହାନଦୀ ଟ୍ରିବ୍ୟୁନାଲ ଶନିବାର ଜଳ ବିବାଦ ମାମଲାର ଶୁଣାଣି କରିଛନ୍ତି। ମହାନଦୀ ଜଳ ବ୍ୟବହାର ସମ୍ପର୍କିତ ତଥ୍ୟ ୨ ସପ୍ତାହ ମଧ୍ୟରେ କମନ୍ ଫର୍ମାଟ୍‌ରେ ଆକଳନକାରୀଙ୍କୁ ଦେବା ପାଇଁ ଟ୍ରିବ୍ୟୁନାଲ ଓଡ଼ିଶା ଓ ଛତିଶଗଡ଼କୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଏ.ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଭିଡିଓ କନଫରେନ୍ସ ଜରିଆରେ ଜଳବିବାଦର ୪୬ ପ୍ରସଙ୍ଗକୁ ଚୂଡ଼ାନ୍ତ କରିଛନ୍ତି। ପୂର୍ବରୁ ୩୬ ପ୍ରସଙ୍ଗ ଚୂଡ଼ାନ୍ତ ହୋଇଥିଲା। ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩ରେ କରିବାକୁ ଧାର୍ଯ୍ୟ ହୋଇଛି।

### ପ୍ଲାଜ୍‌ମା ଦାନ ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୨୯।୮:** କରୋନାରେ ସଂକ୍ରମିତ ପରେ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେଇଥିବା ୨୧ ପୋଲିସ ଅଧିକାରୀ, କର୍ମଚାରୀଙ୍କୁ ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟରେ ଜିଲାପାଳ ସନତ୍ ମହାନ୍ତି ଏବଂ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି। କରୋନା ନିୟନ୍ତ୍ରଣ ଦିଗରେ ପୋଲିସର କାର୍ଯ୍ୟକୁ ଜିଲାପାଳ ପ୍ରଶଂସା କରିଥିଲେ। ସୁସ୍ଥ ହୋଇ ଫେରିଥିବା କର୍ମଚାରୀମାନେ ପ୍ଲାଜ୍‌ମା ଦାନ ଲାଗି ଆଗେଇ ଆସିବା ଲାଗି ପରାମର୍ଶ ଦେଇଥିଲେ। ଏସ୍‌ପି ସ୍ୱାଇଁ ପ୍ଲାଜ୍‌ମା ଦାନ ଲାଗି ପ୍ରତିଶ୍ରୁତି ଦେଇଥିବା ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଥାନାଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କରୋନାରେ ମୃତ୍ୟୁବରଣ କରିଥିବା ଏଏସ୍‌ଆଇ ଏମ୍.ଡି. ବଲିଆରସିଂଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ବ୍ରାଞ୍ଚ୍‌ରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୨୯।୮(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ତୃତୀୟ ମହଲାରେ ଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ବ୍ରାଞ୍ଚର ସର୍ଭର ରୁମ୍‌ରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ବିଳମ୍ବରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଏସି ଭିତରେ ମୂଷା ପଶିଯିବାରୁ ଶର୍ଟସର୍କିଟ ହୋଇ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ବାଙ୍କୀ: ବିଭିନ୍ନ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

**ବାଙ୍କୀ, ୨୯।୮ (ସ୍ୱ.ପ୍ର./ବି.ପ୍ର.):** ହୀରାକୁଦରୁ ବନ୍ୟାଜଳ ନିଷ୍କାସନ ହେବା ପରେ ବାଙ୍କୀ ପ୍ରତି ବିପଦ ଦେଖାଦେଇଛି। ମହାନଦୀ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ୭.୮ ମିଟର ଥିବାବେଳେ ୮.୦୪ ମିଟରରେ ଜଳ ପ୍ରବାହିତ ହେଉଛି। ବାଙ୍କୀ -କଳାପଥର ରାସ୍ତା, ବୈଦେଶ୍ୱର ରାସ୍ତା, ଶିମିଳିପୁର -ବିଲିପଡା, ବିଲିପଡା-ତାଳବସ୍ତ, ଘୋଡାବର-ବନ୍ଦାଳ ରାସ୍ତା, କୁସୁପଙ୍ଗି, କଇଁମୁଣ୍ଡି, ସାଁପୁର ସାହାଡାପଦା-ସିଂହନାଥପୁର, ଭୋକାଶଙ୍ଗ, ଚନ୍ଦ୍ରପା ସେତୁ ଆଦି ପାଣିରେ ବୁଡିଯାଇଛି। ଫଳରେ ବିଭିନ୍ନ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବହୁ ହେକ୍ଟର ଚାଷ ଜମି ପାଣିରେ ବୁଡ଼ିଯାଇଛି। ଫଳରେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। କେତେକ ସ୍ଥାନରେ ମହାନଦୀ ବନ୍ଧ ଦୁର୍ବଳ ଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା ପକାଯାଇଛି। ବାଙ୍କୀର ପୂର୍ବତନ କଂଗ୍ରେସ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରି ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ଗୟଳବାଙ୍କଠାରେ ମହାନଦୀର ବନ୍ଧରେ ସୃଷ୍ଟି ହୋଇଥିବା ଘାଇ ବୁଲି ଦେଖିବା ସହ କଇଁମୁଣ୍ଡି, ଘୋଡାବର ହୁଲୁହୁଲା ପୋଲ, ଓସ୍ତିଆ , ନଦୀକୁଣ୍ଡା ପୋଲ, ଚନ୍ଦ୍ରପା ସେତୁ ଆଦି ଅଞ୍ଚଳ ପରିଦର୍ଶନ କରିଛନ୍ତି। ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ ତ୍ରିପାଠୀ ଓ ରାଜୁଆ ସବ୍‌ଡିଭିଜନର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବେହେରା ମହାନଦୀ ବନ୍ଧ ଓ ଜଳପ୍ରବାହ ଉପରେ ନଜର ରଖିଛନ୍ତି।

# ଜେଲ ବିଭାଗରେ ୬୦୮ ପଦବୀ ଖାଲି

**ଏନ୍‌ସିଆର୍‌ବି ରିପୋର୍ଟ ପ୍ରକାଶ**

- ୨୦୧୮ରେ ଖାଲି ପଦବୀ ସଂଖ୍ୟା ଥିଲା ମାତ୍ର ୫୩୮
- ଜେଲ ବିଭାଗ ପାଇଁ ମଧ୍ୟ ବଜେଟ୍ ହ୍ରାସ କରାଯାଇଛି

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ କାରାଗାର ପରିସଂଖ୍ୟାନ ରିପୋର୍ଟ-୨୦୧୯ ଶନିବାର ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ, ରାଜ୍ୟ ଜେଲ ବିଭାଗର ଖାଲି ପଡିଥିବା ପଦବୀ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ବଜେଟ୍ ଅନୁଦାନ ମଧ୍ୟ ହ୍ରାସ ପାଇଛି। ୨୦୧୮ରେ ଅନୁମୋଦିତ ଜେଲ୍ କର୍ମଚାରୀ ସଂଖ୍ୟା ୨୯୮୬ ଥିବାବେଳେ ୨୩୭୮ଜଣ ରହିଥିଲେ। ଫଳରେ ମୋଟ ୫୩୮ ପଦବୀ ଖାଲିପଡିଥିବାବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୬୦୮ରେ ପହଞ୍ଚିଛି। ବିଶେଷକରି ୨୦୧୮ରେ ଜେଲ (ଏକ୍‌ଜିକ୍ୟୁଟିଭ୍) କର୍ମଚାରୀଙ୍କ ସଂଖ୍ୟା ୨୦୧୧ ରହିଥିବାବେଳେ ୨୦୧୯ରେ ୧୯୬୨କୁ ହ୍ରାସ ପାଇଛି। ସେହିଭଳି ୨୦୧୯ରେ ଅନୁମୋଦିତ ଅଫିସର କ୍ୟାଡ଼ର ସଂଖ୍ୟା ୪୬୪ ଥିବାବେଳେ ରହିଛନ୍ତି ୨୫୫ଜଣ ଅର୍ଥାତ୍ ୨୦୯ ଅଫିସର ପୋଷ୍ଟ ଖାଲି ପଡିଛି। ଅନୁମୋଦିତ ଜେଲ ଅଧୀକ୍ଷକ ପଦବୀ ୯୨ ଥିବାବେଳେ ଅଛନ୍ତି ୯୧ଜଣ। ଅନୁମୋଦିତ ଆସିଷ୍ଟାଣ୍ଟ ଅଧୀକ୍ଷକ ପଦବୀ ୧୦୫ ଥିବାବେଳେ ଅଛନ୍ତି ମାତ୍ର ୫୫ ଜଣ। ସୁଧାର କର୍ମଚାରୀଙ୍କ ସଂଖ୍ୟା ୨୦୧୮ରେ ୧୨୦ ଥିବାବେଳେ ୨୦୧୯ରେ ଏହା ୧୦୮କୁ ହ୍ରାସ ପାଇଛି। ତେବେ ରାଜ୍ୟର ବିଭିନ୍ନ ଜେଲ୍‌ରେ ଥିବା ୱେଲଫେୟାର ଅଫିସରଙ୍କ ପଦବୀ ଅଧା ଖାଲି ପଡିଛି। ଅନୁମୋଦିତ ସଂଖ୍ୟା ୬୦ ଥିବାବେଳେ ୩୧ ଜଣ ୱେଲ୍‌ଫେୟାର ଅଫିସର ଅଛନ୍ତି।

ଅନ୍ୟପକ୍ଷରେ ଜେଲ୍‌ରେ ଏକାଧିକ ମାନସିକ ରୋଗୀ ଅଛନ୍ତି। ଏଥିସହ ଦୀର୍ଘଦିନ ଧରି ଜେଲ୍ ଦଣ୍ଡ ଭୋଗିବା ସମୟରେ ବହୁ କଏଦୀ ମାନସିକ ଭାରସାମ୍ୟ ହରାଉଛନ୍ତି। ସେମାନଙ୍କ ପାଇଁ ୨୦୧୮ରେ ୪ ଅନୁମୋଦିତ ମନସ୍ତତ୍ତ୍ୱବିତ ପଦବୀ ରହିଥିବାବେଳେ ସରକାର ମାତ୍ର ଜଣଙ୍କୁ ନିଯୁକ୍ତି ଦେଇଥିଲେ। ତେବେ ୨୦୧୯ରେ ଏହି ପଦବୀ ସଂଖ୍ୟା ୩କୁ ହ୍ରାସ କରାଯାଇଥିବାବେଳେ ସେହି ଜଣେ ହିଁ କାର୍ଯ୍ୟ କରୁଛନ୍ତି। ସାମାଜିକ କର୍ମୀଙ୍କ ଅନୁମୋଦିତ ୧୦୧ ପଦବୀ ଥିବାବେଳେ ୭୬ଜଣ ଅଛନ୍ତି। ତେବେ ରାଜ୍ୟ ସରକାର କାରାଗାରରେ ଡାକ୍ତର ପଦବୀ ସଂଖ୍ୟା ବୃଦ୍ଧି କରିଛନ୍ତି। ୯୪ଟି ଅନୁମୋଦିତ ଡାକ୍ତରୀ ପଦବୀ ଥିବାବେଳେ ୨୦୧୮ରେ ୪୨ଜଣ କାର୍ଯ୍ୟ କରୁଥିବାବେଳେ ୨୦୧୯ରେ ୬୧କୁ ବୃଦ୍ଧି ପାଇଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଓଡ଼ିଶାର ସମ୍ବଲପୁରରେ ଏକମାତ୍ର ମହିଳା କାରଗାର ରହିଛି। କିନ୍ତୁ ସେଠାରେ କୌଣସି ଜଣେ ହେଲେ ମେଡ଼ିକାଲ ଷ୍ଟାଫ୍ ନ ଥିବା ଉକ୍ତ ରିପୋର୍ଟରୁ ଜଣାପଡିଛି।

ଅନ୍ୟପକ୍ଷରେ ୨୦୧୮-୧୯ ତୁଳନାରେ ୨୦୧୯-୨୦ ଆର୍ଥିକ ବର୍ଷରେ ଓଡ଼ିଶା ଜେଲ ନିର୍ଦ୍ଦେଶାଳୟ କମ୍ ବଜେଟ ପାଇଛି। ୨୦୧୮ରେ ରାଜ୍ୟ ଜେଲ ବିଭାଗ ପାଇଁ ମୋଟ ମଞ୍ଜୁରୀପ୍ରାପ୍ତ ବଜେଟ ୨୦୨.୪ କୋଟି ଥିବାବେଳେ ୨୦୧୯ରେ ୧.୩ ପ୍ରତିଶତ କମ୍ ଅର୍ଥାତ୍ ୧୯୯.୭କୋଟିକୁ ହ୍ରାସ ପାଇଛି। ଏହି ସମୟରେ ଜେଲ ବିଭାଗ ଅନୁମୋଦିତ ୧୯୯.୭ କୋଟି ଟଙ୍କା ମଧ୍ୟରୁ ୧୭୦.୫ କୋଟି ଟଙ୍କା ଖର୍ଚ୍ଚ କରିଛି। କହିବାକୁ ଗଲେ ମଞ୍ଜୁର ହେଉଥିବା ବଜେଟକୁ ରାଜ୍ୟ ଜେଲ ବିଭାଗ ଠିକ୍ ଭାବେ ଖର୍ଚ୍ଚ କରିବାରେ ବିଫଳ ହେଉଥିବା ଜଣାପଡୁଛି।

## ୪୩ କୋଟିର ସୁନା ବିସ୍କୁଟ ଜବତ



- ଦିଲ୍ଲୀ ରେଳଷ୍ଟେଶନରୁ ୮ ଗିରଫ
- ଅନ୍ତର୍ଜାତୀୟ ସୁନାଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ

**ନୂଆଦିଲ୍ଲୀ, ୨୯।୮ :** ନୂଆଦିଲ୍ଲୀ ରେଲ୍‌ୱେ ଷ୍ଟେଶନରେ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ(ଡିଆର୍‌ଆଇ) ପକ୍ଷରୁ ଚଢ଼ାଉ କରାଯାଇ ୮ ଅନ୍ତର୍ଜାତୀୟ ସୁନାଚୋରଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୫୦୪ଟି ସୁନା ବିସ୍କୁଟ(ଆନୁମାନିକ ମୂଲ୍ୟ ୪୩ କୋଟି ଟଙ୍କା) ଜବତ ହୋଇଛି। ଏଥିସହ ଏକ ଅନ୍ତର୍ଜାତୀୟ ସୁନାଚୋରି ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। ଦିବ୍ରୁଗଡ଼- ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସରେ ଜାଲ୍ ଆଧାର କାର୍ଡ ଜରିଆରେ ଆସିଥିବା ୮ ଅଭିଯୁକ୍ତ ସୁନା ବିସ୍କୁଟଗୁଡ଼ିକୁ ଏକ କପଡ଼ାରେ ଗୁଡ଼ାଇ ଆଣୁଥିଲେ ବୋଲି ଡିଆର୍‌ଆଇ ଉପନିର୍ଦ୍ଦେଶକ କହିଛନ୍ତି। ମ୍ୟାନ୍‌ମାର୍‌ରୁ ମଣିପୁର ସୀମାଦେଇ ଭାରତକୁ ଏହା ଚୋରି କରି ଅଣାଯାଉଥିଲା। ଏଗୁଡ଼ିକୁ ମୁମ୍ବାଇ, ଦିଲ୍ଲୀ, କୋଲକାତାରେ ବିକ୍ରି କରାଯାଇଥାନ୍ତା। ୮ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ପରିବାରକୁ ନ୍ୟାୟ ଦାବିରେ ଶନିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଓଡ଼ିଶାରେ କୃଷି ପରେ କର୍ମ ସଂସ୍ଥାନ ଯୋଗାଉଛି ବୟନ ଶିଳ୍ପ: ମନ୍ତ୍ରୀ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର।

ଦେଶର ପୂର୍ବ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ଗ୍ରାମୀଣ କାରିଗରଙ୍କ ସଶକ୍ତୀକରଣ ନିମନ୍ତେ 'ହସ୍ତକାରୀ' ନାମରେ ଏକ ଅଭିନବ ଉପକ୍ରମ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଏକ ପ୍ରାନ୍ତୀୟ ୱେବିନାର ଆୟୋଜିତ ହୋଇଥିଲା। ରାଜ୍ୟ ଶିଳ୍ପ, ଶକ୍ତି ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଏଥିରେ ଅଂଶ ଗ୍ରହଣକରି ଓଡ଼ିଶାର କାରିଗର ଓ ଶିଳ୍ପୀଙ୍କ ଦକ୍ଷତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଲେ, ସମ୍ପ୍ରତି ସିଆଇଆଇ ଓଡ଼ିଶା ଚାପ୍ଟର ରାଜ୍ୟରେ କ୍ଷୁଦ୍ର ଶିଳ୍ପ ଓ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଓଡ଼ିଶାରେ ବିପୁଳ ଖଣିଜ ସମ୍ପଦ, ସୁଦୀର୍ଘ ଉପକୂଳ, ପ୍ରାକୃତିକ ସମ୍ପଦ, ଜଳ ସମ୍ପଦ, ଗମନାଗମନର ସୁବିଧା ପ୍ରଭୃତି ଆମ ପାଇଁ ବଡ଼ ସମ୍ବଳ। ଏଥିସହିତ ଓଡ଼ିଶାର ସମ୍ବଲପୁରୀ ଶାଢ଼ି, ମାଣିଆବନ୍ଧ ପାଟ, ରଘୁରାଜପୁରର ପଟଚିତ୍ର ସହ ଆଦିବାସୀ କଳାଶୈଳୀର ବହୁ ସୁନାମ ଓ ଆଦୃତି ରହିଛି। କୃଷି ପଛକୁ ଯଦି କୌଣସି ବୃତ୍ତି ଅଧିକ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଉଛି ତାହା ହେଲା ବୟନ ଶିଳ୍ପ। ତେଣୁ ଏକ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଥିବା ସେ ଦର୍ଶାଇଥିଲେ। ସେହିପରି ଅନ୍ୟ ହସ୍ତ କାରିଗରିରେ ଓଡ଼ିଶା ଅଗ୍ରଣୀ ତଥା ଦକ୍ଷ। ରାଜ୍ୟର କଂସା-ପିତଳ କାମ, ରୁପା ତାରକସୀ କାମ, ଟେରାକୋଟା, ଚାନ୍ଦୁଆ ପ୍ରଭୃତି ଶିଳ୍ପୀଙ୍କ ଦକ୍ଷତା ପ୍ରତିପାଦିତ କରେ ବୋଲି ମନ୍ତ୍ରୀ ଦର୍ଶାଇଥିଲେ।

ତ୍ରିପୁରା ଉପମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ବର୍ମା, ଭାରତ ସରକାରଙ୍କ ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ଦେବଶ୍ରୀ ଚୌଧୁରୀ, ସିକିମ ବାଣିଜ୍ୟ ଶିଳ୍ପ ଏବଂ ପର୍ଯ୍ୟଟନ ଓ ନାଗରିକ ଉଡ଼ାଣ ମନ୍ତ୍ରୀ ବେଦୁ ସିଂ ପନ୍ଥ, ସିଆଇଆଇ ଅଧ୍ୟକ୍ଷ, ପୂର୍ବାଞ୍ଚଳ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଜିତ ରାୟ, ସିଆଇଆଇର ଉତ୍ତର ପୂର୍ବାଞ୍ଚଳ ପରିଷଦ ସଦସ୍ୟ ଡ. ଅତୋଷୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୧୨ ଜଣଙ୍କୁ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ

**ପୁରୀ ଅଫିସ,୨୯।୮:** ସେଲ୍ଫ ଡିଫେନ୍ସ ଏକାଡେମୀ ଓ ପୁରୀ ଜୁଡୋ ଏକାଡେମୀ ମିଳିତ ଆନୁକୂଲ୍ୟରେ ୧୬ତମ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ୧୨ଜଣ ଶ୍ରେଷ୍ଠ କ୍ରୀଡ଼ା ପ୍ରତିଭାଙ୍କୁ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ ଦିଆଯାଇଛି। ଜାତୀୟ ପଦକ ବିଜେତା ଜୁଡୋକା ଅରବିନ୍ଦ ବିଶ୍ୱାଳ, ଜାତୀୟ ସଫ୍ଟବଲ ଖେଳାଳି ମାମାଲି ନାଥ, ଜାତୀୟସ୍ତରୀୟ କୁସ୍ତିବିତ୍ ଲକ୍ଷ୍ମୀନାରାୟଣ ମହାସୁଆର, ଜାତୀୟ ଜିମ୍ନାଷ୍ଟିକ ସ୍ୱର୍ଣ୍ଣପଦକ ବିଜେତା ଜଗଦୀଶ ବାରିକ, ଫୁଟବଲ ଖେଳାଳି ଶିବଶଙ୍କର ମୁର୍ମୁ, ଆସିଟେଡୋ ଆଖଡ଼ା ସ୍ୱର୍ଣ୍ଣ ପଦକ ବିଜେତା ସତ୍ୟଜିତ ନାୟକ, ମୁଇଥାଇ ବକ୍ସିଂ ସ୍ୱର୍ଣ୍ଣ ପଦକ ବିଜେତା ଶକ୍ତିସ୍ୱରୂପା ସାହୁ, କ୍ରୀଡ଼ା ଖବରଦାତା ସୁମନ୍ତ ପରିଡ଼ା, କ୍ରୀଡ଼ା ଶିକ୍ଷକ ରାଜକିଶୋର ମହାନ୍ତି, କ୍ରୀଡ଼ା ପ୍ରଚାରକ ଶମ୍ଭୁନାଥ ଖୁଣ୍ଟିଆ, ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ କୋଚ୍ ଅଶୋକ ମିଶ୍ର, ଜୀବନବ୍ୟାପୀ ସାଧନା ପାଇଁ ଦ୍ୱାରିକାନାଥ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ପ୍ରାକ୍ତନ ଜିଲା କ୍ରୀଡ଼ା ଅଧିକାରୀ ରବୀନ୍ଦ୍ରନାଥ ସେନାପତି, ଜଗନ୍ନାଥ ବଡ଼ିଆ, କ୍ରୀଡ଼ାବିତ୍ ପ୍ରଫେସର ଶକ୍ତିପ୍ରସାଦ ମିଶ୍ର, ରାଜେଶ ପ୍ରଧାନ ଯୋଗ ଦେଇଥିଲେ। ସେଲ୍ଫ ଡିଫେନ୍ସ ଏକାଡେମୀ ସଭାପତି ଚକ୍ରଧର ମହାପାତ୍ର ସଭାପତିତ୍ୱ ଓ ସମ୍ପାଦକ ସବ୍ୟସାଚୀ ରଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଆଉଜଣେ କରୋନା ଯୋଦ୍ଧାଙ୍କ ମୃତ୍ୟୁ



ସପ୍ତମ ବାଟାଲିୟନରେ ମୃତ କରୋନା ଯୋଦ୍ଧା ଆଶିଷଙ୍କୁ ସମ୍ମାନ ଦିଆଯାଉଛି।

**ଭୁବନେଶ୍ୱର, ୨୯।୮ (ବ୍ୟୁରୋ):** କରୋନା ମହାମାରୀରେ ୨୪ଜଣ ପୋଲିସ କର୍ମଚାରୀ ଓ ୩ଜଣ ଗୃହରକ୍ଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ଆଉଜଣେ କରୋନା ଯୋଦ୍ଧା ଆଖି ବୁଜିଛନ୍ତି। ସେ ହେଲେ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ତଥା କନ୍‌ଷ୍ଟେବଳ ଆଶିଷ ମହାକୁଳ। କିଛିଦିନ ପୂର୍ବରୁ ଆଶିଷଙ୍କ ସହ ବିଧାୟକଙ୍କ ରୋଷେୟା ଓ ଡ୍ରାଇଭର କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସାମାନ୍ୟ ଲକ୍ଷଣ ଥିବାରୁ ଆଶିଷଙ୍କୁ ପ୍ରଥମେ ହାଇଟେକ୍ ମେଡିକାଲସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସମ୍ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୮ ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ଆଶିଷଙ୍କ ଉଦ୍ଦେଶ୍ୟରେ ୭ମ ବାଟାଲିୟନରେ ଶୋକ ପାଳନ କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

## ଜାତୀୟ କ୍ରୀଡ଼ା ଦିବସରେ ୩ ଖେଳାଳି ପୁରସ୍କୃତ

**ଖୋର୍ଦ୍ଧା ଅଫିସ,୨୯।୮:** ଜାତୀୟ କ୍ରୀଡା ଦିବସ ଅବସରରେ ଶନିବାର ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସନତ୍ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କ୍ରୀଡା କ୍ଷେତ୍ରରେ ଜିଲା ପାଇଁ ସୁନାମ ଆଣିଥିବା ଖେଳାଳିଙ୍କୁ ଜିଲାପାଳ ସମ୍ବୋଧିତ କରିବା ସହ ଜିଲାର ଗୌରବ ବଜାୟ ଲାଗି ପରାମର୍ଶ ଦେଇଥିଲେ। ରଗ୍‌ବି ଖେଳାଳି ଶୁଭଲକ୍ଷ୍ମୀ ବାରିକ ଓ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ଯଥାକ୍ରମେ ୨ଲକ୍ଷ ୭୫ହଜାର ଏବଂ ୧ଲକ୍ଷ ୩୫ହଜାର ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦିବ୍ୟାଙ୍ଗ ଖେଳାଳି ସ୍ମୃତିରଞ୍ଜନ ବାରିକଙ୍କୁ ୨ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ମନୋଜ ପାଢୀ, ଜିଲା କ୍ରୀଡା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ, କ୍ରୀଡାବିତ୍ ସୁଶୀଲ ଦାସ, ଡାନିଏଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କ୍ରୀଡାଧିକାରୀ ଲଳିତେନ୍ଦୁ ମହାନ୍ତି ପରିଚାଳନା କରିଥିଲେ।

## ରେକର୍ଡ: ଦିନକରେ ରାଜଧାନୀରୁ ୫୦୫ ଆକ୍ରାନ୍ତ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ଭୁବନେଶ୍ୱରରେ ଶେଷ ୨୪ଘଣ୍ଟାରେ ସର୍ବାଧିକ ୫୦୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କେବଳ ଅଗଷ୍ଟରେ ୬୭୮୧ ଜଣ ଆକ୍ରାନ୍ତ ହୋଇଛନ୍ତି। ଅଗଷ୍ଟ ୧ ସୁଦ୍ଧା କରୋନାଜନିତ ମୃତ୍ୟୁ ୧୭ ଥିବାବେଳେ ଏବେ ଏହି ସଂଖ୍ୟା ୪୦ ଛୁଇଁଛି। ଶନିବାର ଚିହ୍ନଟଙ୍କ ମଧ୍ୟରୁ ବସ୍ତି ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ରହିଛନ୍ତି। ପାଖାପାଖି ୪ଶହ ପଜିଟିଭ୍ ଅଣ ବସ୍ତି ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ବିଭିନ୍ନ ହସ୍ପିଟାଲରୁ ୨୧ଜଣ, ବ୍ୟାଙ୍କରୁ ୯, ଚନ୍ଦ୍ରଶେଖରପୁରର ଏକ ସ୍ଥାନରୁ ୧୫, ବଡ଼ଗଡ଼ ଅଞ୍ଚଳରୁ ୧୦, ଝାରପଡ଼ାରୁ ୧୧, ପୁରୁଣା ଭୁବନେଶ୍ୱରରୁ ୯, ମଞ୍ଚେଶ୍ୱର ଅଞ୍ଚଳରୁ ୮ ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଛନ୍ତି। ସେହିପରି ସରକାରୀ କାର୍ଯ୍ୟାଳୟ, ପୋଲିସ୍ କର୍ମଚାରୀଙ୍କ ମଧ୍ୟରୁ ୧୨ଜଣ ଚିହ୍ନଟ ହୋଇଥିବାବେଳେ ଚନ୍ଦ୍ରଶେଖରପୁର ଅଞ୍ଚଳରୁ ୮ ଜଣ, ଡୁମୁଡୁମାରୁ ୧୧, ବରମୁଣ୍ଡାରୁ ୯ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୁଖ୍ୟତଃ ୱାର୍ଡ ନଂ. ୨୭ରୁ ୩୯ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱରରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୯୫୦୬କୁ ବୃଦ୍ଧିପାଇଛି।

## ବନ୍ୟାଞ୍ଚଳକୁ ଗଲେ ଏନ୍‌ଡିଆର୍‌ଏଫ୍ ଟିମ୍

**ନରାଜ,୨୯।୮ (ଡି.ଏନ୍.ଏ.)**

କଟକ ଜିଲା ମୁଣ୍ଡଳି ବ୍ୟାରେଜରେ ମହାନଦୀର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ଶନିବାର ୫ଟା ସୁଦ୍ଧା ମୁଣ୍ଡଳିରେ ୯ ଲକ୍ଷ ୪୮ ହଜାର ୯୦୫ ଘନଫୁଟ ଜଳ ପ୍ରବାହିତ ହେଉଥିଲା। ଏଠାରେ ବିପଦ ସଙ୍କେତ ୯୭.୨୫ ଫୁଟ ଥିବା ବେଳେ ବର୍ତ୍ତମାନ ୯୪.୫ ଫୁଟରେ ପ୍ରବାହିତ ହେଉଛି ବୋଲି ସହକାରୀ ଯନ୍ତ୍ରୀ ଅନନ୍ତ ଗୋପାଳ ପଟ୍ଟନାୟକ କହିଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନି ମୁଣ୍ଡଳି ବ୍ୟାରେଜ ପରିଦର୍ଶନ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବନ୍ୟା ସ୍ଥିତି ମୁକାବିଲା ପାଇଁ ରାଜ୍ୟ ପ୍ରଶାସନ ଓ ମୁଣ୍ଡଳି ସ୍ଥିତ ଏନ୍‌ଡିଆରଏଫର ୧୪ ଟିମ୍ ଶନିବାର ବିଭିନ୍ନ ଜିଲାକୁ ଗସ୍ତ କରିଛନ୍ତି। ଭଦ୍ରକ,ବାଲେଶ୍ୱର ଓ ଜଗତ୍‌ସିଂହପୁର, ଜୟପୁର , କେନ୍ଦ୍ରାପଡା ଆଦି ଜିଲାକୁ ଏସବୁ ଟିମ୍ ପଠାଯାଇଛି। ପ୍ରତେକ ଟିମ୍‌ରେ ଜଣେ ଲେଖାଏ ଇନ୍ସପେକ୍ଟର ରହିଛନ୍ତି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜି.ଏସ୍ ପଟେଲ ଓ ସୁଜିତ୍ ସିଂହଙ୍କ ନେତୃତ୍ୱରେ ଟିମ୍ ସଦସ୍ୟମାନେ ସାଙ୍ଗରେ ବିଭିନ୍ନ ଆନୁଷଙ୍ଗିକ ସାମଗ୍ରୀ ନେଇଛନ୍ତି।




ଏନ୍‌ଡିଆର୍‌ଏଫ୍ ଟିମ୍‌ର ପ୍ରସ୍ତୁତି କାର୍ଯ୍ୟ ଚାଲିଛି।

## ଗ୍ୟାଙ୍ଗ୍ ଲିଡର ପାଟୁ ସମେତ ୪ ଗିରଫ

**ବନ୍ଧନ ବ୍ୟାଙ୍କ୍ ଅଧିକାରୀଙ୍କଠାରୁ ଟଙ୍କା ଲୁଟ୍ ମାମଲା**

- ଗୋଟିଏ ବନ୍ଧୁକ, ୪ ଗୁଳି, ୭୦ହଜର ଟଙ୍କା ଜବତ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**



ଗିରଫ ଅଭିଯୁକ୍ତ, ଜବତ ବନ୍ଧୁକ, ଗୁଳି ଓ ଟଙ୍କା।

ବନ୍ଧନ ବ୍ୟାଙ୍କ୍‌ର ଯୋଗାଯୋଗ ଅଧିକାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୯୪ ହଜାର ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ସ୍ପେଶାଲ ସ୍କ୍ୱାଡ୍। ଏଥିରେ ପାଟୁ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ଜଣାପଡିବା ପରେ ଖଣ୍ଡଗିରି ପୋଲିସ ସହ ମିଳିତ ଚଢ଼ାଉ କରି ପୁରୀ ଓ ଭୁବନେଶ୍ୱର ଉପକଣ୍ଠରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୭୦ ହଜାର ଟଙ୍କା, ଗୋଟିଏ ବନ୍ଧୁକ, ୪ ଗୁଳି ଓ ଗୋଟିଏ ବାଇକ ଜବତ ହୋଇଛଇ। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗ୍ ଲିଡର ତଥା ପୁରୀ ଜିଲା ଗୋପ ଅଞ୍ଚଳର ସାହାଜାହାନ ଖାନ୍ ଓରଫ ପାଟୁ (୪୫), ନିମାପଡାର ଏସ୍.କେ ସାହିଦ(୨୧), ଯଦୁପୁର ଅଞ୍ଚଳର ଜଲାଉଦ୍ଦିନ ଖାନ୍ ଓରଫ ରାଜା (୨୧) ଓ ନିମାପଡାର ପ୍ରଶାନ୍ତ ଭୋଇ ଓରଫ ପୁନି (୨୮)। ପାଟୁ ନାମରେ ବିଭିନ୍ନ ଥାନାରେ ୧୯ ମାମଲା ରହିଥିବାବେଳେ ସାହିଦଙ୍କ ନାମରେ ୯ , ରାଜା ନାମରେ ୩ ଓ ପ୍ରଶାନ୍ତ ନାମରେ ୮ଟି ମାମଲା ରହିଥିବା ତଦନ୍ତରୁ ଜଣାପଡିଛି। ଖଣ୍ଡଗିରି ପୋଲିସ କେସ୍ ନଂ.୪୭୦/୨୦ ଦଫା ୩୯୨ ଲଗାଇ ସେମାନଙ୍କୁ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ବନ୍ଧନ ବ୍ୟାଙ୍କ୍‌ର ଯୋଗାଯୋଗ ଅଧିକାରୀ ମନୋରମା ବରାଳ ଗ୍ରାହକଙ୍କଠାରୁ ଟଙ୍କା କଲେକ୍ସନ କାର୍ଯ୍ୟ କରନ୍ତି। ସବୁଦିନ ପରି ଗତ ୫ ତାରିଖ ରାତି ୮ଟାରେ ସରକନ୍ତରା ଓ ଯଦୁପୁରରୁ ଟଙ୍କା କଲେକ୍ସନ କରିବା ପରେ ବରମୁଣ୍ଡା ଗାଁରେ ଥିବା ଆଉକେତେଜଣ ଗ୍ରାହକଙ୍କ ଘରକୁ ଟଙ୍କା ଆଣିବାକୁ ସ୍କୁଟିରେ ଯାଉଥିଲେ। ତାଙ୍କୁ ଏକ ବାଇକ୍‌ରେ ପିଛା କରୁଥିବା ୩ଜଣ ଲୁଟେରା ରାତି ପ୍ରାୟ ୧୧ଟା ୪୦ରେ ବରମୁଣ୍ଡା ଗାଁ ନିକଟରେ ଅଟକାଇଥିଲେ। ପରେ ବାଇକରେ ବସିଥିବା ଜଣେ ଲୁଟେରା ବନ୍ଧୁକ ବାହାର କରି ତାଙ୍କ ମୁଣ୍ଡରେ ଲଗାଇ ଟଙ୍କା ବ୍ୟାଗ୍ ଲୁଟି ନେଇଥିଲେ। ଏନେଇ ମନୋରମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଡିସିପି ଉମାଶଙ୍କର ଦାଶ ସ୍ପେଶାଲ ସ୍କ୍ୱାଡ୍‌କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଏକାଧିକ ସ୍ଥାନରୁ ହୋଇଥିବା ଲୁଟ୍‌ର ସିସିଟିଭି ଫୁଟେଜ ଯାଞ୍ଚବେଳେ ପାଟୁ ଗ୍ୟାଙ୍ଗର ସଦସ୍ୟ ସମ୍ପୃକ୍ତ ଥିବା ସୁରାକ ମିଳିଥିଲା। ତେଣୁ ପାଟୁ ଗ୍ୟାଙ୍ଗ ସଦସ୍ୟଙ୍କ ତାଲିକା ଖୋଲିବା ପରେ ସେଥିରୁ ରାଜାଙ୍କ ନାମ ଆସିଥିଲା। ପୂର୍ବରୁ ରାଜା ମଧ୍ୟ ଏକାଧିକ ଡକାୟତି ମାମଲାରେ ଗିରଫ ହୋଇଥିଲେ। ତେବେ ସେ ଯଦୁପୁରରେ ରହୁଥିବାବେଳେ ବନ୍ଧନ ବ୍ୟାଙ୍କ୍ ଯୋଗାଯୋଗ ଅଧିକାରୀ ମନୋରମା ଘଟଣା ଦିନ ରାଜାଙ୍କ ଘର ନିକଟରୁ ଟଙ୍କା କଲେକ୍ସନ କରି ଫେରିଥିଲେ। ଏହା ଜାଣିପାରି ରାଜା ତାଙ୍କ ଗ୍ୟାଙ୍ଗ୍ ଲିଡର ପାଟୁଙ୍କୁ ଜଣାଇଥିଲେ। ପରେ ପାଟୁ, ରାଜା ଓ ଅନ୍ୟଜଣେ ବାଇକରେ ମନୋରମାଙ୍କ ପିଛା କରି ବରମୁଣ୍ଡା ଗାଁ ନିକଟରେ ଲୁଟ୍ କରିଥିଲେ।

# ଇ-ବୁକ୍ ରିଡିଂ

ଆଜିର ଦିନରେ କୌଣସି ବିଷୟରେ ଜ୍ଞାନ ଆହରଣ କରିବା ଲାଗି ଇଣ୍ଟରନେଟ୍ ସାଜିଛି ସବୁଠୁ ବେଷ୍ଟ ମିଡିଅମ୍। ଏମିତି କି ଛାତ୍ରୀଛାତ୍ରମାନେ ବହି ବଦଳରେ କମ୍ପ୍ୟୁଟର, ଲାପ୍‌ଟପ, ଆଇପ୍ୟାଡ୍, ଟ୍ୟାବ୍ ଏବଂ ମୋବାଇଲ୍ ମାଧ୍ୟମରେ ଘରେ ବସି ପଢ଼ିପାରୁଛନ୍ତି। ତେବେ କେବଳ ପାଠ୍ୟକ୍ରମରେ ଥିବା ବହି ନୁହେଁ ପ୍ରତ୍ୟେକ ପୁସ୍ତକପ୍ରେମୀଙ୍କ ଲାଗି ଗଳ୍ପ, କବିତା, ଉପନ୍ୟାସ, ବେଦ, ଗ୍ରନ୍ଥ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ ପ୍ରକାର ବହି ଅନ୍‌ଲାଇନ୍‌ରେ ଓଭରଡ୍ରାଇଭ୍, ଲାଇବ୍ରେରି ଜେନେସିସ୍, ପ୍ରୋଜେକ୍ଟ ଗୁଟେନ୍‌ବର୍ଗ, ମେନି ବୁକ୍ସ, ପିଡିଏଫ୍ ବୁକ୍ସ ୱାର୍ଲ୍ଡ, ଓପନ୍ ଲାଇବ୍ରେରି, ଫ୍ରି-ଇବୁକ୍ସ.ନେଟ୍, ଆମାଜନ୍ କିଣ୍ଡଲ, ଇଣ୍ଟରନେଟ୍ ଆର୍କାଇଭ୍ ଭଳି ବିଭିନ୍ନ ସାଇଟ୍‌ରେ ଉପଲବ୍ଧ। ନିଜ ପସନ୍ଦର ଏକାଧିକ ବହି ଅଳ୍ପ ଖର୍ଚ୍ଚରେ ଇ-ବୁକ୍ ରିଡିଂ ସାଇଟ୍‌ରୁ ସହଜରେ ପଢ଼ିହେଉଛି କିମ୍ବା ପରେ ପଢ଼ିବା ଲାଗି ଡାଉନ୍‌ଲୋଡ୍ କରି କମ୍ପ୍ୟୁଟରରେ ଷ୍ଟୋର କରି ହେଉଛି। ଅନେକ ଇ-ରିଡିଂ ସାଇଟ୍‌ରେ ଡାଉନ୍‌ଲୋଡ୍ ଫ୍ରି ବା ଦେୟମୁକ୍ତ ହୋଇଥିବାରୁ ପାଠକ ଏହାର ଭରପୂର ଫାଇଦା ଉଠାଉଥିବା ଦେଖିବାକୁ ମିଳୁଛି। ତେବେ ଇ-ବୁକ୍ ପଢ଼ିବା ଫଳରେ ନା ଘରେ ଅଧିକ ସଂଖ୍ୟାରେ ବହି ଜମା କରିବା କିମ୍ବା ଲାଇବ୍ରେରି ଯିବା ଇତ୍ୟାଦିର ଟେନ୍‌ସନ ରହୁଛି ନା ଆବଶ୍ୟକ ସମୟରେ କାହା ଉପରେ ନିର୍ଭର କରିବାକୁ ପଡୁଛି। କେବଳ ଏତିକି ନୁହେଁ, ଅଧିକ ବହି ଛପା ନିମନ୍ତେ ଆବଶ୍ୟକ କାଗଜ ପ୍ରସ୍ତୁତ ଲାଗି ଗଛ କଟା ଏବଂ ଅପରପକ୍ଷେ ପରିବେଶ ପ୍ରଦୂଷଣ ମଧ୍ୟ ଇ-ବୁକ୍ ପାଇଁ କିଛି ମାତ୍ରାରେ କମିଛି। ସବୁଠୁ ବଡ଼ କଥା ହେଉଛି ଏହାକୁ ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ପଢ଼ି ହେଉଛି, ଯେଉଁଥିପାଇଁ ବହି ପଢ଼ିବାକୁ ଭଲ ପାଉଥିବା ପାଠକମାନଙ୍କ ଲାଗି ବର୍ତ୍ତମାନ ଇ-ବୁକ୍ ରିଡିଂ ଏକ ନିଶା ପାଲଟିଯାଇଛି।







**ବର୍ତ୍ତମାନ ଯେକୌଣସି ବହି ଅନ୍‌ଲାଇନ୍‌ରେ ଉପଲବ୍ଧ। ତେଣୁ ନିଜ ପସନ୍ଦର ଏକାଧିକ ବହି ବିଭିନ୍ନ ପେଡ୍ କିମ୍ବା ଫ୍ରି ଇ-ବୁକ୍ ରିଡିଂ ସାଇଟ୍‌ରୁ ସହଜରେ ପଢିହେଉଛି କିମ୍ବା ପରେ ପଢିବା ଲାଗି ଡାଉନ୍‌ଲୋଡ୍ କରି ହେଉଛି। ଫଳରେ ନା ହେଉଛି ଘରେ ଅଧିକ ସଂଖ୍ୟାରେ ବହି ଜମା ନା ରହୁଛି କୌଣସି ବହି ପାଇଁ ବିଭିନ୍ନ ବୁକ୍ ଷ୍ଟୋର ଖୋଜିବା ବା ଲାଇବ୍ରେରି ଯିବାର ଟେନ୍‌ସନ, ଯେଉଁଥିପାଇଁ ପୁସ୍ତକପ୍ରେମୀଙ୍କ ଲାଗି ବର୍ତ୍ତମାନ ଇ-ବୁକ୍ ରିଡିଂ ଏକ ନିଶା ପାଲଟିଯାଇଛି...**



**ଜାଣିରଖନ୍ତୁ:** ବର୍ତ୍ତମାନ ସମୟରେ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ବିଭିନ୍ନ ଯନ୍ତ୍ରପାତି ମଣିଷ ଜୀବନକୁ ସରଳ କରିଦେଇଛି। କିନ୍ତୁ ଅପରପକ୍ଷେ ଏହାର ବିପରୀତ ପ୍ରଭାବକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ବିଶେଷକରି ଏହା ମଣିଷଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର କାରଣ ସାଜୁଛି। ଉଦାହରଣ ସ୍ୱରୂପ ଆମେ ଇ-ବୁକ୍ ରିଡିଂକୁ ନେଇ ପାରିବା, ଯାହାଦ୍ୱାରା ଯେକୌଣସି ସମୟରେ ଯେକୌଣସି ସ୍ଥାନରେ ବସି ଇଣ୍ଟରନେଟ୍ ସାହାଯ୍ୟରେ ପାଠ୍ୟକ୍ରମରେ ଥିବା ବହିଠାରୁ ଆରମ୍ଭ କରି ନିଜ ମନ ପସନ୍ଦର ବିଭିନ୍ନ ବହି ପଢ଼ି ହେଉଛି। ଆମେରିକା ପେନ୍‌ସିଲ୍‌ଭାନିଆ ଷ୍ଟେଟ୍ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏହାକୁ ନେଇ ଏକ ଗବେଷଣା କରିଥିଲେ। ସେଥିରେ ସେମାନେ କେତେଜଣ ଯୁବତୀଯୁବକଙ୍କୁ ସାମିଲ କରିଥିଲେ। ସେମାନଙ୍କ ମଧ୍ୟରୁ ୫୦ ଭାଗଙ୍କୁ ଇ-ବୁକ୍ ରିଡିଂ ଏବଂ ଅନ୍ୟ ୫୦ ଭାଗଙ୍କୁ ବହି ପଢ଼ିବାକୁ ଦେଇଥିଲେ। କିଛିଦିନ ସେମାନଙ୍କ ପଢ଼ିବା ସମୟକୁ ଅନୁଧ୍ୟାନ କରି ଜାଣିବାକୁ ପାଇଲେ ଅଧିକାଂଶ ଯୁବପିଢ଼ି ବହି ଅପେକ୍ଷା ଇ-ବୁକ୍ ପଢ଼ିବା ପ୍ରତି ଆଗ୍ରହୀ ହେଉଛନ୍ତି। ବିଶେଷକରି ଏଥିପାଇଁ ସେମାନେ ରାତି ସମୟ ବାଛୁଛନ୍ତି। ନିରୋଳାରେ ଏକାକୀ ପଢ଼ିବା ଆଳରେ ସେମାନଙ୍କ ପଢ଼ାର କୌଣସି ସମୟସୀମା ରଖୁନାହାନ୍ତି, ଫଳସ୍ୱରୂପ ସେମାନଙ୍କୁ ପର୍ଯ୍ୟାପ୍ତ ନିଦ୍ରାର ଅଭାବ ହେଉଛି। ଗବେଷକମାନେ ଏହି ଯୁବତୀଯୁବକ ମାନଙ୍କଠାରେ ନିଦ କରାଉଥିବା ହରମୋନ୍ ମେଲାଟୋନିନ୍‌ର ସ୍ତର, ନିଦର ଗଭୀରତା ଏବଂ ସକାଳୁ ସଜାଗତାର ସ୍ତରକୁ ପରୀକ୍ଷଣ କରିଥିଲେ। ଯେଉଁଥିରୁ ସେମାନେ ଜାଣିବାକୁ ପାଇଲେ ଯେ, ବାସ୍ତବରେ ବହି ଧରି ପଢୁଥିବା ଯୁବପିଢ଼ିଙ୍କ ତୁଳନାରେ ଅନ୍‌ଲାଇନ୍‌ରେ ବହି ପଢୁଥିବା ଯୁବପିଢ଼ିଙ୍କ ଶୋଇବା ସମୟ ସହିତ ର୍‌ୟାପିଡ୍ ଆଇ ମୁଭ୍‌ମେଣ୍ଟ ସମୟ ଯଥେଷ୍ଟ କମ୍। ସେମାନଙ୍କଠାରେ ଅଧିକ ମନେରଖିବା ବା ଅଧିକ ସ୍ମୃତି ସଂରକ୍ଷଣ କ୍ଷମତା ମଧ୍ୟ ଅପେକ୍ଷାକୃତ କମ୍। ଅଧିକ ସମୟ ବିଶେଷକରି ରାତିରେ ଅଧିକ ସମୟ ଇ-ବୁକ୍ ପଢ଼ିବା ଦ୍ୱାରା ସ୍ମରଣ ଶକ୍ତି କମିବା ସହ ଡିମେନ୍ସିଆ ରୋଗର ଆଶଙ୍କା ବଢ଼ିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଲେ। ତେଣୁ ଇ-ରିଡିଂ ଲାଗି କେବଳ ରାତି ବଦଳରେ ଅନ୍ୟ ସମୟ ମଧ୍ୟ ବାଛନ୍ତୁ ଏବଂ ରାତ୍ରି ନିଦ୍ରାରେ ଅବହେଳା କରନ୍ତୁ ନାହିଁ।

▶କେବଳ ଏତିକି ନୁହେଁ ଇ-ବୁକ୍ ପଢ଼ିବା ଲାଗି ଘଣ୍ଟାଘଣ୍ଟା ଧରି କମ୍ପ୍ୟୁଟର ଆଗରେ ବସିରହିବା ଦ୍ୱାରା ଶରୀରରେ ଧୀରେ ଧୀରେ ଚର୍ବିଅଂଶ ଜମା ହେଉଛି। ଫଳରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେବା ସହ ଉଚ୍ଚ ରକ୍ତଚାପ ଦେଖାଦେଉଛି। ଅନେକଙ୍କଠାରେ ଦୀର୍ଘ ସମୟ ଗୋଟେ ପ୍ରକାର ବସିବା ଶୈଳୀ ଯୋଗୁ ବେକ, ଅଣ୍ଟା ଆଦି ବିନ୍ଧିବା ସାଙ୍ଗକୁ ସ୍ପଣ୍ଡିଲାଇଟିସ୍ ସମସ୍ୟା ମଧ୍ୟ ଉପୁଜୁଛି।

▶କମ୍ପ୍ୟୁଟର ଆସିଷ୍ଟେଡ୍ ଲର୍ନିଂର ଏକ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ଅନୁଯାୟୀ ଇ-ରିଡିଂ ରୁଚି ରଖୁଥିବା କେତେକ ଯୁବପିଢ଼ିଙ୍କଠାରେ କେବେ କେବେ ଏହା ନିଶାରେ ପରିଣତ ହୋଇଯାଏ। ଆଉ ଏହି ଆଡିକ୍ସନ ସେମାନଙ୍କଠାରେ ଏତେ ଅଧିକ ଯେ, କୌଣସି କାରଣରୁ ସେମାନଙ୍କୁ ଇଣ୍ଟରନେଟ୍ ବ୍ୟବହାର କରିବାକୁ ନ ମିଳେ ସେମାନଙ୍କଠାରେ କ୍ରୋଧ କିମ୍ବା ବିଷାଦ ଭଳି ଲକ୍ଷଣ ଦେଖିବାକୁ ମିଳେ। ତେଣୁ ଇ-ରିଡିଂ ଆଡିକ୍ସନ ଯେପରି ନ ଲାଗେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

▶ଦୀର୍ଘ ସମୟ ଇ-ରିଡିଂ ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଚକ୍ଷୁ ଉପରେ ପଡ଼ିଥାଏ। ଫଳରେ ଆଖି ଉପରେ ଚାପ ଲାଗିବା ସହ କ୍ଳାନ୍ତ ଲାଗିବା, ମୁଣ୍ଡ ବିନ୍ଧା ହେବା, ଝାପ୍‌ସା ଦେଖାଯିବା, ଆଖି ଶୁଖିଲା ହୋଇଯିବା ବା ଡ୍ରାଏ ଆଇଜ୍, ଡିପ୍ଲୋପିଆ ବା ଡବଲ୍ ଭିଜନ୍ (ଏକା ଥରକେ ଆଖି ଆଗରେ ଦୁଇଟି ଚିତ୍ର ଦେଖାଯିବା), ଆଖିକୁ ଆରାମ ନ ଲାଗିବା ବା କଷ୍ଟ ହୋଇ ପାଣି ବାହାରିବା ଭଳି ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ତେଣୁ ଇ-ବୁକ୍ ପଢୁଥିଲେ ସେଲ୍‌ଫୋନ୍ ପାଇଁ ୩୦ ସେ.ମି. ଦୂରତ୍ୱ ଓ ଡେସ୍କଟପ୍ କମ୍ପ୍ୟୁଟର ପାଇଁ ୫୦-୧୦୦ ସେ.ମି. ଦୂରତ୍ୱ ରଖିବା ଆବଶ୍ୟକ। ତା'ଛଡ଼ା ଅନ୍ଧାର ବା ଅଳ୍ପ ଆଲୋକରେ କମ୍ପ୍ୟୁଟର ବ୍ୟବହାର ନ କରି ଉପଯୁକ୍ତ ଆଲୋକରେ ପଢ଼ିବା ଭଲ। ଚକ୍ଷୁର ସୁରକ୍ଷା ଦୃଷ୍ଟିରୁ କମ୍ପ୍ୟୁଟରରେ ଆଣ୍ଟିଗ୍ଲେୟାର୍ ସ୍କ୍ରିନ୍ ଲଗାଇବା କିମ୍ବା ଆଣ୍ଟିଗ୍ଲେୟାର ଚଷମା ବ୍ୟବହାର କରିବା ନିରାପଦ।

## କ'ଣ କରନ୍ତି ଏମାନେ...



**ସାଇ ଶେଖର କର**(କର୍ମଜୀବୀ, କଟକ)- ବିଭିନ୍ନ ପ୍ରକାର ବହି ପଢ଼ିବା ମୋର ଏକ ରୁଚି। ବିଶେଷକରି ଭଲ ଭଲ ଅଥରଙ୍କ ଅନେକ ନଭେଲ କଲେକ୍ସନ ମୋ ପାଖରେ ରହିଛି। ଆଖପାଖରେ ପୁସ୍ତକ ମେଳା ହେଲେ ନୂଆନୂଆ ବହି କିଣିବାକୁ ପହଞ୍ଚିଯାଏ। ଅନେକ ସମୟରେ ଲାଇବ୍ରେରିରୁ ମଧ୍ୟ ବିଭିନ୍ନ ବହି ଆଣି ପଢ଼େ କିମ୍ବା ବୁକ୍‌ଷ୍ଟୋରରୁ କିଣେ। ହେଲେ ସବୁବେଳେ ପଢ଼ିବାକୁ ଇଚ୍ଛାଥିବା ବହି ମିଳିପାରେନି। କିନ୍ତୁ ବର୍ତ୍ତମାନ ଅନ୍‌ଲାଇନ୍‌ରେ ଇ-ରିଡିଂ ସାଇଟ୍‌ରୁ ନିଜ ଇଚ୍ଛାମୁତାବକ ଅନେକ ବହି ଡାଉନ୍‌ଲୋଡ୍ କରି ପଢ଼ିପାରୁଛି। ଖୁସିର କଥା ଏତେ ସଂଖ୍ୟାରେ ବହି ଆଣି ଘରେ କାହିଁକି ଗଦା କରୁଛୁ ବୋଲି ଘରେ ଆଉ ଗାଳି ଶୁଣିବାକୁ ପଡୁନାହିଁ। ତେବେ ଅନ୍‌ଲାଇନ୍‌ରେ ବହି ପଢ଼ିବାବେଳେ ନିଜ ସିଟିଂ ପୋଜିସନ୍ ପ୍ରତି ଧ୍ୟାନଦେବା ସହ ଆଖିର ସୁରକ୍ଷା ଲାଗି ମୋବାଇଲ୍ ହେଉ ବା କମ୍ପ୍ୟୁଟରର ବ୍ରାଇଟ୍‌ନେସ୍ ଠିକ୍ ରଖିବା ସହ ଘର ଅନ୍ଧାର ନ କରି ଲାଇଟ୍ ଲଗାଇଥାଏ।



**ବିକାଶ ଗୌଡ଼**(ଯୁକ୍ତ ୩ କଳା, ଶେଷ ବର୍ଷ, ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ, କଟକ)- ନିଜ କୋର୍ସରେ ଥିବା ସମସ୍ତ ପଢ଼ାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ ପ୍ରକାର ବହି ଏବେ ଅନ୍‌ଲାଇନ୍‌ରେ ଉପଲବ୍ଧ। ଏହାକୁ ଷ୍ଟୋର କରିବା ଏବଂ ପଢ଼ିବା ଉଭୟ ଖୁବ୍ ସହଜ। ବିଭିନ୍ନ କମିକ୍ ବୁକ୍, ନଭେଲ୍, ବାୟୋଗ୍ରାଫି, ଡିଟେକ୍ଟିଭ୍ ବୁକ୍ ଭଳି ବିଭିନ୍ନ ବହି ପଢ଼ିବା ମୋର ଏକ ନିଶା। ତେଣୁ ଇ-ବୁକ୍ ମୋ ପାଇଁ ସବୁଠୁ ବେଷ୍ଟ ଅପ୍ସନ। ଏହାଦ୍ୱାରା ଅଳ୍ପ ଖର୍ଚ୍ଚରେ ଅଧିକରୁ ଅଧିକ ବହି ପଢ଼ିବାର ମଜା ନେଇପାରୁଛି। ଅନେକ ଦିନ ହେବ ହ୍ୟାରୀ ପୋର୍ଟର ବହି ପଢ଼ିବାକୁ ଇଚ୍ଛା, ଏଥିପାଇଁ ପୂରଣ ହୋଇପାରିଛି। ହେଲେ ଇ-ବୁକ୍ ରିଡିଂ ନିଶାରେ ମୁଁ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବାକୁ ଆଦୌ ଭୁଲେନି।

ୟୁଥ କ୍ଲବ୍

# ରବିବାର ହେଲେ ଖୋଜାପଡ଼େ 'ରୟାଲ କ୍ଲବ'

ଦୁନିଆରେ ବିଭିନ୍ନ ଶ୍ରେଣୀର ଲୋକ ଅଛନ୍ତି। କାହାକୁ ପ୍ରତିଦିନ ମିଳୁଛି ସ୍ୱାଦିଷ୍ଟ ବ୍ୟଞ୍ଜନର ସମ୍ଭାର ତ ଆଉ କାହା ପାଇଁ ଦିନକୁ ଦୁଇଓଳି ଦୁଇମୁଠା ପେଟପୁରା ଖାଦ୍ୟ ବି ସ୍ୱପ୍ନ। ଆଉ ଏମିତି ବି ଅନେକ ଦିନଦୁଃଖୀ ଅଛନ୍ତି ଯିଏ ଅନାହାରରେ ମୃତ୍ୟୁମୁଖକୁ ଟାଣି ହୋଇଯାଉଛନ୍ତି। ତେବେ ଏଭଳି କିଛି ଭୋକିଲାଙ୍କ ମୁହଁରେ ଦାନା ଦେବାକୁ ଅଣ୍ଟା ଭିଡ଼ିଛନ୍ତି କଟକ ଶଙ୍କରପୁର ଓ ବାଦାମବାଡ଼ି ଅଞ୍ଚଳର ୨୦ ଜଣ ଯୁବ ବ୍ୟବସାୟୀ। ଆଉ ମିଳିତ ଉଦ୍ୟମରେ ୨୦୧୪ ମସିହାରେ ଆରମ୍ଭ କରିଛନ୍ତି 'ରୟାଲ କ୍ଲବ୍' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ। ଯାହାର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୭୮। ଏହି କ୍ଲବର ସଦସ୍ୟମାନେ ପ୍ରାୟତଃ ସମସ୍ତେ ବ୍ୟବସାୟୀ ଶ୍ରେଣୀର। ପ୍ରତି ରବିବାର ଭୋର ହେବା ମାତ୍ରେ ସମସ୍ତ ସଦସ୍ୟ ବାଦାମବାଡ଼ି ନିକଟରେ ଏକଜୁଟ ହୁଅନ୍ତି। ଆଉ ସେମାନେ ପରସ୍ପର ମଧ୍ୟରେ ପୂର୍ବରୁ ଆଦାୟ କରିଥିବା ଟଙ୍କାରେ କିଣାଯାଇଥିବା ରୋଷେଇ ସାମଗ୍ରୀରେ ବାଦାମବାଡ଼ିସ୍ଥିତ ଏକ ହୋଟେଲରେ ପ୍ରାୟ ଏକ ହଜାର ଲୋକଙ୍କ ନିମନ୍ତେ ଅରୁଆ ଭାତ ଓ ଡାଲମା ରୋଷେଇ କରାଯାଏ। ଦିନ ପ୍ରାୟ ୧୧ଟା ବେଳକୁ କଟକର ବିଭିନ୍ନ ସ୍ଥାନରେ ଏହି ରନ୍ଧା ଖାଦ୍ୟକୁ ବଣ୍ଟାଯାଏ ବୋଲି କୁହନ୍ତି କ୍ଲବର ସମ୍ପାଦକ ସୂରଜ କୁମାର ରାଉତ। ସେ କୁହନ୍ତି, ମୁଖ୍ୟତଃ ମେଡିକାଲ ଏବଂ ରାସ୍ତା କଡ଼ରେ ଶୋଉଥିବା ଗରିବମାନଙ୍କୁ ଏହି ରନ୍ଧାଖାଦ୍ୟ ବଣ୍ଟାଯାଇଥାଏ। ହେଲେ ଆମ ଖାଦ୍ୟବଣ୍ଟନ ସ୍ଥାନ ପ୍ରାୟ ଲୋକେ ଜାଣି ସାରିଥିବାରୁ ରବିବାର ହେଲାମାତ୍ରେ ସହରରେ କାମ କରୁଥିବା ଦିନ ମଜୁରିଆ, ଗରିବ ଲୋକମାନେ ଆପେ ଆପେ ଆସି ରୁଣ୍ଡ ହୋଇଯାଆନ୍ତି। ଏହି ଖାଦ୍ୟ ଖାଇବା ପରେ ସେମାନଙ୍କ ମୁହଁରେ ଥିବା ଆତ୍ମତୃପ୍ତିର ହସ ହିଁ ଆମ ଶ୍ରମ ସାର୍ଥକ କରିଦିଏ। ଏହି କ୍ଲବ୍ ପକ୍ଷରୁ କେବଳ ପ୍ରତି ରବିବାରରେ ସହର ମଧ୍ୟରେ ନୁହେଁ ବରଂ ପ୍ରତ୍ୟେକ ମାସରେ ବୃଦ୍ଧାଶ୍ରମ, ବାଳାଶ୍ରମରେ କାର୍ଯ୍ୟକ୍ରମ ଆୟୋଜନ କରାଯାଏ ବୋଲି ପ୍ରକାଶ କରନ୍ତି କ୍ଲବ ସଭାପତି ଚିତ୍ତରଞ୍ଜନ ରାଉତ। ଏହା ବ୍ୟତୀତ ମଝିରେ ମଝିରେ ବୃଦ୍ଧାଶ୍ରମରେ ଏବଂ ବିଭିନ୍ନ ସ୍ଥାନରେ ଥିବା ଅସହାୟଙ୍କୁ କ୍ଲବ୍ ପକ୍ଷରୁ ଖାଦ୍ୟ ଓ ପୋଷାକ ବଣ୍ଟନ କରାଯାଇଥାଏ। ଏପରି କି ଯେଉଁ ପିଲାର ପାଠ ପଢ଼ିବାକୁ ଆର୍ଥିକ ଅକ୍ଷମତା ରହିଛି ସେ ପିଲାଙ୍କୁ ବି ପୋଷାକ, ପାଠ୍ୟପୁସ୍ତକ ସହିତ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ କ୍ଲବ୍ ପକ୍ଷରୁ ଯୋଗଇ ଦିଆଯାଇଥାଏ। ତେବେ ମିଳିତ ଉଦ୍ୟମରେ ଏଭଳି ସମାଜସେବା ଆମକୁ ଆତ୍ମସନ୍ତୋଷ ପ୍ରଦାନ କରୁଛି ବୋଲି କୁହନ୍ତି କ୍ଲବର ଉପସଭାପତି ରାକେଶ ରାଉତ।



– କୁମାରଶ୍ରୀ ସାହୁ

## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ......... ଅଞ୍ଚଳକୁ ପୋଲିଓ ମୁକ୍ତ ବୋଲି ଘୋଷଣା କରାଗଲା ?
୨- ପୃଥିବୀର ସବୁଠୁ ଅଧିକ ଡାଉନ୍‌ଲୋଡ୍ ହୋଇଥିବା କୋଭିଡ୍-୧୯ କଣ୍ଟାକ୍ଟ ଟ୍ରେସିଙ୍ଗ୍ ଆପ୍ଲିକେଶନ୍ ହେଉଛି........... ?
୩- ଇଣ୍ଟରନ୍ୟାଶନାଲ୍ ଅଲିମ୍ପିକ୍ କମିଟିର ହେଡ୍‌କ୍ୱାର୍ଟର.......... ଠାରେ ଅବସ୍ଥିତ ?
୪- ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିବସକୁ.......... ଦିବସ ଭାବେ ପାଳନ କରାଯାଉଛି ?
୫- 'ଏ ହିମାଳୟାନ୍ ଲଭ୍ ଷ୍ଟୋରୀ' ପୁସ୍ତକ ............ ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ସ୍ୱାସ୍ଥ୍ୟ
୨ ନୂଆଦିଲ୍ଲୀ
୩ କେ. ଡି. ଯାଦବ
୪ ଜୋସେଫ୍ ଲିଷ୍ଟର
୫ ହିମାଞ୍ଚଳ ପ୍ରଦେଶ

## ଉତ୍ତରଦାତା



ପରମେଶ୍ୱର ଭୋଇ, ବରଗଡ



ଅଖିଳେଶ ମହାପାତ୍ର, ଭୁବନେଶ୍ୱର



ବିପ୍ର କର, ଭୁବନେଶ୍ୱର



ପ୍ରଭଞ୍ଜନ ପଲେଇ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଲୋକପ୍ରିୟ କାର୍ଟୁନ-୨୦୨୦

୧- ......................................................ସ୍ପଞ୍ଜବବ୍ ସ୍କୋୟାରପ୍ୟାଣ୍ଟ୍ସ
୨- ..................................................ଦ ଆମାଜିଙ୍ଗ୍ ୱାର୍ଲ୍ଡ ଅଫ୍ ଗମ୍‌ବଲ୍
୩- ......................................................ଆଲ୍‌ଭିନ୍ ଆଣ୍ଡ ଦ ଚିପ୍‌ମଙ୍କ୍ସ
୪- ..............................................................ଫିନିକ୍ ଆଣ୍ଡ ଫର୍ବ
୫- ....................................................................ଗ୍ରାଭିଟୀ ଫଲ୍ସ
୬- ..........................................................................ଆର୍ଥର୍
୭- .............................................................ଷ୍ଟିଭେନ୍ ୟୁନିଭର୍ସ
୮- ........................................................................ନିଞ୍ଜା ଗୋ
୯- ..............................................................ଟିନ୍ ଟିଟାନ୍ସ ଗୋ
୧୦- ............................................................ଫ୍ୟାମିଲି ଗାଏ

# ଅଫିସ୍ ଯିବା ପୂର୍ବରୁ...



**କରୋନା ପାଇଁ ଏବେ ବି ଅନେକ କର୍ମଜୀବୀ ୱାର୍କ ଫ୍ରମ୍ ହୋମ୍ କରୁଥିବା ବେଳେ କେତେଜଣ ଅନ୍‌ଲକ୍ ପରେ ଅଫିସ୍ ଯିବା ଆରମ୍ଭ କଲେଣି। ଆଉ କେତେକଙ୍କୁ ଖୁବଶୀଘ୍ର ଅଫିସ୍ ଯିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଆସିଲାଣି। ତେବେ ଅନେକ ଦିନ ପରେ ଘରୁ ବାହାରି କରୋନା ସମୟରେ ଅଫିସ୍ ଯିବା ଆରମ୍ଭ କରୁଥିଲେ କିଛି କଥା ଜାଣି ରଖନ୍ତୁ...**

**ମାନସିକସ୍ତରରେ ପ୍ରସ୍ତୁତ ହୁଅନ୍ତୁ:** ଅନେକ ଦିନ ପରେ କର୍ମକ୍ଷେତ୍ରରେ ଯୋଗଦେବାକୁ ଯାଉଥିଲେ ପ୍ରଥମେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ଆପଣଙ୍କୁ ଅଫିସରେ କେଉଁ ସବୁ କାମ କରିବାକୁ ହେବ ତା'ର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଏହା ସହିତ ବାହାରକୁ ଯାଇ ସମସ୍ତଙ୍କ ସହ ବସି କାମ କରିବାର ମନୋବଳ ସୃଷ୍ଟି କରନ୍ତୁ।

**ସୁରକ୍ଷା ଓ ସାବଧାନତା:** ମନୋବିଜ୍ଞାନୀଙ୍କ ମତରେ ବାହାରକୁ କାମ କରିବାକୁ ଯାଉଥିଲେ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ କରୋନା ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାରର ସଚେତନତା ପାଳନ କରନ୍ତୁ। ଏ ସବୁ ନିୟମ ଓ କଟକଣାକୁ ଆପଣ ଯେତେ ଅଧିକ ମାନିବେ ଆପଣଙ୍କ ମନରେ ଆତ୍ମବିଶ୍ୱାସ ସେତେ ଅଧିକ ବୃଦ୍ଧି ପାଇବ ଯେ ଆପଣ କରୋନା ଭାଇରସ୍‌ଠାରୁ ଦୂରରେ ଅଛନ୍ତି। ତେଣୁ ସାବଧାନ ରହିଲେ ଆପଣ ରୋଗଠାରୁ ଦୂରରେ ରହିବା ସହିତ ମାନସିକ ଶାନ୍ତି ବି ପାଇବେ।

**ଅଳ୍ପ ଭୟ ଭଲ:** ମନୋବିଜ୍ଞାନୀଙ୍କ ମତରେ ଅଳ୍ପ ଭୟ କରିବା ଭଲ। କାରଣ ଭୟ ରହିଲେ ଆପଣ ଅଧିକ ସତର୍କ ରହିବେ ଆଉ ସଂକ୍ରମଣରୁ ରକ୍ଷା ପାଇପାରିବେ। ତେଣୁ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା ଆଦି ନିୟମକୁ ଠିକ୍ ଭାବେ ପାଳନ କରିପାରିବେ।

**ଭାବନାତ୍ମକ ଶକ୍ତି ବଢ଼ାନ୍ତୁ:** ଲକ୍‌ଡାଉନ୍ ସମୟରେ ସମସ୍ତେ ଘରେ ରହୁଥିବାରୁ ସାଙ୍ଗସାଥୀ ଅବା ସହକର୍ମୀଙ୍କ ସହ ଦେଖାସାକ୍ଷାତ ହୋଇପାରୁ ନାହିଁ। କିନ୍ତୁ ଏ ସମୟରେ ସହକର୍ମୀଙ୍କ ସହ ଫୋନ୍ କିମ୍ବା ମେସେଜ୍ ମାଧ୍ୟମରେ ଯୋଗାଯୋଗ ରଖନ୍ତୁ। ସମସ୍ତଙ୍କ ସହ ସମ୍ପର୍କ ରଖିଲେ ଆପଣ ନିଜକୁ ଏକୁଟିଆ ମନେକରିବେ ନାହିଁ।



ଏବେ ସୋସିଆଲ ମିଡିଆରେ ଏକ ଭିଡ଼ିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଜଣେ ଯୁବତୀ ଶାଢ଼ି ପିନ୍ଧି ଷ୍ଟଣ୍ଟ କରୁଥିବାର ଦେଖିବାକୁ ମିଳୁଛି। ସାଙ୍ଗରେ ଜଣେ ପୁରୁଷ ବନ୍ଧୁ କୋର୍ଟ ପିନ୍ଧି ଯୁବତୀଙ୍କ ସହିତ ସମାନ ଷ୍ଟଣ୍ଟ କରୁଥିବାର ଦେଖିବାକୁ ମିଳୁଛି। ଏହାକୁ ସ୍ନେହା ନାମକ ଜଣେ ୟୁଜରଙ୍କ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରାଯାଇଛି। ଏହି ୧୨ ସେକେଣ୍ଡର ଭିଡ଼ିଓକୁ ଇତିମଧ୍ୟରେ ୨୨ ହଜାରରୁ ଅଧିକ ୟୁଜର ଏହାକୁ ଲାଇକ୍ କରିଛନ୍ତି। ସେହିପରି ଏହାକୁ ସାଢ଼େ ୩ ହଜାରରୁ ଅଧିକ ଥର ରିଟୁଇଟ୍ ମଧ୍ୟ କରାଯାଇଛି। ଏହି ଭିଡ଼ିଓକୁ ୟୁଜରଙ୍କୁ ଭାରି ପସନ୍ଦ ଆସିଛି। ବର୍ତ୍ତମାନ ସୁଦ୍ଧା ଏହାକୁ ୨ ଲକ୍ଷ ୯୦ ହଜାରରୁ ଅଧିକ ଥର ଦେଖା ସରିଛି।

# ସ୍କୁଲକୁ ସ୍ମାର୍ଟ କଲେ ପ୍ରଧାନ ଶିକ୍ଷକ



## ଜାତୀୟ ଶିକ୍ଷକ ସମ୍ମାନ ପାଇଁ ଅଖିଳେଶ୍ୱର ମନୋନୀତ

**ପାଟନା:** ବିହାରର ସରନ୍ ଜିଲା ଗର୍‌ଖା ବ୍ଲକ୍ ଅନ୍ତର୍ଗତ ଚନ୍‌ପୁରା ଭୈିସ୍ୱରା ମଧ୍ୟମ ବିଦ୍ୟାଳୟ। ଦୁଇ ବର୍ଷତଳେ ଏହି ସରକାରୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଅଖିଳେଶ୍ୱର ପାଠକ। ସେତେବେଳେ ସ୍କୁଲରେ ପାଚେରି, ବାଳିକାମାନଙ୍କ ପାଇଁ ଶୌଚାଳୟ ଏବଂ ପାନୀୟଜଳ ସୁବିଧା ନ ଥିଲା। ଏଭଳି ସ୍ଥିତି ଦେଖି ପ୍ରଧାନ ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଥିଲେ। ହେଲେ ଦୁଇ ବର୍ଷ ମଧ୍ୟରେ ବିଦ୍ୟାଳୟର ଚେହେରା ସମ୍ପୂର୍ଣ୍ଣ ବଦଳିଯାଇଛି। ଏବେ ଏହା ଏକ ସ୍ମାର୍ଟ ସ୍କୁଲରେ ପରିଣତ ହୋଇଛି।

ଅଞ୍ଚଳବାସୀଙ୍କ ସହଯୋଗରେ ସ୍କୁଲରେ ଏବେ ଉନ୍ନତମାନର ପାଚେରି, ଉତ୍ତମ ଶିକ୍ଷା ପାଇଁ ପ୍ରୋଜେକ୍ଟର ବ୍ୟବସ୍ଥା, ଡାଇନିଂ ହଲ୍, ସିସିଟିଭି ଏବଂ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା ପ୍ରଧାନ ଶିକ୍ଷକଙ୍କ ପ୍ରଚେଷ୍ଟାରେ ସମ୍ଭବ ହୋଇପାରିଛି। ସ୍କୁଲରେ ଦାୟିତ୍ୱ ଗ୍ରହଣ କରିବାର କିଛିଦିନ ପରେ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ କରିବା ପାଇଁ ଯୋଜନା କରିଥିଲେ। ଏ ନେଇ ମାଇକ୍ ଦ୍ୱାରା ଅଞ୍ଚଳବାସୀଙ୍କୁ ବୈଠକରେ ଯୋଗ ଦେବାପାଇଁ ଅନୁରୋଧ କରିଥିଲେ। ବୈଠକରେ ବହୁ ସଂଖ୍ୟାକ ଲୋକଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ନବୀକରଣ ନିମନ୍ତେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏଥିରେ ସମ୍ମତି ପ୍ରକାଶକରି ସ୍ଥାନୀୟ ଲୋକେ ସ୍ୱେଚ୍ଛାକୃତଭାବେ ୯୮,୧୭୬ ଟଙ୍କା ସହାୟତା ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ୨୧ହଜାର ଟଙ୍କା ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିରେ ଉନ୍ନତୀକରଣ କାର୍ଯ୍ୟ ଚାଲିଥିବା ସେ କହିଛନ୍ତି। ଅଲଗା ପରିସ୍ରାଗାର ନ ଥିବାରୁ ଅନେକ ଛାତ୍ରୀ ସ୍କୁଲ ଛାଡ଼ିଛନ୍ତି। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ଛାତ୍ରୀ ଏବଂ ଶିକ୍ଷୟିତ୍ରୀଙ୍କ ପାଇଁ ୨ଟି ଏବଂ ଛାତ୍ର ଏବଂ ଶିକ୍ଷକଙ୍କ ନିମନ୍ତେ ୨ଟି ପରିସ୍ରାଗାର ନିର୍ମାଣ କରାଯାଇଥିଲା। ଏହାପରେ ସ୍କୁଲରେ ଉପସ୍ଥାନ ମଧ୍ୟ ୫୩୫ରୁ ୭୭୩କୁ ବଢ଼ିଛି। ଏଥିରେ କେବଳ ଛାତ୍ରୀଙ୍କ ସଂଖ୍ୟା ୧୦୦କୁ ବଢ଼ିଥିବା ପାଠକ୍ କୁହନ୍ତି। ବିଦ୍ୟାଳୟର ଉନ୍ନତି ସହ ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ତ ଆନୁଷାଙ୍ଗିକ ବ୍ୟବସ୍ଥା କରିବା ଦିଗରେ ତାଙ୍କ ପ୍ରଚେଷ୍ଟା ଯୋଗୁ ସେ 'ଜାତୀୟ ଶିକ୍ଷକ ସମ୍ମାନ-୨୦୨୦' ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି। ଦେଶର ଅନ୍ୟ ୪୭ ଶିକ୍ଷକଙ୍କ ମଧ୍ୟରେ ତାଙ୍କ ନାମ ରହିଛି। ସେପ୍ଟେମ୍ବର ୫ ଗୁରୁଦିବସରେ ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ସମ୍ମାନିତ କରିବେ। ପାଠକ କହିଛନ୍ତି, "ଅର୍ଥ ଅଭାବ ବୋଲି ଅଭିଯୋଗ କଲେ ସମସ୍ୟାର ସମାଧାନ ହୁଏନି। ନିଜ ଚିନ୍ତାଧାରାକୁ ପରିବର୍ତ୍ତନ କରି ଲୋକଙ୍କ ସହଯୋଗ ପାଇଁ ନିଷ୍ଠାପର ଉଦ୍ୟମ କରିବା ଜରୁରୀ।"

# 'ଖାଲି-ପିଲି'ରେ ନଜର ଆସିଲେ ଅନନ୍ୟା


ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ତାଙ୍କ ଅପ୍ କମିଙ୍ଗ ଫିଲ୍ମକୁ ନେଇ ଏବେ ଅଛନ୍ତି ଚର୍ଚ୍ଚାରେ। ଇଶାନ ଖଟ୍ଟରଙ୍କ ସହ 'ଖାଲି-ପିଲି'ରେ ନଜର ଆସିବେ ଅନନ୍ୟା। ଏହାସହ ସେ ଏବେ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଅଛନ୍ତି। ନିକଟରେ ସେ ସୋସିଆଲ ମିଡିଆରେ ଏମିତି ଏକ ଫଟୋ ପୋଷ୍ଟ କରିଛନ୍ତି ଯାହାକୁ ନେଇ ଚର୍ଚ୍ଚା ଯୋର ଧରିଛି। ସେ ଏକ ଟ୍ରାଡିଶନାଲ ଲୁକ୍‌ରେ ଫଟୋ ଶେୟାର କରିଥିବା ବେଳେ ସେସବୁ ଦିନକୁ ସେ କେମିତି ମିସ୍ କରୁଛନ୍ତି , ତାହା ମଧ୍ୟ ଉଲ୍ଲେଖ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ସେ ଯେଉଁ ଫଟୋ ଶେୟାର କରିଛନ୍ତି, ସେଥିରେ ସେ ସାଲ୍‌ୱାର ସୁଟ୍‌ରେ ନଜର ଆସିଛନ୍ତି। ନାକରେ ନାକଫୁଲ ସହ ହାତରେ ଚୁଡି ଅନନ୍ୟାଙ୍କ ଏହି ଲୁକ୍ସ ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି। ଏହାପରେ ତାଙ୍କର ଏହି ଫଟୋ ଭାଇରାଲ ହେବାରେ ଲାଗିଛି। ଏହି ଫଟୋ ଶେୟାର କରିବା ସହ ସେ ଦର୍ଶକଙ୍କୁ 'ଖାଲି-ପିଲି'ର ଟିଜର ଦେଖିବାକୁ ଅପିଲ ବି କରିଛନ୍ତି।

# ଚିପ୍ ମାଧ୍ୟମରେ ଜାଣିହେବ ମନର କଥା



**ୱାଶିଂଟନ:** ଏଣିକି ମଣିଷର ମସ୍ତିଷ୍କ ପଢ଼ିହେବ। ମଣିଷ ଯାହା ଚିନ୍ତା କରୁଛି ତାହା ଏବେ ସହଜରେ ଜାଣି ହେବ। ଏଲନ୍ ମସ୍କଙ୍କ କମ୍ପାନୀ ନ୍ୟୁରୋଲିଙ୍କ୍ ପକ୍ଷରୁ ଗତ କିଛିବର୍ଷ ଧରି ଏନେଇ ନାନା ପରୀକ୍ଷା ନିରୀକ୍ଷା ଜାରି ରହିଥିଲା। ନିକଟରେ କମ୍ପାନୀକୁ ସଫଳତା ମିଳିଛି। କମ୍ପାନୀ ପକ୍ଷରୁ ଛୋଟ ମୁଦ୍ରା ଆକାରର ଏକ ଚିପ୍‌କୁ ଘୁଷୁରୀ ମସ୍ତିଷ୍କରେ ରୋପଣ କରାଯାଇଥିଲା। ଘୁଷୁରୀ କ'ଣ ଚିନ୍ତା କରୁଛି, ତାହା କମ୍ପ୍ୟୁଟର ଗ୍ରାଫିକ୍ସ ଦ୍ୱାରା ଜାଣି ହୋଇଛି। ୨ ମାସ ଧରି ଏହି ଚିପ୍‌କୁ ଗେଟର୍ଡ ନାମକ ଘୁଷୁରୀ ମସ୍ତିଷ୍କରେ ରୋପଣ କରାଯାଇଥିଲା। ଖାଇବାକୁ ଦିଆଯିବା ସମୟରେ ଗେଟର୍ଡର ମନୋଭାବ ଭିଡ଼ିଓ ଗ୍ରାଫିକ୍ସ ଲାଇଭ୍ ଦେଖାଯାଇଥିଲା। ଏହାଦ୍ୱାରା ମଣିଷଠାରେ ଦେଖାଦେଉଥିବା ଅବସାଦ, ସ୍ମୃତିଶକ୍ତି ଲୋପ, ଅନିଦ୍ରା ଆଦି ସମସ୍ୟାର ସହଜ ସମାଧାନ ପଥ ବାହାରି ପାରିବ ବୋଲି ଏଲନ୍ ମସ୍କ ୱେବସାଇଟ୍‌ରେ ସୂଚନା ଦେଇଛନ୍ତି। ଏହି ଚିପ୍ ମାଧ୍ୟମରେ ୟୁଜରଙ୍କ ମସ୍ତିଷ୍କରେ ସଙ୍ଗୀତ ପହଞ୍ଚାଇ ଚିକିତ୍ସା କରାଯିବ ବୋଲି କମ୍ପ୍ୟୁଟର ବିଜ୍ଞାନୀ ଆଷ୍ଟିନ୍ ହାୱାର୍ଡ କହିଛନ୍ତି। ମଣିଷ ମନର କଥା ଏବେ ସହଜରେ ଜାଣି ହେବ ବୋଲି ସେ କହିଛନ୍ତି।

# ହେୟାର ଡ୍ରାୟର ଭଳି ହେଡ୍ ସ୍କାନର

**ଲକ୍ଷ୍ନୌ:** ବ୍ରେନ୍ ହାମରେଜ୍ ରୋଗୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି। ରୋଗୀଙ୍କୁ ଏବେ ଆଉ ଜୀବନକୁ ବିପନ୍ନ କରି ଏମ୍‌ଆର୍‌ଆଇ ଓ ସିଟି ସ୍କାନ୍ ପର୍ଯ୍ୟନ୍ତ ନେବାଯାଏ ଅପେକ୍ଷା କରିବାକୁ ପଡ଼ିବ ନାହିଁ। କାରଣ ଏବେ ଏଭଳି ରୋଗୀଙ୍କ ପାଇଁ ହେୟାର ଡ୍ରାୟର ଭଳି ଏକ ଛୋଟ ହେଡ୍ ସ୍କାନର ବାହାର କରିଛନ୍ତି ଉତ୍ତରପ୍ରଦେଶ ସ୍ଥିତ କାନପୁରର ପୂର୍ବତନ ବୈଜ୍ଞାନିକ ଶିଲ୍ପା ମଲ୍ଲିକ।

ନ୍ୟୁରୋ ସାଇନ୍ସରେ ଶିଲ୍ପାଙ୍କ ଏହି ଆବିଷ୍କାର ଏବେ ଚିକିତ୍ସା କ୍ଷେତ୍ରର ପରିସରକୁ ଆହୁରି ସହଜ କରିପାରିବ। ବ୍ରେନ୍ ହାମରେଜ୍ କିମ୍ବା ବ୍ରେନ୍ ଷ୍ଟ୍ରୋକ୍ ଘଟଣାରେ ଚିକିତ୍ସା ଆରମ୍ଭ ପୂର୍ବରୁ ସ୍କାନିଂ ନିମନ୍ତେ ଏହାର ଉପଯୋଗ କରାଯାଇପାରିବ। ଏହା ବ୍ୟତୀତ କିଛି ଛୋଟ ଡାକ୍ତରଖାନାରେ ଏମ୍‌ଆର୍‌ଆଇର ମଧ୍ୟ ସୁବିଧା ନାହିଁ। ତେଣୁ ରୋଗୀମାନଙ୍କୁ ସିଟି ସ୍କାନ୍ କିମ୍ବା ଏମ୍‌ଆର୍‌ଆଇ ନିମନ୍ତେ ବହୁ ସମୟ ଅପେକ୍ଷା କରିବାକୁ ପଡ଼ିଥାଏ। ତେଣୁ ଏ କ୍ଷେତ୍ରରେ ଶିଲ୍ପାଙ୍କ ହେଡ୍ ସ୍କାନର ବେଶ୍ ଉପଯୋଗୀ ହୋଇପାରିବ। କାନପୁରର ଇନ୍କ୍ୟୁବେଶନ୍ ସେଣ୍ଟର ସହଯୋଗରେ ଶିଲ୍ପା ଏଭଳି ସ୍କାନର ତିଆରି କରିପାରିଛନ୍ତି। ଏବେ ସେ ନିଜ ଷ୍ଟାର୍ଟ ଅପ୍ କମ୍ପାନୀ 'ବାୟୋ ସ୍କାନ'ରେ ଏହାର କମର୍ସିଆଲ ଉତ୍ପାଦନ ବି ଆରମ୍ଭ କରିଛନ୍ତି। ହେୟାର ଡ୍ରାୟର ଭଳି ଏହି ସ୍କାନର ମେଶିନକୁ ମୁଣ୍ଡ ଉପରେ ବୁଲାଇବା ପରେ ମାତ୍ର ଦୁଇ ମିନିଟ୍ ମଧ୍ୟରେ ରିପୋର୍ଟ ମିଳିପାରିବ। ଶିଲ୍ପାଙ୍କ କହିବା ଅନୁସାରେ ଏହା ନ୍ୟୁରୋ ଇନ୍‌ଫ୍ରାରେଡ୍ ସ୍ପେକ୍ଟ୍ରୋ ସ୍କୋପି ପଦ୍ଧତିରେ ଆଧାରିତ। ଏହାକୁ ବ୍ୟବହାର କରିବା ଏବଂ ନେବା ଆଣିବା ବହୁତ ସହଜ ଓ ଏହା ନିର୍ଭୁଲ ତଥ୍ୟ ପ୍ରଦାନ କରିଥାଏ। ବଡ଼ କଥା ହେଉଛି ଏହାର ଦାମ୍ ମଧ୍ୟ ବହୁତ କମ୍ ରଖାଯାଇଛି।



# ପୁଣି ଚୋରିହେଲା ପେଣ୍ଟିଂ

**ନୂଆଦିଲ୍ଲୀ:** ପୁଣି ଥରେ ଚୋରି। ଦୁଇ ଥର ଚୋରି ହେବା ପରେ ଏହା ତୃତୀୟ ଥର। ଏଥିପାଇଁ ପୋଲିସକୁ ମିଳିଛି ତଦନ୍ତ ଦାୟିତ୍ୱ। ଏଠାରେ ଆମେ କହୁଛୁ ପ୍ରଖ୍ୟାତ କଳାକାର ଫ୍ରାନ୍ସ ହାଲ୍‌ସଙ୍କ ଏକ ପେଣ୍ଟିଂ କଥା। ତାଙ୍କର ଏକ ପ୍ରସିଦ୍ଧ ପେଣ୍ଟିଂ ନେଦରଲାଣ୍ଡର ମ୍ୟୁଜିୟମରୁ ତୃତୀୟ ଥର ପାଇଁ ଚୋରି ହୋଇଯାଇଛି।

୧୭ଶହ ଶତାବ୍ଦୀର କଳାକାର ଫ୍ରାନ୍ସ ହାଲ୍‌ସଙ୍କ ଏହି ପେଣ୍ଟିଂଟି ହେଉଛି ଏକ କାନ୍‌ଭାସ ଚିତ୍ର। ଏଥିରେ ଦୁଇଟି ବାଳକ ଏକ ବିୟର ମଗ୍ ସହିତ ହସୁଥିବାର ଦୃଶ୍ୟ ରହିଛି। ପେଣ୍ଟିଂଟି ଏତେ ଆକର୍ଷଣୀୟ ଯେ ଏହାକୁ ନେଇ ବହୁ ଚର୍ଚ୍ଚା ହୋଇଥିଲା। ସେଥିପାଇଁ ଏହି ପେଣ୍ଟିଂ ପୂର୍ବରୁ ୧୯୮୮ ଏବଂ ୨୦୧୧ ମସିହାରେ ମଧ୍ୟ ଚୋରି ହୋଇଥିଲା। ପୋଲିସ ନିକଟରେ ଅଭିଯୋଗ ପରେ ୧୯୮୮ର ତିନିବର୍ଷ ପରେ ମିଳିଥିବାବେଳେ ୨୦୧୧ ମସିହାରେ ୬ମାସ ପରେ ଏହା ମିଳିଥିଲା। ଏବେ ପୁଣିଥରେ ପେଣ୍ଟିଂ ଖୋଜିବା ମଧ୍ୟ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି। ପୋଲିସ ଏ ନେଇ ଖୁବ୍‌ଶୀଘ୍ର ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଆରମ୍ଭ କରି ସିସିଟିଭି କ୍ୟାମେରା ଏବଂ ମ୍ୟୁଜିୟମର କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରିଛି।

୧୭ଶହ ଶତାବ୍ଦୀର ଅନ୍ୟତମ ପ୍ରସିଦ୍ଧ କଳାକାର ହେଉଛନ୍ତି ଫ୍ରାନ୍ସ ହାଲ୍‌ସ। ସେ ସମୟରେ ତାଙ୍କର କଳାକୁ ନେଇ ନେଦରଲାଣ୍ଡରେ ପ୍ରବଳ ଆକର୍ଷଣ ରହିଥିଲା। ତାଙ୍କର ଅନ୍ୟତମ ପ୍ରସିଦ୍ଧ ପେଣ୍ଟିଂ 'ଦି ଲାଫିଙ୍ଗ୍ କାଭାଲିୟର' ଏବେ ଲଣ୍ଡନରେ ଥିବାବେଳେ 'ଦି ଗିପ୍‌ସି ଗର୍ଲ' ପେଣ୍ଟିଂଟି ରହିଛି ପ୍ୟାରିସ୍‌ରେ। ନେଦରଲାଣ୍ଡ ମ୍ୟୁଜିୟମରୁ ଚୋରି ହୋଇଥିବା 'ଟୁ ଲାଫିଙ୍ଗ୍ ବୟ' ପେଣ୍ଟିଂଟି ସେଠାକାର ପ୍ରସିଦ୍ଧ କଳାକୃତି ମଧ୍ୟରେ ଗଣାଯାଏ। ତେଣୁ ଏହାକୁ ବାରମ୍ବାର ଚୋରି କରିନେବା ପାଇଁ ଚେଷ୍ଟା ଜାରିରହିଛି।



# ଗୁଗଲ ବୟଙ୍କୁ ମିଳିବ ଅନ୍ତର୍ଜାତୀୟ ପୁରସ୍କାର

**ଚଣ୍ଡିଗଡ଼:** ଗୁଗଲ ବୟ ନାମରେ ପରିଚିତ କୌଟିଲ୍ୟ ପଣ୍ଡିତଙ୍କୁ ପୁଣି ଏକ ସମ୍ମାନ। ୨୦୨୦-୨୧ ନିମନ୍ତେ ସେ ପାଇବେ ଗ୍ଲୋବାଲ ଚାଇଲ୍ଡ ପ୍ରୋଡିଜି ଆୱାର୍ଡ। ହରିୟାଣାର କର୍ନାଲର ଏହି ଜିନିୟସ୍ ବାଳକ ଏବେ ଏଭଳି ଏକ ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଥିବାରୁ ବେଶ୍ ଖୁସି ଅଛନ୍ତି। ଗ୍ଲୋବାଲ ଚାଇଲ୍ଡ ପ୍ରୋଡିଜି ଆୱାର୍ଡରେ ଆମେରିକା, ବ୍ରିଟେନ, ଜର୍ମାନୀ, ଜାପାନ, ଇରାନ, ରୁଷିଆ, ସାଉଥ୍ କୋରିଆ ସହିତ ୩୦ଟି ଦେଶର ୧୦୦ଜଣ ଜିନିୟସ୍ ବାଳକଙ୍କୁ ସମ୍ମାନିତ କରାଯିବ।

କୌଟିଲ୍ୟଙ୍କ ପିତା ସତୀଶ ଶର୍ମା ତାଙ୍କର ଏହି ଉପଲବ୍ଧି ନିମନ୍ତେ ବେଶ୍ ଖୁସି ଥିବା କହିଛନ୍ତି। କୌଟିଲ୍ୟଙ୍କୁ ଏଭଳି ସମ୍ମାନ ଅନ୍ୟ ସମସ୍ତ ପିଲାଙ୍କୁ ଅଧିକ ପଢ଼ିବା ପାଇଁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ୧୨ ବର୍ଷର କୌଟିଲ୍ୟ ଏବେ ଗୁରୁଗ୍ରାମର ଜିଡି ଗୋୟଙ୍କା ୱାର୍ଲଡ ସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି। ଏବେ ଲକ୍‌ଡାଉନ୍ ସମୟରେ ସେ ଘରେ ରହି ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଫିଜିକ୍ସ ଓ କେମେଷ୍ଟ୍ରି ପାଠ ଶେଷ କରିଛନ୍ତି। ଭବିଷ୍ୟତରେ ସେ ଅନ୍ତରୀକ୍ଷ ବୈଜ୍ଞାନିକ ବା ସ୍ପେଶ୍ ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି। କୌଟିଲ୍ୟ ଏହି ପୁରସ୍କାର ପାଇବା ପୂର୍ବରୁ ଇଂଲଣ୍ଡର ସଂସଦ ହାଉସ୍ ଅଫ୍ କମନ୍ସ ଭାରତ ଗୌରବ ପୁରସ୍କାର ସହ ଆରବ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହା ସହିତ ନେପାଳରେ ଭାରତୀୟ ଦୂତାବାସ ପକ୍ଷରୁ ତାଙ୍କୁ ସମ୍ମାନ ମିଳିଛି, ଦୁବାଇର ଚାମ୍ବର ଅଫ୍ କମର୍ସରେ ସେ ପିଲାମାନଙ୍କୁ ଜିନିୟସ୍ ହେବାର ଟିପ୍ସ ଦେଇଛନ୍ତି। ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ତାଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରିବା ସହିତ ହରିୟାଣା ବିଧାନସଭାରେ ମଧ୍ୟ ତାଙ୍କୁ ସମ୍ମାନ ଦିଆଯାଇଛି। ଭାରତର ରାଷ୍ଟ୍ରପତିଙ୍କ ଠାରୁ ମଧ୍ୟ ସେ ଦୁଇ ଦୁଇ ଥର ସମ୍ମାନିତ ହୋଇଛନ୍ତି।



# ବାମନଙ୍କ ଗାଁ 'ମାଖୁନିକ୍'

**ତେହେରାନ:** ପିଲାଦିନେ 'ଗୁଲିଭର' ଲିଲିପୁଟ ନାମକ ଏକ ଦ୍ୱୀପ ସମ୍ପର୍କରେ ଜାଣିଥିବେ। ଏଠାରେ ୧୫ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଲୋକ ବାସ କରୁଥିଲେ। ଯେଉଁମାନଙ୍କୁ ବନ୍ଦୀ କରି ରଖାଯାଇଥିଲା। ଖାଲି କାହାଣୀ ନୁହେଁ, ସତରେ ମଧ୍ୟ ଏମିତି ଏକ ଗାଁ ରହିଛି। ଯେଉଁଠି ବାମନମାନେ ବାସ କରୁଛନ୍ତି। ପ୍ରାୟ ଦେଢ଼ଶହ ବର୍ଷ ପୂର୍ବରୁ ଇରାନ୍‌ର ଏକ ଗାଁରେ ବାମନମାନେ ବାସ କରୁଥିଲେ। ଏହି ଗାଁର ନାଁ 'ମାଖୁନିକ୍'। ଯାହା ଇରାନ-ଆଫଗାନିସ୍ତାନ ସୀମାଠାରୁ ୭୫ କିଲୋମିଟର ଦୂରରେ ଅବସ୍ଥିତ। କୁହାଯାଏ, ଏଠାରେ ୫୦ ସେଣ୍ଟିମିଟରରୁ କମ୍ ଲୋକ ବାସ କରୁଥିଲେ। ୨୦୦୫ରେ ଖନନ ସମୟରେ ଏଠାରୁ ଏକ ମମି ବା ମୃତଦେହ ମିଳିଥିଲା। ଯାହାର ଲମ୍ବ ମାତ୍ର ୨୫ ସେଣ୍ଟିମିଣ୍ଟର ଥିଲା। ଏଥିରୁ ହିଁ ସ୍ପଷ୍ଟ ହୋଇଥିଲା ଏଠାରେ ଖୁବ୍ କମ୍ ଉଚ୍ଚତା ବିଶିଷ୍ଟ ଲୋକେ ବାସ କରୁଥିଲେ।

ମାଖୁନିକ୍ ଇରାନର ଏକ ଶୁଷ୍କ ଅଞ୍ଚଳ। ଏଠାରେ କେବଳ ବାର୍ଲି, ଯଅ, ଖଜୁରୀ ଚାଷ ହୋଇଥାଏ। ଏହି ଅଞ୍ଚଳର ଲୋକମାନେ ସମ୍ପୂର୍ଣ୍ଣ ଶାକାହାରୀ ଥିଲେ। ଶରୀର ବିକାଶ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଏଠାରେ ମିଳେ ନାହିଁ। ତେଣୁ ଏଠାକାର ଲୋକମାନଙ୍କର ଶାରୀରିକ ବିକାଶ ସମ୍ପୂର୍ଣ୍ଣ ଭାବରେ ହୋଇପାରି ନ ଥିଲା।




## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ନିରଞ୍ଜନ ରାୟ
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ: ୦୪.୦୯.୨୦୧୭
(ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣି, ବନ୍ଧୁ ଓ ପରିବାରବର୍ଗ
ଧ-୧୮୦୭୪

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସ୍ମୃତି ରଞ୍ଜନ ମିଶ୍ର (ପପୁ)
ତଡାସ ରାମହଂସପୁର, ଚନ୍ଦନପୁର (ପୁରୀ)
ଆବିର୍ଭାବ: ୨୩।୦୭।୧୯୮୭
(ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୭।୦୯।୨୦୧୫
(ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୮୦୫୧

୧୩ତମ ତିରୋଧାନ ବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସନ୍ଦିପ ମହାନ୍ତି (ଟୁନ୍ ଟୁନ୍)
ଭୁବନେଶ୍ୱର
ଆବିର୍ଭାବ: ୨୬।୧୧।୧୯୮୫
ତିରୋଧାନ: ୩୦।୦୮।୨୦୦୭
ଚାହୁଁ ଚାହୁଁ ୧୩ବର୍ଷ ବିତିଗଲାଣି, ପ୍ରତିଟି ମୁହୂର୍ତ୍ତରେ ତୋର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ, ତୁ ଯେଉଁଠି ଥାଆ ଶାନ୍ତିରେ ଥାଆ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବାପା, ମା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୩୧୮୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ପ୍ରଦିପ୍ତ କୁମାର ମହାନ୍ତି
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।
ରାନୁ (ପତ୍ନୀ), ମିଟୁ, ଗଣ୍ଡୁ (ପୁତୁରା), ମାମୁନି (ଝିଅ), ବବ୍‌ଲୁ (ନାତି), କୁକୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ
ଧ-୬୭୨୨୩



ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ଶୁକ୍ରବାର ସିବିଆଇ ପକ୍ଷରୁ ରିଆଙ୍କୁ ୧୦ ଘଣ୍ଟା ଜେରା କରାଯାଇଥିବାବେଳେ ପୁଣି ଶନିବାର ୬ ଘଣ୍ଟା ଜେରା କରାଯାଇଛି। ସାମୁଏଲ ମିରାଣ୍ଡାଙ୍କୁ ସାମ୍ନାରେ ବସାଇ ଗୁଡ଼େଇ ତୁଡ଼େଇ ପ୍ରଶ୍ନ ପଚରାଯାଇଛି। ଏଥିସହ ନୀରଜ, କେଶବ, ସୌଭିକ୍, ସିଦ୍ଧାର୍ଥଙ୍କୁ ମଧ୍ୟ ଜେରା କରାଯାଇଛି। ସେପଟେ ଏନ୍‌ସିବି ପକ୍ଷରୁ ରିଆଙ୍କ ଡ୍ରଗ୍ସ କାରନାମା ସମ୍ପର୍କରେ ଅନୁସନ୍ଧାନ ଜାରି ରହିଛି।

# ଫେସ୍‌ବୁକ୍‌କୁ ନେଇ ବଢୁଛି ବିବାଦ



ରାହୁଲ ଗାନ୍ଧୀ



ମାର୍କ ଜୁକରବର୍ଗ

- ଜୁକରବର୍ଗଙ୍କୁ ପୁଣି ପତ୍ର ଲେଖିଲା କଂଗ୍ରେସ
- ଫେସ୍‌ବୁକ୍‌ରେ ଭାଜପା ନେତାଙ୍କ ଉତ୍ତେଜକ ଭାଷଣକୁ ଅଣଦେଖା
- ପୁଣି କେନ୍ଦ୍ର ଉପରେ ବର୍ଷିଲେ ରାହୁଲ

ନୂଆଦିଲ୍ଲୀ, ୨୯।୮

ଭାଜପା ନେତାମାନଙ୍କ ଘୃଣା ଉଦ୍ରେକକାରୀ ଭାଷଣକୁ ରୋକିବାରେ ଫେସ୍‌ବୁକ୍ ଇଣ୍ଡିଆର ପାତରଅନ୍ତର ନୀତି ବିରୋଧରେ ଉକ୍ତ ସଂସ୍ଥା କ'ଣ ପଦକ୍ଷେପ ନେଇଛି, ତାହା ଜଣାଇବା ପାଇଁ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏହାର ମୁଖ୍ୟ ମାର୍କ ଜୁକରବର୍ଗଙ୍କ ନିକଟକୁ ପୁଣି ଥରେ ପତ୍ର ଲେଖିଛନ୍ତି। ଫେସ୍‌ବୁକ୍ ଇଣ୍ଡିଆ ସହ ଶାସକ ଦଳର ଭିତିରି ବୁଝାମଣା ସମ୍ପର୍କରେ ୱାଲ ଷ୍ଟ୍ରିଟ୍ ଜର୍ନାଲରେ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ଭାରତରେ ବଡ଼ ଧରଣର ରାଜନୈତିକ ବିବାଦ ସୃଷ୍ଟି ହୋଇଥିଲା। ବେଣୁଗୋପାଳ ଅଗଷ୍ଟ ୧୭ରେ ଫେସ୍‌ବୁକ୍ ସିଇଓଙ୍କୁ ଉକ୍ତ ଘଟଣାର ତଦନ୍ତ ଲାଗି ପତ୍ର ଲେଖିଥିଲେ। ତଦନ୍ତ କେତେବାଟ ଆଗେଇଲା ତାହା ଜଣାଇବା ପାଇଁ ବେଣୁଗୋପାଳ ତାଙ୍କ ପତ୍ରରେ ଦାବି କରିଛନ୍ତି। ଉକ୍ତ ରିପୋର୍ଟ ଭାଜପା-ହ୍ୱାଟ୍ସଆପ୍ ଭିତିରି ସମ୍ପର୍କର ପର୍ଦ୍ଦାଫାଶ କରିଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିବା ଟାଇମ୍ ମାଗାଜିନ୍‌ରେ ପ୍ରକାଶ ପାଇବା ପରେ ଦଳ ପକ୍ଷରୁ ଜୁକରବର୍ଗଙ୍କ ପାଖକୁ ଦ୍ୱିତୀୟ ପତ୍ର ଲେଖାଯାଇଛି। ତଦନ୍ତର ସବିଶେଷ ବିବରଣୀ ସର୍ବସାଧାରଣରେ ପ୍ରକାଶ କରିବାକୁ କଂଗ୍ରେସ ଅନୁରୋଧ କରିଛି। ଭାଜପାର କେତେଜଣ ନେତାଙ୍କ ପ୍ରତି ଫେସ୍‌ବୁକ୍ ଏହାର ଘୃଣିତ ମନ୍ତବ୍ୟ ନିୟମାବଳୀ ଲାଗୁ କରୁ ନ ଥିବା ଅଭିଯୋଗ ହେଉଥିବାବେଳେ ସେପ୍ଟେମ୍ବର ୨ରେ ହାଜର ହୋଇ ଏ ସମ୍ପର୍କରେ ଆଲୋଚନା କରିବା ଲାଗି ସୂଚନା ପ୍ରଯୁକ୍ତି ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଇତିମଧ୍ୟରେ ଫେସ୍‌ବୁକ୍‌କୁ ସମନ ଜାରି କରିଛି।

ଟାଇମ୍ ମାଗାଜିନ୍‌ରେ ପ୍ରକାଶିତ ରିପୋର୍ଟକୁ ନେଇ ରାହୁଲ ଶନିବାର ପୁଣିଥରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଫେସ୍‌ବୁକ୍ ଓ ଭାଜପା ନେତାଙ୍କ ମଧ୍ୟରେ ସମ୍ପର୍କ ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଘୃଣିତ ବକ୍ତୃତାକୁ ରୋକିବାରେ ବିଫଳତାକୁ ନେଇ ଆମେରିକାର ଟାଇମ୍ ପତ୍ରିକାରେ ଖବର ପ୍ରକାଶ ପାଇଥିଲା। ରାହୁଲ କହିଛନ୍ତି, ୪୦ କୋଟି ଭାରତୀୟ ଫେସ୍‌ବୁକ୍ ବ୍ୟବହାର କରୁଛନ୍ତି। ଫେସ୍‌ବୁକ୍ ମାଧ୍ୟମରେ ପେମେଣ୍ଟ ପାଇଁ ଏହି ସଂସ୍ଥା ନରେନ୍ଦ୍ର ମୋଦି ସରକାରଙ୍କ ଅନୁମୋଦନ ଆବଶ୍ୟକ କରୁଛି। ସେଥିପାଇଁ ହ୍ୱାଟ୍ସଆପ୍ ଉପରେ ଭାଜପା କବ୍‌ଜା କରିଛି ବୋଲି ରାହୁଲ ଟୁଇଟ୍ କରିଛନ୍ତି।

ଭାରତର ଶାସକ ଦଳ ସହ ଫେସ୍‌ବୁକ୍‌ର ସମ୍ପର୍କ ହେଟ୍ ସ୍ପିଚ୍ ବିରୋଧରେ ଏହାର ଲଢ଼େଇକୁ ଜଟିଳ କରିଛି। ୨୦୧୯ରେ ଫେସ୍‌ବୁକ୍ ଇଣ୍ଡିଆର କର୍ମଚାରୀମାନଙ୍କ ସହ ଆଲାଫିଆ ଜୋୟାବ ଏକ ଭିଡିଓ କଲ୍ କରି ୧୮୦ଟି ପୋଷ୍ଟ ଉପରେ ଆଲୋଚନା କରିଥିଲେ। ଏହା ଫେସ୍‌ବୁକ୍‌ର ଘୃଣିତ ମନ୍ତବ୍ୟ ରୋକିବା ନିୟମର ଉଲ୍ଲଂଘନ କରୁଥିବା ସେ ଦର୍ଶାଇଥିଲେ। ତେବେ ଆଲୋଚନାର ଅଧାରୁ ଫେସ୍‌ବୁକ୍‌ର ବରିଷ୍ଠ ଅଧିକାରୀ ଶିବନାଥ ଥୁକ୍ରାଲ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଆଲୋଚନାରେ ଭାଜପାର ଆସାମ ବିଧାୟକ ଶିଳାଦିତ୍ୟ ଦେବଙ୍କ ପୋଷ୍ଟ ରହିଥିଲା। ଜଣେ ମୁସଲମାନ ବ୍ୟକ୍ତି ଯୁବତୀଙ୍କୁ ନିଶା ଦେଇ ବଳାତ୍କାର କରିଥିବା ରିପୋର୍ଟ ସମ୍ପର୍କରେ ସେ ନିଜର ମନ୍ତବ୍ୟ ଦେଇ ଲେଖିଥିଲେ, ବାଂଲାଦେଶୀ ମୁସଲମାନମାନେ ଆମ ନାଗରିକଙ୍କୁ ୨୦୧୯ରେ ଟାର୍ଗେଟ କରିବା ଭଳି ଏହି ଘଟଣା। ଫେସ୍‌ବୁକ୍ ଏହି ପୋଷ୍ଟକୁ ନ ହଟାଇ ଏହାକୁ ବର୍ଷେରୁ ଅଧିକ ସମୟ ପର୍ଯ୍ୟନ୍ତ ଅନ୍‌ଲାଇନରେ ରଖିଥିଲା। ଟାଇମ୍ ଏହା ଉପରେ ପ୍ରଶ୍ନ ଉଠାଇବା ପରେ ଫେସ୍‌ବୁକ୍ ଭୁଲ୍ ସ୍ୱୀକାର କରିଥିଲା। ସେତେବେଳେ ଥୁକ୍ରାଲ ଭାରତ ଓ ଦକ୍ଷିଣ ଏସିଆ ପାଇଁ ଫେସ୍‌ବୁକ୍‌ର ପବ୍ଲିକ୍ ପଲିସି ନିର୍ଦ୍ଦେଶକ ଥିଲେ। ତେବେ ବୈଠକରେ ଆଲୋଚନା ହୋଇଥିବା ୧୮୦ ପୋଷ୍ଟ ମଧ୍ୟରୁ ୭୦ଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଫେସ୍‌ବୁକ୍ କହିଥିଲା। ଫେସ୍‌ବୁକ୍‌ର କେତେଜଣ ନୀତି ନିର୍ଦ୍ଧାରକ ଅଧିକାରୀ ସରକାରଙ୍କ ସହ ସମ୍ପର୍କ ରଖିଥିବା କେତେଜଣ ସାମାଜିକ କର୍ମୀ କହିଛନ୍ତି। ଭାଜପାର ୨୦୧୪ ନିର୍ବାଚନ ପ୍ରଚାରରେ ଦଳୀୟ ନେତାଙ୍କୁ ସହାୟତା କରିବାରେ ଥୁକ୍ରାଲ କାର୍ଯ୍ୟ କରୁଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ଅଭିଯୋଗକୁ ଫେସ୍‌ବୁକ୍‌ର ଭାରତ ପାଇଁ ଥିବା ପରିଚାଳନା ନିର୍ଦ୍ଦେଶକ ଅଜିତ ମୋହନ ଅଗଷ୍ଟ ୨୧ ବ୍ଲଗ୍‌ରେ ଖଣ୍ଡନ କରିଛନ୍ତି। ଆମେ ମୁକ୍ତ, ସ୍ୱଚ୍ଛ ଓ ପକ୍ଷପାତହୀନ ବୋଲି ସେ ଲେଖିଥିଲେ।



ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଗଙ୍ଗାଘାଟ ବନ୍ୟାପ୍ଲାବିତ।

## ଏକକ ଭୋଟର ତାଲିକା ପାଇଁ କେନ୍ଦ୍ରର ବିଚାର

ନୂଆଦିଲ୍ଲୀ, ୨୯।୮(ପି.ଟି.)

ଲୋକ ସଭା, ରାଜ୍ୟ ବିଧାନସଭା ଏବଂ ମ୍ୟୁନିସିପାଲିଟି ତଥା ପଞ୍ଚାୟତ ନିର୍ବାଚନ ପାଇଁ ଗୋଟିଏ ଭୋଟର ତାଲିକା ପ୍ରଚଳନର ସମ୍ଭାବ୍ୟତାକୁ ନେଇ ସରକାର ବିଚାର ବିମର୍ଶ ଚଳାଇଛନ୍ତି। ଏହାଦ୍ୱାରା ପାତରଅନ୍ତର ଦୂର ହେବା ସହ ଭୋଟର ତାଲିକାରେ ସମାନତା ଅଣାଯାଇପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ବର୍ତ୍ତମାନର ବ୍ୟବସ୍ଥାରେ ନିର୍ବାଚନ କମିଶନ ଲୋକସଭା ଓ ବିଧାନସଭା ନିର୍ବାଚନ ଲାଗି ଗୋଟିଏ ଭୋଟର ତାଲିକା ପ୍ରସ୍ତୁତ କରୁଛି। ସେହିପରି ପୌରସଂସ୍ଥା, ଏନ୍‌ଏସି, ପଞ୍ଚାୟତ ନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନଗୁଡ଼ିକ ଅଲଗା ଅଲଗା ଭୋଟର ତାଲିକା ପ୍ରସ୍ତୁତ କରୁଛନ୍ତି। ସମସ୍ତ ନିର୍ବାଚନ ପାଇଁ ଯେପରି ଗୋଟିଏ ଭୋଟର ତାଲିକା ହୋଇପାରିବ ସେ ଦିଗରେ କେନ୍ଦ୍ର ସରକାର ଚିନ୍ତା କରୁଛନ୍ତି। ଏହାଦ୍ୱାରା ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇବା ସହ ସମୟ ମଧ୍ୟ ବଞ୍ଚିପାରିବ।

ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ନିଜସ୍ୱ ଆଇନ ପ୍ରଣୟନ କରିବା କ୍ଷମତା ରାଜ୍ୟଗୁଡ଼ିକର ରହିଛି। ତିନି ପ୍ରକାର ନିର୍ବାଚନକୁ ଗୋଟିଏ ଭୋଟର ତାଲିକାରେ କରିବା ଲାଗି ଇସିଙ୍କ ଦ୍ୱାରା ପ୍ରସ୍ତୁତ ଭୋଟର ତାଲିକା ବ୍ୟବହାର ଲାଗି ରାଜ୍ୟଗୁଡ଼ିକୁ କୁହାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏନେଇ ଚଳିତ ମାସ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଇନ ମନ୍ତ୍ରଣାଳୟ ଓ ନିର୍ବାଚନ କମିଶନର ଉଚ୍ଚ ପଦାଧିକାରୀମାନଙ୍କ ବୈଠକ ଡକାଯାଇଥିଲା। ଗୋଟିଏ ଭୋଟର ତାଲିକା ଚିନ୍ତାଧାରାକୁ ନିର୍ବାଚନ କମିଶନ, ଆଇନ କମିଶନ, ଆଇନ ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଏବଂ କାର୍ମିକ ମନ୍ତ୍ରଣାଳୟ ସମର୍ଥନ ଜଣାଇଛନ୍ତି।

## ସୁସ୍ଥହେଲେ ଅମିତ୍ ଶାହା



ନୂଆଦିଲ୍ଲୀ, ୨୯।୮ : କରୋନାମୁକ୍ତ ହେବା ପରେ ହଠାତ୍ ଅସୁସ୍ଥ ହୋଇ ଦିଲ୍ଲୀର ଏମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୁସ୍ଥ ହୋଇଥିବା ହସ୍ପିଟାଲ ପକ୍ଷରୁ ଶନିବାର କୁହାଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ହସ୍ପିଟାଲରୁ ମୁକ୍ତ କରାଯିବ। କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହେବା ପରେ ଗତ ୧୮ ତାରିଖରେ ସେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା କାରଣରୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଏହା ପୂର୍ବରୁ ଶାହା କରୋନା ଆକ୍ରାନ୍ତ ହୋଇ ଗୁରଗ୍ରାମର ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ।

## ପାକ୍ ସୀମାରେ ଗୁପ୍ତ ସୁଡ଼ଙ୍ଗ

ନୂଆଦିଲ୍ଲୀ/ଜମ୍ମୁ, ୨୯।୮(ପି.ଟି.)



ପାକିସ୍ତାନରୁ ଅନ୍ତର୍ଜାତୀୟ ସୀମାରେଖା ତଳେ ଜମ୍ମୁକୁ ଏକ ସୁଡ଼ଙ୍ଗ ଖୋଳାଯାଇଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଠାବ କରିଛି। ଏଭଳି ଅନ୍ୟ ଗୁପ୍ତ ସୁଡ଼ଙ୍ଗ ରହିଥିବା ଆଶଙ୍କାରେ ବିଏସ୍‌ଏଫ୍ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଛି। ଆତଙ୍କବାଦୀଙ୍କୁ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରାଇବା ସହ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଚୋରାଚାଲାଣରେ ୩ରୁ ୪ ଫୁଟ ଓସାରର ଏହି ଗୁପ୍ତ ସୁଡ଼ଙ୍ଗକୁ ବ୍ୟବହାର କରାଯାଉଥିବା ସନ୍ଦେହ କରାଯାଉଛି। ସୁଡ଼ଙ୍ଗ ଦେଇ ଅନୁପ୍ରବେଶ ହେଉଥିଲା କି ନାହିଁ ସୁନିଶ୍ଚିତ ହେବା ଲାଗି ବିଏସ୍‌ଏଫ୍ ମହାନିର୍ଦ୍ଦେଶକ ରାକେଶ ଅସ୍ଥାନା ତାଙ୍କ ଫ୍ରଣ୍ଟିୟର କମାଣ୍ଡରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୀମାନ୍ତ ତାରବାଡ଼ଠାରୁ ଭାରତ ଭିତରକୁ ୫୦ ମିଟର ପର୍ଯ୍ୟନ୍ତ ଏହି ଟନେଲ ରହିଛି। ବିଏସ୍‌ଏଫ୍ ପାଟ୍ରୋଲ ଟିମ୍ ଗୁରୁବାର ସାମ୍ବା ସେକ୍ଟରର ଗଲାର ଅଞ୍ଚଳରେ ଉକ୍ତ ସୁଡ଼ଙ୍ଗ ଠାବ କରିଥିଲା। ୮/୧୦ଟି ପ୍ଲାଷ୍ଟିକ୍ ବାଲିବସ୍ତାରେ ସୁଡ଼ଙ୍ଗ ମୁହଁକୁ ବନ୍ଦ ରଖାଯାଇଥିଲା। ଉକ୍ତ ପ୍ଲାଷ୍ଟିକ୍ ବସ୍ତାରେ କରାଚୀ ଏବଂ ଶାକରଗଡ଼ ଫ୍ୟାକ୍ଟ୍ରି ନାଁ ଉଲ୍ଲେଖ ରହିଛି। ଏହାକୁ ଖୋଳି ବାହାର କରିବା ପାଇଁ ଆର୍ଥ ମୁଭର ମେଶିନ୍‌ର ସହାୟତା ନିଆଯାଇଥିଲା। ୨୫ ଫୁଟ ଗଭୀରରେ ଏହା ନିର୍ମାଣାଧୀନ ଥିଲା ଏବଂ ୨୦ ଫୁଟ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇଥିଲା ବୋଲି ବିଏସ୍‌ଏଫ୍‌ର ଜଣେ ଅଧିକାରୀ କହିଛନ୍ତି। ବିଏସ୍‌ଏଫ୍ ଇନ୍ସପେକ୍ଟର ଜେନେରାଲ (ଜମ୍ମୁ) ଏନ୍.ଏସ୍. ଜମୱାଲ ଘଟଣାସ୍ଥଳକୁ ପରିଦର୍ଶନରେ ଯାଇଛନ୍ତି।

## ନୂଆ ଇ-ମାର୍କେଟ ପ୍ଲାଟ୍‌ଫର୍ମ ଶୁଭାରମ୍ଭ

ଦୁବାଇ, ୨୯।୮(ପି.ଟି.)

ୟୁଏଇ ପକ୍ଷରୁ ନୂତନ ଜ୍ଞାନକୌଶଳ ଆଧାରିତ କୃଷି ସାମଗ୍ରୀ ବ୍ୟବସାୟ ଓ ସଂଗ୍ରହ ଲାଗି ଇ-ମାର୍କେଟ ପ୍ଲାଟଫର୍ମ 'ଏଗ୍ରିଓଟା'ର ଶୁଭାରମ୍ଭ କରାଯାଇଛି। ଏହା ଭାରତର ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଚାଷୀ ଓ ଉପସାଗରୀୟ ଦେଶର ଖାଦ୍ୟ ଶିଳ୍ପ ମଧ୍ୟରେ ଦୂରତା କମାଇବ ବୋଲି କୁହାଯାଉଛି। ଭାରତୀୟ ଚାଷୀମାନେ ଏଗ୍ରିଓଟା- ଇ ମାର୍କେଟ ପ୍ଲାଟଫର୍ମ ଜରିଆରେ ସିଧାସଳଖ ୟୁଏଇର ଖାଦ୍ୟ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ, ବ୍ୟବସାୟୀ ଓ ହୋଲସେଲରମାନଙ୍କ ସହ ଯୋଗାଯୋଗ ସୁଯୋଗ ପାଇବେ। ଫଳରେ ବ୍ୟବସାୟରେ ସ୍ୱଚ୍ଛତା ଆସିବା ସହ ଦଲାଲି କାରବାରର ଅନ୍ତ ହୋଇପାରିବ।

## 'କଂଗ୍ରେସ ୫୦ ବର୍ଷ ବିରୋଧୀ ଆସନରେ ବସିବ'

ନୂଆଦିଲ୍ଲୀ, ୨୯।୮



ଗୁଲାମ୍‌ନବୀ ଆଜାଦ୍

କଂଗ୍ରେସ କନ୍ଦଳ ତେଜିବାରେ ଲାଗିଛି। ଅଧିକାଂଶ ନେତା ଦଳର ନେତୃତ୍ୱ ନେଇ ପ୍ରଶ୍ନ ଉଠାଉଥିବାବେଳେ କଂଗ୍ରେସର ସାଙ୍ଗଠନିକ ନିର୍ବାଚନକୁ ଗୁରୁତ୍ୱ ଦେଉଛନ୍ତି। ଦଳର ବରିଷ୍ଠ ନେତା ଗୁଲାମ୍‌ନବୀ ଆଜାଦ୍ କଂଗ୍ରେସରେ ନିର୍ବାଚନ ନ ହେଲେ ଦଳ ୫୦ ବର୍ଷ ଧରି ବିରୋଧୀ ଦଳରେ ରହିଥିବ ବୋଲି ଶନିବାର କହିଛନ୍ତି। କଂଗ୍ରେସ କାର୍ଯ୍ୟକାରୀ କମିଟି, ମୁଖ୍ୟ ସାଙ୍ଗଠନିକ ପଦ ଯଥା ପ୍ରଦେଶ ଅଧ୍ୟକ୍ଷ, ଜିଲ୍ଲା ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷ ବଛାଯିବା ସହ ଦଳରେ ନିର୍ବାଚନର ଆବଶ୍ୟକତା ରହିଛି ବୋଲି ଆଜାଦ୍ କହିଛନ୍ତି। ନିର୍ବାଚନକୁ ବିରୋଧ କରୁଥିବା ବ୍ୟକ୍ତି ସ୍ଥିତି ହରାଇବା ଆଶଙ୍କାରେ ଥିବା ସେ ପ୍ରକାଶ କରିଛନ୍ତି। ନିର୍ବାଚନର ସାମ୍ନାକରିବା ପୂର୍ବରୁ ଅର୍ଦ୍ଧାଧିକଙ୍କ ସମର୍ଥନ ନିଜ ସହ ରହିବା ଉଚିତ। ନିର୍ବାଚନରେ ଜିଣିଥିବା ଲୋକଙ୍କ ପାଖରେ ଏଭଳି ସମର୍ଥନ ଥାଏ। ନିର୍ବାଚନରେ ହାରିବା ଲୋକ ଆର ଥରକୁ ଶକ୍ତିବୃଦ୍ଧି କରି ଜିତିବା ଲାଗି ପ୍ରୟାସ କରିବ। ଏବେ ନିଯୁକ୍ତ ଅଧ୍ୟକ୍ଷଙ୍କ ପାଖରେ ୧% ଦଳୀୟ କର୍ମୀଙ୍କ ସମର୍ଥନ ନାହିଁ। ନିର୍ବାଚନ ଦ୍ୱାରା ଦଳୀୟ ସଙ୍ଗଠନ ମଜ୍‌ଭୁତ ହୋଇଥାଏ। ପ୍ରଦେଶ ଅଧ୍ୟକ୍ଷ ପଦ ବରିଷ୍ଠ ନେତାଙ୍କ ସୁପାରିସ୍‌ରେ ବଛାଯିବା କିମ୍ବା ମନୋନୀତ କରାଯିବା ଠିକ୍ ନୁହେଁ ବୋଲି ଆଜାଦ୍ ପ୍ରକାଶ କରିଛନ୍ତି।

ସିଡବ୍ଲ୍ୟୁସି ବୈଠକରେ ସୋନିଆ ଗାନ୍ଧୀଙ୍କୁ ଅନ୍ତରୀଣ ଅଧ୍ୟକ୍ଷ ବଛାଯିବାର ୩ ଦିନ ପରେ ଏଭଳି ମନ୍ତବ୍ୟ ଦେଇଛନ୍ତି ଆଜାଦ୍। ନିର୍ବାଚନ ଲାଗି ଦଳକୁ ମଜ୍‌ଭୁତ କରିବା ନିମନ୍ତେ ସାଙ୍ଗଠନିକ ନିର୍ବାଚନର ଆବଶ୍ୟକତା ରହିଛି, ଏହାକୁ କେହି ବିରୋଧ କରିବା ଠିକ୍ ନୁହେଁ ବୋଲି ସେ ଜୋର୍‌ଦେଇ କହିଛନ୍ତି।

### ଗୁଲାମନବୀଙ୍କ ବହିଷ୍କାର ଦାବି

ଲକ୍ଷ୍ନୌ, ୨୯।୮(ପି.ଟି.)

କଂଗ୍ରେସ ସଂଗଠନରେ ଆମୂଳଚୂଳ ପରିବର୍ତ୍ତନ ଲାଗି ଗୁଲାମ୍‌ନବୀ ଆଜାଦଙ୍କ ସମେତ ୨୩ କଂଗ୍ରେସ ନେତା ଦଳର ମୁଖ୍ୟ ସୋନିଆ ଗାନ୍ଧୀଙ୍କ ନିକଟକୁ ପତ୍ର ଲେଖିଥିଲେ। ଏଥିସହିତ ଦଳରେ ପୂର୍ଣ୍ଣକାଳୀନ ନେତୃତ୍ୱ ପାଇଁ ମଧ୍ୟ ସେମାନେ ଦାବି କରିଥିଲେ। ଗୁଲାମ୍‌ନବୀଙ୍କୁ ଦଳରୁ ବହିଷ୍କାର କରାଯାଉ ବୋଲି ଉତ୍ତରପ୍ରଦେଶର ଜଣେ କଂଗ୍ରେସ ନେତା କହିଛନ୍ତି। ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ଗୁଲାମ୍‌ନବୀଙ୍କୁ ଦଳରୁ ଆଜାଦ କରାଯାଉ ବା କାଢ଼ିଦିଆଯାଉ ବୋଲି ନସିବ ପଠାନ କହିଛନ୍ତି।

## ପୁଣି ୩ ଆତଙ୍କବାଦୀଙ୍କ ମୁଣ୍ଡ ଗଡ଼ିଲା

ଶ୍ରୀନଗର, ୨୯।୮: ସେନାକୁ ଆତଙ୍କବାଦ ବିରୋଧୀ ଅପରେଶନ୍‌ରେ ପୁଣି ଏକ ସଫଳତା ମିଳିଛି। ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଶନିବାର ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀଙ୍କ ମୁଣ୍ଡ ଗଡ଼ିଛି। ଏଥିରେ ଜଣେ ଯବାନ ଶହୀଦ୍ ହୋଇଛନ୍ତି। ସ୍ଥାନୀୟ ଜଦୁରା ଗାଁରେ ଆତଙ୍କବାଦୀ ଲୁଚିଥିବା ଖବର ମିଳିବା ପରେ ଭାରତୀୟ ସେନା ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ଜମ୍ମୁ-କଶ୍ମୀରରେ ୭ ଜଣ ଆତଙ୍କବାଦୀଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଛି। ଶୁକ୍ରବାର କଶ୍ମୀରରେ ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା। ଜଣେ ଆତଙ୍କବାଦୀ ଆତ୍ମସମର୍ପଣ କରିଥିଲେ।

## ଡୋକ୍‌ଲାମ ନିକଟରେ ଚାଇନାର କ୍ଷେପଣାସ୍ତ୍ର ଘାଟି

ନୂଆଦିଲ୍ଲୀ, ୨୯।୮

**ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହେଲା**

ଡୋକଲାମ ନିକଟରେ ଚାଇନା ଦୁଇଟି ଏୟାର ଡିଫେନ୍ସ ପୋଜିଶନ୍‌ର ବିକାଶ କରୁଛି। ଏହା ଡୋକ୍‌ଲାମ ସମେତ ସିକ୍କିମ୍‌ର ନାକୁ ଲାକୁ ଟାର୍ଗେଟ କରିପାରିବ। ଉପଗ୍ରହ ଚିତ୍ରରୁ ଏହି ସୂଚନା ମିଳିଛି। ୨୦୧୭ରେ ଡୋକ୍‌ଲାମରେ ଭାରତୀୟ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଦୀର୍ଘ ୭୩ ଦିନ ଧରି ମୁହାଁମୁହିଁ ସ୍ଥିତି ଜାରି ରହିଥିଲା। ନାକୁ ଲାରେ ଚଳିତ ବର୍ଷ ଦୁଇଦେଶର ସେନା ମଧ୍ୟରେ ସଂଘର୍ଷ ଘଟିଥିଲା। ଜିଓପଲିଟିକାଲ ଇଣ୍ଟେଲିଜେନ୍ସ ପ୍ଲାଟ୍‌ଫର୍ମ ଷ୍ଟ୍ରାଟଫର ଏବଂ ଡେଟ୍ରେସ୍କା ପକ୍ଷରୁ ଉପଗ୍ରହ ଚିତ୍ରକୁ ଅନୁଧ୍ୟାନ କରାଯାଇଥିଲା। ସେମାନଙ୍କ କହିବା ଅନୁଯାୟୀ ଚାଇନା, ଭୁଟାନ ଓ ଭାରତର ସଂଯୋଗସ୍ଥଳ ଡୋକ୍‌ଲାମରେ ବେଜିଂ ଏୟାର ଡିଫେନ୍ସ ପୋଜିଶନ (କ୍ଷେପଣାସ୍ତ୍ର ଘାଟି) ସ୍ଥାପନ କରୁଛି। ଡୋକଲାମ ସୀମା ବିବାଦ ଉପରେ ଏକ ଚୁକ୍ତି ସ୍ୱାକ୍ଷର ଲାଗି ଚାଇନା ଭୁଟାନ ଉପରେ ଚାପ ପକାଇଆସୁଛି।

ଏହାବ୍ୟତୀତ ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା ଆରପଟେ ପଶ୍ଚିମ ସେକ୍ଟରରେ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଜୁଲାଇ ମାସରେ ଗଲୱାନ ଉପତ୍ୟକାର ୱାଇ ଜଙ୍କଶନ୍‌ରୁ ଚାଇନା ସୈନ୍ୟ ପ୍ରତ୍ୟାହାର କରିନେଇଥିଲା। ଭାରତର ଚାପରେ ନୁହେଁ ବରଂ ଗଲୱାନ ନଦୀର ଜଳସ୍ତର ବଢ଼ିବାରୁ ଚାଇନା ଏଭଳି ନିଷ୍ପତ୍ତି ନେଇଥିଲା ବୋଲି କୁହାଯାଉଛି।

## ସ୍କୁଲ ନ ଖୋଲିବା ଯାଏ ଦେୟ ଆଦାୟ କରାଯାଇପାରିବ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ, ୨୯।୮(ପି.ଟି.)

କରୋନା ମହାମାରୀ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଦୀର୍ଘଦିନ ହେଲା ବନ୍ଦ ରହିଛି। ସ୍କୁଲ ନ ଖୋଲିବା ପର୍ଯ୍ୟନ୍ତ ପିଲାମାନଙ୍କ ଅଭିଭାବକଙ୍କଠାରୁ ବାର୍ଷିକ ଦେୟ କିମ୍ବା ଉନ୍ନୟନ ଅର୍ଥ ଆଦାୟ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଏକ ଘରୋଇ ସ୍କୁଲ୍‌ର ପ୍ୟାରେଣ୍ଟସ୍ ଆସୋସିଏଶନ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଜଷ୍ଟିସ୍ ଜୟନ୍ତ ନାଥ ଉପରୋକ୍ତ ରାୟ ଦେଇଛନ୍ତି। ଅଭିଭାବକମାନଙ୍କ ଆବେଦନ ଉପରେ ଅଦାଲତ ଦିଲ୍ଲୀ ସରକାର ଓ ସମ୍ପୃକ୍ତ ସ୍କୁଲର ମତାମତ ଲୋଡ଼ିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୬କୁ ଧାର୍ଯ୍ୟ ହୋଇଛି।

## ସୋମବାର ଦଣ୍ଡ ଶୁଣାଣି

ନୂଆଦିଲ୍ଲୀ, ୨୯।୮

**ପ୍ରଶାନ୍ତଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା**



ପ୍ରଶାନ୍ତ ଭୂଷଣ

ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ହୋଇଥିବା ଅଦାଲତ ଅବମାନନା ମାମଲାରେ ସୁପ୍ରିମକୋର୍ଟ ପକ୍ଷରୁ ସୋମବାର ଦଣ୍ଡବିଧାନ କରାଯିବ। ଭୂଷଣ ଟୁଇଟ କରି ପ୍ରଧାନବିଚାରପତି ଏସ୍.ଏ. ବୋବ୍‌ଡେ ଓ ନ୍ୟାୟପାଳିକା ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଗତ ମଙ୍ଗଳବାର ଶୁଣାଣି ବେଳେ ଭୂଷଣ ଟୁଇଟ ଲାଗି କ୍ଷମା ମାଗିବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ। ଜଷ୍ଟିସ୍ ଅରୁଣ ମିଶ୍ର କହିଥିଲେ, ଯଦି କାହାକୁ ତୁମେ ଆଘାତ ପହଞ୍ଚାଇଛ, ତେବେ କ୍ଷମା ମାଗି ମନ୍ତବ୍ୟ ପ୍ରତ୍ୟାହାର କରିବାରେ ଅସୁବିଧା କେଉଁଠି। ଏହି ମାମଲାରେ ଭୂଷଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବାବେଳେ ତାଙ୍କୁ କ୍ଷମା କରିଦେବା ଲାଗି ଦାବି ହୋଇଆସୁଛି। ଏଭଳି ସ୍ଥିତିରେ ସୋମବାର ଦଣ୍ଡବିଧାନ ଉପରେ ସମସ୍ତଙ୍କ ନଜର ରହିଛି।

## କରୋନା ରୋଗୀଙ୍କ ଫୁସ୍‌ଫୁସ୍ ପ୍ରତିରୋପଣ

ଚେନ୍ନାଇ, ୨୯।୮

- ଚେନ୍ନାଇ ହସ୍ପିଟାଲକୁ ସଫଳତା
- ଏସିଆରେ ପ୍ରଥମ ଘଟଣା



ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଜଣେ ୪୮ ବର୍ଷୀୟ କରୋନା ରୋଗୀଙ୍କ ଫୁସ୍‌ଫୁସ୍‌କୁ ସଫଳତାର ସହ ପ୍ରତିରୋପଣ କରାଯାଇଛି। ଉକ୍ତ ରୋଗୀଙ୍କ ଫୁସ୍‌ଫୁସ୍ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଜଣେ କରୋନା ରୋଗୀଙ୍କ ଫୁସ୍‌ଫୁସ୍ ପ୍ରତିରୋପଣ କରାଯିବା ଏସିଆରେ ପ୍ରଥମ ବୋଲି କୁହାଯାଇଛି। ଲକ୍‌ଡାଉନ୍ ପରଠାରୁ ହସ୍ପିଟାଲ ପକ୍ଷରୁ ଏଭଳି ଅପରେଶନ କରାଯାଇ ଫୁସ୍‌ଫୁସ୍ ପ୍ରତିରୋପଣ କରାଯିବା ଦ୍ୱିତୀୟ ଘଟଣା ବୋଲି ଦର୍ଶାଯାଇଛି।

ଦିଲ୍ଲୀରୁ ଆସିଥିବା କରୋନା ରୋଗୀ ଜଣକ ଗୁରୁତର ଫୁସ୍‌ଫୁସ୍ ସଂକ୍ରମଣର ଶିକାର ହୋଇଥିଲେ। ଜୁଲାଇ ୮ରେ ସେ କରୋନା ପଜିଟିଭ୍ ଚିହ୍ନଟ ହେବାର ମାସକ ପରେ ତାଙ୍କ ଫୁସ୍‌ଫୁସ୍ ସଂକ୍ରମଣ ହେବାରୁ କଷ୍ଟ ଅନୁଭବ କରୁଥିଲେ। ଫୁସ୍‌ଫୁସ୍‌ର କିଛି ଅଂଶ ଠିକ୍ ଭାବେ କାମ କରୁ ନ ଥିଲା। ଏମିତିକି ନିଃଶ୍ୱାସପ୍ରଶ୍ୱାସ ନେବାରେ ସେ କଷ୍ଟ ଅନୁଭବ କରୁଥିଲେ। ଜୁନ୍ ୨୦ରୁ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଦେହ ଅତ୍ୟଧିକ ଖରାପ ହେବାରୁ ତାଙ୍କୁ ହେଲିକପ୍ଟର ଯୋଗେ ଜୁଲାଇ ୨୦ରେ ଏମ୍‌ଜିଏମ୍ ହେଲ୍‌ଥ କେୟାରକୁ ନିଆଯାଇଥିଲା। ପରେ ତାଙ୍କୁ ଏକ ମାସ ଲାଗି ଇସିଏମ୍‌ଓ ସପୋର୍ଟରେ ରଖାଯାଇଥିଲା। ଶେଷରେ ଅଗଷ୍ଟ ୨୭ରେ ଡାକ୍ତରମାନେ ତାଙ୍କ ଫୁସ୍‌ଫୁସ୍ ପ୍ରତିରୋପଣ ଲାଗି ସ୍ଥିର କରିଥିଲେ। ହୃଦ୍‌ରୋଗ ବିଶେଷଜ୍ଞ ତଥା ଏମ୍‌ଜିଏମ୍ ହେଲ୍‌ଥ କେୟାର୍ ହାର୍ଟ ଆଣ୍ଡ ଲଙ୍ଗ୍‌ସ ଟ୍ରାନ୍ସପ୍ଲାଣ୍ଟ ପ୍ରୋଗ୍ରମ ଅଧ୍ୟକ୍ଷ ଡାକ୍ତର କେ. ଆର୍. ବାଲକ୍ରିଷ୍ଣନ୍‌ଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଫୁସ୍‌ଫୁସ୍ ପ୍ରତିରୋପଣ କରିଥିଲେ। ଏବେ ରୋଗୀ ଜଣକ ଏମ୍‌ଜିଏମ୍ ହେଲ୍‌ଥ କେୟାର ଆଇସିୟୁରେ ସୁସ୍ଥ ଥିବା ଜଣାପଡ଼ିଛି। ସେ ଆଉ ଆଗଭଳି ଇସିଏମ୍‌ଓ ସପୋର୍ଟରେ ନାହାନ୍ତି ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାର୍ଟ ଆଣ୍ଡ ଲଙ୍ଗ୍‌ସ ଟ୍ରାନ୍ସପ୍ଲାଣ୍ଟର ସହନିର୍ଦ୍ଦେଶକ ସୁରେଶ ରାଓ ପ୍ରକାଶ କରିଛନ୍ତି।

## ଚୌଦ୍ୱାର ଜେଲରୁ ୪୬ ନମୁନା ସଂଗ୍ରହ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର ସର୍କଲ ଜେଲର ଜଣେ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ପରେ ଜେଲର ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶନିବାର ଜେଲର ୪୬ ଅନ୍ତେବାସୀଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଏମାନଙ୍କ ମଧ୍ୟରେ ୪୫ଜଣ କଏଦୀ ଓ ଜଣେ କର୍ମଚାରୀ ରହିଛନ୍ତି ବୋଲ ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ୨ କୋଚିଂ ସେଣ୍ଟରରେ ପୋଲିସର ଚଢ଼ାଉ

ନିରାକାରପୁର,୨୯।୮(ଡି.ଏନ୍.ଏ.): ନିରାକାରପୁରରେ କୋଚିଂ ସେଣ୍ଟର ଖୋଲାଯିବା ସହ ପାଠ ପଢ଼ାଯାଉଥିବା ଦେଖିବାକୁ ମିଳିଥିଲା। ଖବରପାଇ ନିରାକାରପୁର ପୋଲିସ ଶନିବାର ଉକ୍ତ ଅଞ୍ଚଳରେ ଚାଲିଥିବା ଦୁଇଟି କୋଚିଂ ସେଣ୍ଟରରେ ଚଢ଼ାଉ କରିଥିଲା। କୋଚିଂ ସେଣ୍ଟରର ମୁଖ୍ୟଙ୍କୁ ତାଗିଦ୍ କରାଯିବା ସହ ଥାନାରେ ହାଜର ହେବାକୁ କୁହାଯାଇଛି ବୋଲି ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ଅନ୍ୟପକ୍ଷରେ ଏଥିରୁ ଗୋଟିଏ କୋଚିଂ ସେଣ୍ଟର ଜଣେ ଶିକ୍ଷକଙ୍କର ହୋଇଥିବା ଜଣାପଡ଼ିଛି।

### ଅତିବଡ଼ୀ ଜୟନ୍ତୀ ସହ ସୁନିଆଁ ପାଳିତ

କଟକ ଅଫିସ,୨୯।୮: କଟକ ଜିଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ସୁନିଆଁ ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ସାହୁଙ୍କ ଅଧକ୍ଷତାରେ ଅନ୍‌ଲାଇନ ଯୋଗେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। 'ସୁନିଆଁ' ଓଡ଼ିଶାର ରାଜକୀୟ ନବବର୍ଷ। ଏହି ଦିନ ନୂତନ ଅଙ୍କ ପ୍ରଚଳନ ହୋଇଥାଏ ବୋଲି କହିବା ସହ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆ ଜାତି ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋପାଳ ଚନ୍ଦ୍ର ମିଶ୍ର, ଅରୁଣା ସାମନ୍ତରାୟ, ବନଲତା ସିଂହ, ବିଦ୍ୟୁତ ଲାଲା ଉପସ୍ଥିତ ଥିଲେ। ସମ୍ପାଦକ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।

### ସାକ୍ଷୀଗୋପାଳ ଠାକୁରଙ୍କୁ ସୁନିଆଁ ଭେଟି

ସାକ୍ଷୀଗୋପାଳ,୨୯।୮(ଡି.ଏନ୍.ଏ.): ସୁନିଆଁ ଉପଲକ୍ଷେ ଶନିବାର ସାକ୍ଷୀଗୋପାଳ ମନ୍ଦିରରେ ବିଭିନ୍ନ ବର୍ଗର ସେବକ, ପ୍ରଜା ଓ ଶ୍ରଦ୍ଧାଳୁମାନେ ପରମ୍ପରାକ୍ରମେ ଠାକୁରଙ୍କୁ ସୁନିଆଁ ଭେଟି ପ୍ରଦାନ କରିଥିଲେ। ଗୋପାଳପୁର ପାଟଣା ଗ୍ରାମରୁ ମହାଜନ ଓ ପ୍ରଜାମାନେ ଠାକୁରଙ୍କ ଲାଗି ନିମନ୍ତେ ଫୁଲମାଳ, ଭୋଗ ନୈବେଦ୍ୟ ଓ ପ୍ରିୟ ସର ଲବଣି ଭାର ନେଇ ମନ୍ଦିରରେ ପହଞ୍ଚିଥିଲେ। ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଜଣ ଜଣ କରି ନାମ ଡାକିବା ପରେ କଳହାଟ ଦ୍ୱାରରେ ସୁନିଆଁ ଭେଟି ଅର୍ଥ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାଧୂପ ବେଶରେ ଠାକୁର ରାଜବେଶରେ ସଜ୍ଜିତ ହୋଇଥିଲେ। କରୋନା କଟକଣା ମଧ୍ୟରେ ଠାକୁରଙ୍କ ନୀତି ପରିଚାଳନା କରାଯାଇଥିଲା ବୋଲି ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର କହିଛନ୍ତି।

### ମୌଳିକ କର୍ତ୍ତବ୍ୟ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ

ପୁରୀ ଅଫିସ,୨୯।୮: ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ୟୁଟ୍ୟୁବ ଲାଇଭ ମାଧ୍ୟମରେ ମୌଳିକ କର୍ତ୍ତବ୍ୟ ସଂକ୍ରାନ୍ତ ଏକ ଅନ୍‌ଲାଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଭିଲ କୋର୍ଟ ପ୍ରୋଟୋକଲ ଅଫିସର ଦେବାଶିଷ ମହାନ୍ତି, ରାଜନୀତି ବିଜ୍ଞାନର ବରିଷ୍ଠ ପ୍ରଧାପକ ଡ. ସୁବାସ ଚନ୍ଦ୍ର ଶତପଥୀ ଅଂଶଗ୍ରହଣ କରିଥିଲେ। ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ସମ୍ବିଧାନକୁ ସମ୍ମାନ ପ୍ରଦର୍ଶନ କରିବା, ୬ରୁ ୧୪ ବର୍ଷ ସମସ୍ତ ଶିଶୁଙ୍କୁ ଶିକ୍ଷା ଯୋଗାଇଦେବା ପାଇଁ ମାତାପିତା ଯତ୍ନବାନ ହେବା ଆଦି ଉପରେ ସଚେତନ କରାଯାଇଥିଲା।

### ଟିପିଏମ୍ ଫାଣ୍ଡିର ଜଣେ କର୍ମଚାରୀ ପଜିଟିଭ୍

ଚୌଦ୍ୱାର,୨୯।୮(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ଟିପିଏମ ଫାଣ୍ଡିର ଜନୈକ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫାଣ୍ଡି ଅଧିକାରୀ ନୃସିଂହଚରଣ ସ୍ୱାଇଁଙ୍କ କହିବା ଅନୁଯାୟୀ, ଚିହ୍ନଟ କର୍ମଚାରୀ ଜଣକ ୩ ଚାରି ଦିନ ହେବ ଜ୍ୱରରେ ପୀଡ଼ିତ ଥିଲେ। ଶନିବାର କଟକ ଯାଇ ନମୁନା ପରୀକ୍ଷା କରିବାପରେ ସେ ପଜିଟିଭ ଥିବା ଜଣାପଡ଼ିଥିଲା। ଏବେ ସେ କଟକରେ ଚିକିତ୍ସା ହେଉଛନ୍ତି। ଚିହ୍ନଟ ପରେ ଫାଣ୍ଡି ପରିସରକୁ ସାନିଟାଇଜ କରାଯାଇଛି।

# ଖୋର୍ଦ୍ଧା: ୨୩୨ ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ,୨୯।୮

ଖୋର୍ଦ୍ଧା ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ଶନିବାର ୨୩୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୩୪ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୩୯, ବାଲିପାଟଣା ୩୩, ଭୁବନେଶ୍ୱର ବ୍ଲକ ୨୩, ଜଟଣୀ ୮, ଖୋର୍ଦ୍ଧା ବ୍ଲକ ୩୪, ବେଗୁନିଆ ୮, ବୋଲଗଡ଼ ୧୪, ଟାଙ୍ଗୀ ୨୪, ଚିଲିକା ୮ ଏବଂ ବାଣପୁରରୁ ୪୧ଜଣ ରହିଛନ୍ତି। ଜିଲାରେ ମୋଟ୍ ୪୬୦୬ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୩୧୩୨ଜଣ ସୁସ୍ଥ ହୋଇଛନ୍ତି। ୧୪୪୮ ସକ୍ରିୟ ରୋଗୀ ରହିଥିବା ବେଳେ ୨୬ଜଣଙ୍କ ମୃତ୍ୟୁ ଘଟିଛି।

## ଉପଖଣ୍ଡରେ ୩୧୦୩ ସଂକ୍ରମିତ

ଖୋର୍ଦ୍ଧା ଉପଖଣ୍ଡରେ ଶନିବାର ସୁଦ୍ଧା ୩୧୦୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୩୧୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୨୪ଜଣଙ୍କ ମୃତ୍ୟୁ ଘଟିଛି। ୭୬୨ଜଣ ସକ୍ରିୟ ରୋଗୀ ରହିଛନ୍ତି। ସେଥିରୁ ୪୭୮ଜଣ ହୋମ୍ ଆଇସୋଲେଶନରେ ରହିଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ୍ କରି ସୂଚନା ଦେଇଛନ୍ତି । ଉପଖଣ୍ଡରେ ଆକ୍ରାନ୍ତଙ୍କ ସଂଖ୍ୟା ତୁଳନାରେ ସୁସ୍ଥ ସଂଖ୍ୟା ବୃଦ୍ଧି ପାଉଛି। ଉପଖଣ୍ଡରେ ସୁସ୍ଥ ହାର ୭୫%, ସକ୍ରିୟ ରୋଗୀ ୨୪% ଏବଂ ମୃତ୍ୟୁହାର ୧ପ୍ରତିଶତ ରହିଛି। ବାଣପୁରରେ ୩୯୩ ସୁସ୍ଥ ଓ ୬୭ ସକ୍ରିୟ, ଚିଲିକାରେ ୩୩୪ ସୁସ୍ଥ ଓ ୧୮୨ ସକ୍ରିୟ, ଟାଙ୍ଗୀରେ ୪୧୧ ସୁସ୍ଥ ଏବଂ ୬୬ ସକ୍ରିୟ, ବୋଲଗଡ଼ରେ ୩୬୧ ସୁସ୍ଥ ଓ ୪୫ ସକ୍ରିୟ, ବେଗୁନିଆରେ ୧୮୦ ସୁସ୍ଥ ଓ ୮୨ ସକ୍ରିୟ, ଖୋର୍ଦ୍ଧାରେ ୧୪୩ସୁସ୍ଥ ଓ ୧୩୮ ଆକ୍ଟିଭ କେସ୍ ରହିଛି। ସେହିପରି ବାଣପୁର ଏନ୍‌ଏସିରେ ୨୧୧ସୁସ୍ଥ ଓ ୨୫ ସକ୍ରିୟ, ବାଲୁଗାଁରେ ୧୨୦ସୁସ୍ଥ ଓ ୩୫ ସକ୍ରିୟ ଏବଂ ଖୋର୍ଦ୍ଧା ପୌରାଞ୍ଚଳରେ ୧୬୪ସୁସ୍ଥ ଏବଂ ୧୨୨ ଆକ୍ଟିଭ କେସ୍ ରହିଛି।

# ବନ୍ୟା ସ୍ଥିତି ପରଖିଲେ ଜିଲାପାଳ

ବାଲକାଟୀ,୨୯।୮(ଡି.ଏନ୍.ଏ.)

ଲଗାଣ ବର୍ଷା ଓ ହୀରାକୁଦ ଜଳଭଣ୍ଡାରରୁ ଗେଟ୍ ଖୋଲିବା ପ୍ରଭାବରେ ବାଲିଅନ୍ତା ବ୍ଲକ ଦେଇ ପ୍ରବାହିତ ଭାର୍ଗବୀ, କୁଶଭଦ୍ରା ଓ କୁଆଖାଇ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାସହ ନଦୀଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଯୋଗୁ ନଦୀକୂଳିଆ ଓ ତଳିଆ ଅଞ୍ଚଳରେ ବାସ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭାର୍ଗବୀର ଅଚ୍ୟୁତପୁର କାଜ ମଧ୍ୟ ଦେଇ ଧନୁଆରେ ବନ୍ୟାଜଳ ଶୁକ୍ରବାର ରାତିରୁ ପଶିବା ଦ୍ୱାରା ଶତାଧିକ ହେକ୍ଟର ଜମିରେ ପାଣି ମାଡ଼ିଯାଇଛି। ତେବେ ଏଭଳି ଅବସ୍ଥାର ସମୀକ୍ଷା କରିବା ଲାଗି ଶନିବାର ଖୋର୍ଦ୍ଧା ଜିଲାପାଳ ସନତ କୁମାର ମହାନ୍ତି ବାଲିଅନ୍ତା ଓ ବାଲିପାଟଣା ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ପ୍ରତାପ ଶାସନ ପଞ୍ଚାୟତର ସାତକାଣିଆସ୍ଥିତ ଭାର୍ଗବୀ ପଠାରେ ଥିବା ଇଟାଭାଟିରେ ବନ୍ୟାଜଳ ପଶିଆସିବାରୁ ସେଠାରେ କାର୍ଯ୍ୟରତ ଶ୍ରମିକ ରାସ୍ତାରେ ଆଶ୍ରୟ ନେଉଥିବା ଦେଖିଥିଲେ। ସେମାନଙ୍କୁ ଯଥାଶୀଘ୍ର ଉପଯୁକ୍ତ ଥଇଥାନ ସହ ଖାଦ୍ୟପେୟ ବ୍ୟବସ୍ଥା କରିବାକୁ ଇଟାଭାଟି ପରିଚାଳକଙ୍କୁ କହିଛନ୍ତି। ପରେ ଝିଣ୍ଟି, ପୁରୋହିତପୁର ଓ ରାଜସ ପଞ୍ଚାୟତର ବନ୍ୟାପ୍ଳାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏଥିସହ ଅନ୍ୟ ଅଞ୍ଚଳକୁ ବନ୍ୟାଞ୍ଚଳ ଯିବା ପୂର୍ବରୁ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଉଭୟ ବ୍ଲକର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତବେଳେ ଉପଜିଲାପାଳ ଦେବବ୍ରତ ସାହୁ, ବାଲିଅନ୍ତା ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ସୁଜାତା ମହାରଣା, ବାଲିପାଟଣା ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ: ୧୩୫ ପଜିଟିଭ ଚିହ୍ନଟ

ପୁରୀ ଅଫିସ,୨୯।୮

## ସହରାଞ୍ଚଳରୁ ୬୦, ଗ୍ରାମାଞ୍ଚଳରୁ ୭୫

ପୁରୀ ଜିଲାରୁ ଶୁକ୍ରବାର ୧୧୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଶନିବାର ୧୩୫ ପଜିଟିଭ ବାହାରିଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୩,୩୩୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨,୩୪୬ ଜଣ ସୁସ୍ଥ ହୋଇଥିବା ବେଳେ ୯୭୬ ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଏ ପର୍ଯ୍ୟନ୍ତ ଜିଲାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ଚିହ୍ନଟଙ୍କ ମଧ୍ୟରେ ସହରାଞ୍ଚଳରୁ ୬୦ ଏବଂ ଗ୍ରାମାଞ୍ଚଳରୁ ୭୫ ଜଣ ରହିଛନ୍ତି। ପୁରୀ ମ୍ୟୁନିସିପାଲିଟିରୁ ଚିହ୍ନଟ ପଜିଟିଭଙ୍କ ମଧ୍ୟରୁ ୩୧ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ୨୮ ଜଣ ସ୍ଥାନୀୟ ସଂକ୍ରମିତ ଓ ଜଣଙ୍କର ଟ୍ରାଭେଲ ହିଷ୍ଟ୍ରି ରହିଛି। ସେହିପରି ବ୍ଲକରୁ ଚିହ୍ନଟଙ୍କ ମଧ୍ୟରୁ ୨୮ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୪୬ ଜଣ ସ୍ଥାନୀୟ ସଂକ୍ରମିତ ଓ ଜଣଙ୍କର ଟ୍ରାଭେଲ ହିଷ୍ଟ୍ରି ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରୁ ମୋଟ ୫୭,୭୧୨ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏଥିମଧ୍ୟରୁ ୩,୩୩୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୭୦.୩୨ %। ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ ୪୫ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ଥିବାବେଳେ ୧୭୨ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୧୯ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି।

## ଜାତୀୟ କ୍ରୀଡ଼ା ଦିବସ ପାଳିତ

ଚୌଦ୍ୱାର,୨୯।୮(ଡି.ଏନ୍.ଏ)

ଟାଙ୍ଗୀ-ଚୌଦ୍ୱାର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଶନିବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି କୈଳାଶ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅର୍ଜୁନ ପୁରସ୍କାରପ୍ରାପ୍ତ ଆଥଲେଟ ଦୂତି ଚାନ୍ଦ, ପାରା ଆଥଲେଟ ଜୟନ୍ତୀ ବେହେରା, ଚେସ୍ ଗୁରୁ ସତ୍ୟରଞ୍ଜନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଭୀମସେନ ବିଶ୍ୱାଳ, ବିଜୟ ସାହୁ, ଭାସ୍କର ରାଉତରାୟ, ଶ୍ରୀକାନ୍ତ ପାକଳ, ସୁଜିତ୍ ଦାସ, ଅଜୟ ପୃଷ୍ଟି ପ୍ରମୁଖ ସାମାଜିକ ଦୂରତ୍ୱ ରକ୍ଷା କରି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




ପୁରୀ ବକ୍ସିଂ ଏକାଡେମୀ ଆନୁକୂଲ୍ୟରେ ଶନିବାର ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ ଖେଳାଳିମାନେ।

## ଭାଜପା ନେତାଙ୍କ ଭାର୍ଗବୀ ନଦୀ ବନ୍ଧ ଅନୁଧ୍ୟାନ

ପିପିଲି,୨୯।୮(ସ୍ୱ.ପ୍ର.)

ବନ୍ୟାଜଳ ବଢୁଥିବାରୁ ଭାର୍ଗବୀ ନଦୀ ବନ୍ଧରେ ଏକାଧିକ ଘଳିଆ ହେବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପିପିଲିର ବାଲିଉପର, ବରହମପୁର, ହରଦୁର୍ଗାସାହି, ରଥପୁରୁଷୋତ୍ତମପୁର ଶ୍ମଶାନ, ଦୁର୍ଗାପୁର ସାହି ନିକଟରେ ଏହି ଘଳିଆ ହୋଇଛି। ଶନିବାର ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ନଦୀବନ୍ଧ ଅନୁଧ୍ୟାନ କରିବା ସହ ଜିଲାପାଳ ବଲୱନ୍ତ ସିଂଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ସମସ୍ତ ସହଯୋଗ କରାଯିବ। ଭାର୍ଗବୀ ନଦୀ ବନ୍ଧର ଘଳିଆ ବନ୍ଦ କ୍ଷେତ୍ରରେ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି ଜିଲାପାଳ ସିଂ ପ୍ରତିଶ୍ରୁତି ଦେଇଥିବା ଜିଲା ଭାଜପା ସଭାପତି ପଟ୍ଟନାୟକ କହିଛନ୍ତି।

## ମାଛ ଧରିବାକୁ ଯାଇ ସାଇଫନ୍‌ରେ ଯୁବକ ନିଖୋଜ

ଲଳିତଗିରି,୨୯।୮(ସ୍ୱ.ପ୍ର)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ଗ୍ରାମର ଜଣେ ଯୁବକ ମାଛଧରିବାକୁ ଯାଇ ତ୍ରିବେଣୀଶ୍ୱରରେ ଥିବା ସାଇଫନ୍‌ରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସାହାପୁର ଗ୍ରାମର ଛବି କବାଟି(୩୨)। ପଟ୍ଟାମୁଣ୍ଡାଇ କେନାଲରୁ ଦ୍ୱୀପାଞ୍ଚଳ ଭିତରକୁ ଯାଇଥିବା ଅଣ୍ଡରଗ୍ରାଉଣ୍ଡ ସାଇଫନ୍ ପାଖରେ ସେ ମାଛ ଧରୁଥିଲେ। ଏହି ସମୟରେ ପାଣି ସ୍ରୋତରେ ସାଇଫନ୍ ଭିତରକୁ ଟାଣିହୋଇ ଚାଲିଯାଇଥିଲେ। ଖବରପାଇ କୁଆଁପାଳ ଓ ସାଲେପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଛବିଙ୍କୁ ଖୋଜାଖୋଜି କରିଛନ୍ତି। ମାତ୍ର ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।

## ଜାତୀୟ କ୍ରୀଡ଼ା ଦିବସ ପାଳିତ

ପୁରୀ ଅଫିସ,୨୯।୮

ପୁରୀ ବକ୍ସିଂ ଏକାଡେମୀ ଆନୁକୂଲ୍ୟରେ ଶନିବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଗୋପୀନାଥ ଦେବ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦର୍ଶନ ମହାରଥୀ, ଗୋପୀନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିବାକର ପ୍ରଧାନ, ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ହରିହର କର, ଗୋପୀନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ଗୋପୀନାଥ ଦେବ ଡିଗ୍ରୀ କଲେଜର କ୍ରୀଡ଼ା ଶିକ୍ଷକ ରବିନାରାୟଣ ମିଶ୍ର, ରାଜ୍ୟ ଟାଇକୋଣ୍ଡୋ ସମ୍ପାଦକ ମନମୋହନ ଭଞ୍ଜ ଯୋଗଦେଇଥିଲେ। ଅଧ୍ୟାପକ ପବିତ୍ର ମୋହନ ଜେନା, ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ବକ୍ସିଂ ଏକାଡେମୀ ସଭାପତି ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ। ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ାରେ ସଫଳତା ପାଇଥିବା ଖେଳାଳୀଙ୍କୁ ସମ୍ମାନିତ କରାଯାଇଥିଲା।

## କଟକ ସଦର ବ୍ଲକରେ ଖାଲିପଡ଼ିଛି ୨୩ ପଦବୀ

କଟକସଦର,୨୯।୮(ଡି.ଏନ୍.ଏ.)

### ପଦକ୍ଷେପ ପାଇଁ ବିଧାୟକଙ୍କୁ ଅଭିଯୋଗପତ୍ର ପ୍ରଦାନ

କଟକ ସଦର ବ୍ଲକରେ ୨୩ଟି ତୃତୀୟ ଶ୍ରେଣୀ ପଦବୀ ଖାଲି ପଡ଼ିଛି। ୪ବର୍ଷ ହେବ ଏହି ପଦବୀ ପୂରଣ ହେଉ ନ ଥିବାରୁ ସୀମିତ ସଂଖ୍ୟକ କର୍ମଚାରୀଙ୍କ ଉପରେ କାର୍ଯ୍ୟଭାର ବଢ଼ିଯାଇଛି। ସେଥିପାଇଁ ୨୩ଟି ପଞ୍ଚାୟତର ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଏଭଳି ପରିସ୍ଥିତିରେ ୨ ମାସ ତଳେ କାର୍ଯ୍ୟରେ ଯୋଗଦେଇଥିବା ସେକ୍ସନ ଅଫିସରଙ୍କ ଅଚାନକ ବଦଳି ହୋଇଯାଇଛି। ବନ୍ୟାଜଳ ଆସୁଥିବାରୁ ଦୈନନ୍ଦିନ ଅଫିସରେ ବିଭିନ୍ନ କାର୍ଯ୍ୟ ବୃଦ୍ଧି ପାଉଛି। ଏହାର ତୁରନ୍ତ ସମାଧାନ ପାଇଁ ଶନିବାର କଟକସଦର ବିଧାୟକଙ୍କୁ ଅଭିଯୋଗ କରାଯାଇଛି। ଏବେ ସୁଦ୍ଧା ପ୍ରଗତି ସହାୟତ, ସାମାଜିକ ସୁରକ୍ଷା ଅଧିକାରୀ, ୨ କିରାଣି, ୧୧ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୮ଗ୍ରାମ ରୋଜଗାର ସେବକ ପଦ ଖାଲି ପଡ଼ିଛି। ପ୍ରାୟ ସମୟରେ ଏଠାରୁ ଅନ୍ୟତ୍ର ଷ୍ଟାଫ ବଦଳି ହୋଇଯାଉଥିବାବେଳେ ନୂଆ କର୍ମଚାରୀଙ୍କୁ ଏଠାରେ ଅବସ୍ଥାପିତ କରାଯାଇନାହିଁ।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

ଲଳିତଗିରି,୨୯।୮(ସ୍ୱ.ପ୍ର.)

ମାହାଙ୍ଗା ଥାନା ଚାହାପଡା ପଞ୍ଚାୟତ ଅନ୍ତର୍ଗତ ଜହଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଏଥିରେ ରାମଚନ୍ଦ୍ର ମହାରଣା, ଲକ୍ଷ୍ମୀଧର ମହାରଣା ଓ ଭରତ ଚନ୍ଦ୍ର ମହାରଣାଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ୩ ପରିବାର ସମସ୍ତ ଆସବାବପତ୍ର ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଗୁହାଳରେ ଲାଗିଥିବା ଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଖବରପାଇ କୁଆଁପାଳ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଆର୍‌ଆଇ ଶଙ୍କର ପ୍ରଧାନ କ୍ଷୟକ୍ଷତି ଆକଳନ କରିଥିବାବେଳେ ତହସିଲ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି।



କଟକରେ କାଠଯୋଡ଼ି ନଦୀତଟରେ ଥିବା ବସ୍ତିର ଘର ଶନିବାର ବନ୍ୟାଜଳରେ ବୁଡ଼ିଛି।



ବନ୍ୟାଜଳ ପଶିବା ପରେ ଖାନନଗର କାଳୀବିହାର ବସ୍ତିରୁ ଜଣେ ମହିଳା ଘର ଜିନିଷ ଧରି ନିରାପଦ ସ୍ଥାନକୁ ବାହାରିଛନ୍ତି।

## କଡ଼ ଲେଉଟାଇଲେ ଶୟନ ଠାକୁର

ପୁରୀ ଅଫିସ,୨୯।୮:

ଶ୍ରୀମନ୍ଦିରରେ ଶନିବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଛି। ଶୟନ ଠାକୁର କଡ଼ ଲେଉଟାଇଛନ୍ତି। ସନ୍ଧ୍ୟା ଆଳତି ବଢିବା ପରେ ଏକାଦଶୀ ବେଢାକୁ ମଦନ ମୋହନ ବିଜେ କରିଥିଲେ। ଶ୍ରୀଅଙ୍ଗରେ ଚନ୍ଦନ ଲାଗି ପରେ ପୂଜାପଣ୍ଡା ଆଜ୍ଞାମାଳ କାଢି ମଦନମୋହନଙ୍କୁ ପ୍ରଦାନ କରିଥିଲେ। ପରେ ମଦନମୋହନ ପାଲିଙ୍କିରେ ବଡଦେଉଳ ବେଢାଏ ବୁଲିଥିଲେ। ଜୟବିଜୟ ଦ୍ୱାରରେ ଏକାଦଶୀ ବନ୍ଦାପନା ପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ବଲ୍ଲଭ ବଡ଼ସିଂହାର ଭୋଗ ପରେ ଖଟ ଶେଯ ଘର ଉପରେ ନିଶୁଣି ପକାଯାଇଥିଲା। ମୁଦିରସ୍ତ ଏହା ଉପରକୁ ଯାଇ ଦୁଆର ମୁଦ ଭାଙ୍ଗି ଶୟନ ଠାକୁରଙ୍କ ପେଡା ଖୋଲିଥିଲେ। ସେ ତିନି ଆଞ୍ଜୁଳା ଶୁକ୍ଳ ଫୁଲ ସମର୍ପଣ କଲା ପରେ ଶୟନ ଠାକୁର କଡ଼ ଲେଉଟାଇଥିଲେ। ପୂର୍ବରୁ ଶୟନ କାଳରେ ଠାକୁରଙ୍କ ମୁଖ ଦକ୍ଷିଣ ଦିଗକୁ ଥିବାବେଳେ ପରିବର୍ତ୍ତନ କାଳରେ ମୁଖ ଉତ୍ତର ଦିଗକୁ କରାଯାଇଛି। ମୁଦିରସ୍ତ ବନ୍ଦାପନା ସାରି ପେଡା ବନ୍ଦ କରି ଦୁଆର ମୁଦ ଦେଇ ତଳକୁ ଓହ୍ଲାଇ ଆସିଥିଲେ। ବଲ୍ଲଭ ବଡସିଂହାର ଭୋଗରେ ୬ ମୂର୍ତ୍ତି ଅଳଙ୍କାର ଓଲାଗି କରାଯାଇଥିଲା। ଏହାପରେ ଖଟଶେଯ ବିଜେ କରାଇ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ସୂଚନାଥାଉ କି, ଏହି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ହେଉଛି ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ।

## ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲେ ଖବରଦାତା

ଗୋପ,୨୯।୮(ଡି.ଏନ୍.ଏ.)

ମାଆର ମମତା ପିଲାଙ୍କ ପାଇଁ ସବୁବେଳେ ରହିଥାଏ। ହେଲେ ସେହି ମା ଯେତେବେଳେ ଅପରାହ୍ନରେ ପହଞ୍ଚିଥାଏ ଜନ୍ମିତ ପିଲାମାନେ ମା'ର ସ୍ନେହ ଶ୍ରଦ୍ଧା ଓ ଭଲପାଇବାକୁ ପଛରେ ପକାଇ ସବୁ ଭୁଲି ଯାଆନ୍ତି। ଏପରି ଏକ ଘଟଣା ପୁରୀ ଜିଲାର ଗୋପ ଅଞ୍ଚଳରେ ଦେଖିବକୁ ମିଳିଛି। ଗୋପ-ନିମାପଡ଼ା ରାସ୍ତାର ବଣିଆସାହି ନିକଟରେ ଶୁକ୍ରବାର ରାତିରେ ଜଣେ ୭୦ ବର୍ଷୀୟା ମହିଳା ଦୟନୀୟ ଅବସ୍ଥାରେ ପଡ଼ିଥିଲେ। ରାସ୍ତାପାର୍ଶ୍ୱରେ ଏକୁଟିଆ ବୃଦ୍ଧାଙ୍କୁ ଦେଖି ଗୋପ ଅଞ୍ଚଳର ଖବରଦାତା ମିଳନ ମହାନ୍ତି ଉଦ୍ଧାର କରିଥିଲେ। ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ତହସିଲଦାରଙ୍କୁ ଅବଗତ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରି ପରିବାର ଲୋକଙ୍କୁ ଜଣାଇଥିଲେ। ପ୍ରତିଦିନ ଭଳି ମିଳନ ନିଜର କାର୍ଯ୍ୟ ସାରି ରାତ୍ର ୧୨ଟାରେ ନିଜ ଘରକୁ ଫେରୁଥିଲେ। ବଣିଆସାହି ନିକଟରେ ଜଣେ ବୃଦ୍ଧା ରାସ୍ତାକଡ଼ରେ ପଡ଼ିଥିବା ଦେଖିଥିଲେ। ବିଳମ୍ବିତ ରାତ୍ରରେ ଏକୁଟିଆ ବୃଦ୍ଧା ଜଣକ ଥିବାରୁ ଗାଡ଼ି ଅଟକାଇ ପଚାରିବାବେଳେ ଦେହ ଅସୁସ୍ଥ ଥିଲା। ସଙ୍ଗେ ସଙ୍ଗେ ମିଳନ୍ ତାଙ୍କୁ ମେଡିକାଲ ନେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବପ୍ରସାଦ ମଙ୍ଗରାଜଙ୍କ ନିର୍ଦ୍ଦେଶରେ ବୃଦ୍ଧାଙ୍କୁ ଚିକିତ୍ସା କରାଇଥିଲେ। ବୃଦ୍ଧାଙ୍କ ପରିଚୟ ବୁଝିବାରେ ତାଙ୍କ ଘର ନିମାପଡ଼ା ଅଞ୍ଚଳରେ ଥିବାବେଳେ ପରିବାରରେ ପୁଅ, ବୋହୂ ଥିବା ଜଣାପଡ଼ିଥିଲା। ମାତ୍ର ବୃଦ୍ଧା ଜଣଙ୍କ କର୍କଟ ରୋଗରେ ଆକ୍ରାନ୍ତ ହେବା ପରେ ପରିବାର ଲୋକେ ତାଙ୍କୁ ଖାଇବାକୁ କି ଔଷଧପତ୍ର ଦେଉ ନ ଥିବା କହିଥିଲେ। ଚିକିତ୍ସା ପରେ ଶନିବାର ତାଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ପୋଲିସ ଦ୍ୱାରା ଘରକୁ ପଠାଯାଇଥିଲା। ମିଳନଙ୍କ ଏପରି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ପାଣ୍ଡରା ଦୁର୍ଗାପୂଜା ସମିତିର ମାଟି ଅନୁକୂଳ

ବାଲିଅନ୍ତା,୨୯।୮(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମର ୧୮ନଂ. ୱାର୍ଡ ଅଧୀନ ପାଣ୍ଡରା ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତ ୧୨ତମ ବାର୍ଷିକ ମା' ଦୁର୍ଗାପୂଜା ପାଇଁ ଶନିବାର କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଛି। କୋଭିଡ-୧୯ କଟକଣାକୁ ମାନି କମ୍ ସଂଖ୍ୟକ କର୍ମକର୍ତ୍ତାଙ୍କୁ ନେଇ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମାଟି ଅନୁକୂଳ ପାଇଁ ପାଣ୍ଡରା ଗ୍ରାମ ହାଇଟେକଗଡ଼ାସ୍ଥିତ କୁଆଖାଇ ନଦୀକୂଳରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଏକ ନୂଆ ଫାଉଡାରେ ନଦୀକୂଳରୁ ମାଟି ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହି ମାଟିକୁ ଏକ ପାତ୍ରରେ ରଖାଯାଇ ପୂଜାମଣ୍ଡପକୁ ନିଆଯାଇଥିଲା। ଉପସ୍ଥିତ କର୍ମକର୍ତ୍ତାମାନେ ସଂକଳ୍ପ ନେଇଥିଲେ।

# ରାଜ୍ୟରେ କମିଛି ଡେଙ୍ଗୁ ସଂକ୍ରମଣ

କଟକ ଅଫିସ,୨୯।୮

## କରୋନାଜନିତ ସର୍ବେକ୍ଷଣ, ସଚେତନତା ଦେଇଛି ସୁଫଳ

ଏବେକାର ସ୍ଥିତିରେ ସଂକ୍ରମଣ କଥା ଉଠିଲେ ଲୋକଙ୍କ ଭିତରେ ଛନକା ପଶୁଛି। କରୋନା ମହାମାରୀ ସଂକ୍ରମଣର ଯେଉଁ ଚିତ୍ର ଦେଖାଇଛି, ସେଥିରେ ସାଧାରଣ ଲୋକେ ଏହି କଥା ଉଠିବା ମାତ୍ରେ ଆତଙ୍କିତ ହେବା ସ୍ୱାଭାବିକ। ତେବେ ଏହି ଆଶଙ୍କତି ସମୟରେ ଗୋଟିଏ ଆଶ୍ୱସ୍ତିର ଖବର ହେଉଛି ଯେ ଓଡ଼ିଶାରେ ଡେଙ୍ଗୁ ସଂକ୍ରମଣ ଚଳିତ ବର୍ଷ କମ୍ ରହିଛି।

ଡେଙ୍ଗୁରେ ପ୍ରତି ବର୍ଷ ଓଡ଼ିଶାରୁ ପ୍ରାୟ ୭୦୦୦ ନୂଆ ରୋଗୀ ଆକ୍ରାନ୍ତ ହୋଇଥାନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ପ୍ରାୟ ୩୧ ପ୍ରତିଶତ ମହିଳା ରହିଛନ୍ତି। ତେବେ ଡେଙ୍ଗୁ ଜ୍ୱରରେ ମୃତ୍ୟୁ ସଂଖ୍ୟା ରାଜ୍ୟରେ ଖୁବ୍ ନଗଣ୍ୟ। ଚଳିତ ବର୍ଷ ଏବେ ସୁଦ୍ଧା ସମଗ୍ର ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ମାତ୍ର ୧୦୦ ଭିତରେ ସୀମିତ ରହିଛି। ଏଥିରୁ ରାୟଗଡ଼ା ଜିଲାରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ତାଲିକାରେ ଓଡ଼ିଶା ପୂର୍ବରୁ କିଛି ବର୍ଷ ଲଗାତର ଭାବେ ସପ୍ତମ ସ୍ଥାନରେ ରହିଆସୁଥିଲା। କିନ୍ତୁ ଏବେ ସେଥିରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇଛି। ଗତ ୫ ମାସ ହେଲା କରୋନା ପାଇଁ ଚାଲିଥିବା ନିରବଚ୍ଛିନ୍ନ ସର୍ବେକ୍ଷଣ ଯୋଗୁ ପ୍ରାଥମିକ ସ୍ତରରୁ ଏଭଳି ରୋଗୀଙ୍କୁ ଚିହ୍ନଟ କରାଯାଇପାରୁଛି। ସଂକ୍ରମଣ ନିୟନ୍ତ୍ରଣ ଓ ସ୍ୱାସ୍ଥ୍ୟର ଯତ୍ନ ନେବା କ୍ଷେତ୍ରରେ ସାଧାରଣ ଲୋକଙ୍କ ଧାରଣା ମଧ୍ୟ ବଢ଼ିଛି ବୋଲି ଡିଏମ୍‌ଇଟି ଡା. ସି.ବି.କେ. ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ସରକାରୀ ଭାବେ ନିୟମିତ ବ୍ୟବଧାନରେ ସଂକ୍ରମଣ ନିୟନ୍ତ୍ରଣକାରୀ ଧୂଆଁ ସ୍ପ୍ରେ କରାଯାଉଛି। ୩୦ ଜିଲାରେ ପ୍ରାୟ ୪୦ଟି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ମାଗଣା ପରୀକ୍ଷା ଓ ଚିକିତ୍ସା କରାଯାଉଛି। ସରକାର ଚଳିତ ବର୍ଷ କରୋନା ସହ ଡେଙ୍ଗୁ, ଯକ୍ଷ୍ମା ଆଦି ରୋଗର ସମାନ୍ତରାଳ ସର୍ଭେ କରାଉଛନ୍ତି, ଯାହାର ସୁଫଳ ମିଳିପାରିଛି ବୋଲି ଡିଏମ୍‌ଇଟି କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୦/୨୦୨୦ | Bhubaneswar, Sunday, August 30/ 2020

# ‘ଓଡ଼ିଶା ହକିର ଏକ ଗ୍ଲୋବାଲ ହବ୍’



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି ) ଭି.କେ. ପାଣ୍ଡିଆନଙ୍କ ଉପସ୍ଥିତିରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କାର ପ୍ରଦାନ କରୁଛନ୍ତି।

**ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର**

ଜୟନ୍ତୀ ବେହେରା(ଶ୍ରେଷ୍ଠ କ୍ରୀଡ଼ାବିତ୍): ୨,୦୦,୦୦୦
ଦୀପ୍ ଗ୍ରେସ୍ ଏକ୍କା(ଶ୍ରେଷ୍ଠ କ୍ରୀଡ଼ାବିତ୍): ୨,୦୦,୦୦୦
ସତ୍ୟରଞ୍ଜନ ପଟ୍ଟନାୟକ (ଶ୍ରେଷ୍ଠ କୋଚ୍): ୧,୦୦,୦୦୦

**ଆର୍ଥିକ ପ୍ରୋତ୍ସାହନ**

ପୂର୍ଣ୍ଣିମା ଗିରି: ୧,୦୦,୦୦୦
ସବିତା ଗିରି: ୧,୦୦,୦୦୦
ଶିବ ପ୍ରସାଦ ଦାସ: ୩୨,୫୦,୦୦୦
ପଦ୍ମିନୀ ରାଉତ: ୨,୪୦,୦୦୦
ହୁପି ମାଝି: ୨,୩୦,୦୦୦
ରାଜଶ୍ରୀ ମହାପାତ୍ର: ୨,୦୦,୦୦୦
ମନୀଷା ମେରେଲ: ୧,୧୨,୦୦୦
ପ୍ରତ୍ୟାଶା ରାୟ: ୮୧,୦୦୦

**ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)**

- ଜାତୀୟ କ୍ରୀଡ଼ା ଦିବସ ପାଳିତ
- ଜୟନ୍ତୀ, ଦୀପ୍‌ଗ୍ରେସ୍, ସତ୍ୟରଞ୍ଜନଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର
- ପୂର୍ଣ୍ଣିମା ଓ ସବିତା ପାଇଲେ ସାହସିକତା ପୁରସ୍କାର

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶନିବାର ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କ୍ରୀଡ଼ା ବ୍ୟକ୍ତିତ୍ୱ ଏବଂ କୋଚ୍‌ମାନଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଛନ୍ତି। ଜୟନ୍ତୀ ବେହେରା ଓ ଦୀପ୍ ଗ୍ରେସ୍ ଏକ୍କା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଛନ୍ତି। ଉଭୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବିଜୁ ପଟ୍ଟନାୟକ ସାହସିକ ପୁରସ୍କାର ପାଇଥିବା ପୂର୍ଣ୍ଣିମା ଗିରି ଓ ସବିତା ଗିରି ଏକ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପାଇଛନ୍ତି। କୋଚିଂରେ ପାରଦର୍ଶିତା ପାଇଁ ବିଜୁପଟ୍ଟନାୟକ ପୁରସ୍କାର ପାଇଛନ୍ତି ସତ୍ୟ ରଞ୍ଜନ ପଟ୍ଟନାୟକ। ସେ ୧ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଗ୍ରହଣ କରିଛନ୍ତି। ଏତଦ୍‌ବ୍ୟତୀତ ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କୁ କୋଚିଂ ପାଇଁ ଶିବ ପ୍ରସାଦ ଦାସ ୩୨,୫୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଦ୍ମିନୀ ରାଉତ, ହୁପି ମାଝି, ରାଜଶ୍ରୀ ମହାପାତ୍ର, ମନୀଷା ମେରେଲ, ପ୍ରତ୍ୟଶା ରାୟ ପ୍ରମୁଖଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ସହ ସମ୍ମାନିତ କରାଯାଇଛି। ପ୍ରକାଶ ଯୋଗ୍ୟ ଯେ, ଚଳିତ ବର୍ଷ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଓ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ କ୍ରୀଡ଼ା ଖବରଦାତା ପୁରସ୍କାର ପ୍ରଦାନ କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାକୁ ବିଶ୍ୱର ଏକ ଅନ୍ୟତମ କ୍ରୀଡ଼ା କେନ୍ଦ୍ରରେ ପରିଣତ କରିବା ଲାଗି ସରକାରଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଅବତାରଣା କରିଥିଲେ। ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କହିଥିଲେ ଆମ କିମ୍ବଦନ୍ତୀ ନେତା ବିଜୁବାବୁ ନିଜେ ଜଣେ ମହାନ କ୍ରୀଡ଼ାବିତ୍ ଥିଲେ। ତାଙ୍କ ଜୀବନକାଳରେ ସର୍ବଦା ଖେଳକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କ ସ୍ୱପ୍ନ ସାକାର କରିବାକୁ ଯାଇ ଆମେ ଓଡ଼ିଶାକୁ କ୍ରୀଡ଼ାର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ କରିବା ଲାଗି ଉଦ୍ୟମ ଜାରି ରଖିଛୁ। ଗତ କିଛିବର୍ଷ ହେଲା ଓଡ଼ିଶାରେ ଅନେକ ପରିମାଣରେ କ୍ରୀଡ଼ା କାର୍ଯ୍ୟକଳାପ ବୃଦ୍ଧି ପାଇଛି। ବର୍ତ୍ତମାନ ଓଡ଼ିଶା ବିଶ୍ୱର ଏକ ଅନ୍ୟତମ ହକି ହବ୍ ରୂପେ ପରିଚିତି ଲାଭ କରିପାରିଛି। ଆମେ୨୦୨୩ରେ ହକି ବିଶ୍ୱକପ୍‌ର ଅନ୍ୟ ଏକ ସଂସ୍କରଣ ଆୟୋଜନ କରିବାକୁ ଯାଉଛେ। ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରି କହିଥିଲେ, ଓଡ଼ିଶା ଖୁବ ନିକଟରେ ଏଭଳି ଖେଳାଳି ସୃଷ୍ଟି କରିବ ଯେଉଁମାନେ ଅଲିମ୍ପିକ୍ସରେ ଭାଗ ନେଇପାରିବେ ଏବଂ ଭାରତକୁ ବିଜୟୀ କରାଇବାରେ ସହାୟକ ହେବେ। କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଳ ଦେବ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ଆର୍. ଭିନିଲ କ୍ରିଷ୍ଣା ଭୋଟ୍ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମଥର ଭର୍ଚୁଆଲ ଉତ୍ସବରେ ପୁରସ୍କାର ଗ୍ରହଣ କଲେ କ୍ରୀଡ଼ାବିତ୍



ପୁରସ୍କାର ପ୍ରମାଣପତ୍ର ସହ ରାଣୀ ରାମପାଲ ଓ ମାରିୟାପ୍ପାନ ଥଙ୍ଗାଭେଲୁ।

**ନୂଆଦିଲ୍ଲୀ ୨୯।୮ (ପି.ଟି.)**

କୋଭିଡ୍-୧୯ ମହାମାରୀ କାରଣରୁ ପ୍ରଥମଥର ଭର୍ଚୁଆଲ ଉତ୍ସବରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଶନିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଭିନ୍ନ ସହରରେ ଥିବା ଆଥଲେଟ୍‌ମାନଙ୍କୁ ପୁରସ୍କୃତ କରିଛନ୍ତି। ୭୪ଜଣ ବିଜେତାଙ୍କ ମଧ୍ୟରୁ ୬୦ଜଣ କ୍ରୀଡ଼ାବିତ୍ ଭର୍ଚୁଆଲ ଉତ୍ସବରେ ଯୋଗ ଦେଇଥିଲେ। ଏହି କ୍ରୀଡ଼ାବିତ୍‌ମାନେ ବିଭିନ୍ନ ସାଇ ସେଣ୍ଟରରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। କ୍ରିକେଟର ରୋହିତ ଶର୍ମା ଖେଳରତ୍ନ ଓ ଇଶାନ୍ତ ଶର୍ମା ଅର୍ଜୁନ ପୁରସ୍କାର ଗ୍ରହଣ କରିବାକୁ ଅନୁପସ୍ଥିତ ଥିଲେ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ରତିବଦ୍ଧତା ପାଇଁ ଏହି ଦୁଇ କ୍ରିକେଟର ଅନୁପସ୍ଥିତ ଥିଲେ। ସେହିପରି ମହିଳା ତାରକା ରେସଲର ଭିନେଶ ଫୋଗଟ୍ ଖେଳରତ୍ନ ଓ ବ୍ୟାଡମିଣ୍ଟନ ଖେଳାଳି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଅର୍ଜୁନ ପୁରସ୍କାର ଗ୍ରହଣ କରିବାକୁ ଅନୁପସ୍ଥିତ ଥିଲେ। କୋଭିଡ୍-୧୯ ପଜିଟିଭ୍ ହେବା କାରଣରୁ ଏହି ଦୁଇ ଖେଳାଳି ଉତ୍ସବରେ ଅନୁପସ୍ଥିତ ଥିଲେ।

ତେବେ ଅନ୍ୟ ୩ ଖେଳରତ୍ନ ବିଜେତା ଟିଟି ଖେଳାଳି ମନିକା ବାତ୍ରା, ପାରାଅଲିମ୍ପିକ୍‌ଗୋଲ୍ଡମେଡାଲିଷ୍ଟ ମାରିୟାପ୍ପାନ ଥଙ୍ଗାଭେଲୁ ଓ ମହିଳା ହକି ଅଧିନାୟିକା ରାନୀ ରାମପଲ ଏହି ଭର୍ଚୁଆଲ ଉତ୍ସବରେ ଯୋଗ ଦେଇଥିଲେ। ବାତ୍ରା ପୁଣେରୁ, ଥଙ୍ଗାଭେଲୁ ଓ ରାମପାଲ ବେଙ୍ଗାଲୁରୁରୁ ଯୋଗ ଦେଇଥିଲେ।

ଉତ୍ସବରେ ବିଜେତାଙ୍କ ନାମ ଘୋଷଣା ହେବା ଓ ସେମାନଙ୍କ ସଫଳତା ସମ୍ପର୍କରେ ଘୋଷଣା କରାଯିବା ମାତ୍ରେ ରାଷ୍ଟ୍ରପତି କୋବିନ୍ଦ ତାଳି ବଜାଇ ସମ୍ମାନ ପ୍ରଦର୍ଶନ କରିଥିଲେ। କୋବିନ୍ଦ ରାଷ୍ଟ୍ରପତି ଭବନ ଦରବାର ହଲ୍‌ରେ ଉପସ୍ଥିତ ରହି ଉତ୍ସବରେ ଯୋଗ ଦେଇଥିଲେ। କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ରାଷ୍ଟ୍ରପତି ପ୍ରଥମଥର ପାଇଁ କୌଣସି ଉତ୍ସବରେ ଯୋଗ ଦେଇଛନ୍ତି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ୨୨ଜଣ ଅର୍ଜୁନ ପୁରସ୍କାର ବିଜେତା ମଧ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ।

ମହାମାରୀ କାରଣରୁ ୪୪ ବର୍ଷର ଇତିହାସରେ ଆଥଲେଟ୍, ଅତିଥି, ସମ୍ମାନନୀୟ ବ୍ୟକ୍ତିମାନେ ଦରବାର ହଲ୍‌ରେ ପ୍ରଥମଥର ପାଇଁ ଏକାଠି ହୋଇପାରି ନ ଥିଲେ। ୧ ଘଣ୍ଟାରୁ ସାମାନ୍ୟ ଊର୍ଦ୍ଧ୍ୱ ସମୟଧରି ଆୟୋଜିତ ଏହି ଉତ୍ସବରେ ସବୁ ବିଜେତାମାନଙ୍କୁ ରାଷ୍ଟ୍ରପତି କୋବିନ୍ଦ ଅଭିନନ୍ଦନ ଜଣାଇଛନ୍ତି। ୨୦୨୮ ଅଲିମ୍ପିକ୍ସରେ ଭାରତ ପଦକ ତାଲିକାର ଶ୍ରେଷ୍ଠ-୧୦ରେ ରହିପାରିବ ବୋଲି ସେ ବିଶ୍ୱାସର ସହିତ କହିଛନ୍ତି। ଭାରତୀୟ କ୍ରୀଡ଼ା ସଂସ୍କୃତିରେ ଉନ୍ନତି ହେବାର ଆବଶ୍ୟକତା ରହିଛି ଓ ଏ ନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ। ମହାମାରୀ ଦ୍ୱାରା ପ୍ରଭାବିତ ନ ହୋଇ ଆଥଲେଟ୍‌ମାନେ ଆହୁରି ଦୃଢ ଭାବେ ଉପରକୁ ଉଠିବେ ବୋଲି ରାଷ୍ଟ୍ରପତି ଆଶା ପ୍ରକାଶ କରିଛନ୍ତି।

ଅର୍ଜୁନ ପୁରସ୍କାର ଜିତିଥିବା ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ

## ରୋହିତ, ଈଶାନ୍ତ, ଭିନେଶ, ସାତ୍ତ୍ୱିକ ଅନୁପସ୍ଥିତ

ଏଥର ମହିଳା ସ୍ପ୍ରିଣ୍ଟର ଦ୍ୟୁତୀ ଚାନ୍ଦ, ମହିଳା କ୍ରିକେଟର ଦୀପ୍ତି ଶର୍ମା, ମହିଳା ଗଲ୍ଫର ଅଦିତି ଅଶୋକ ଓ ପୁରୁଷ ହକି ତାରକା ଆକାଶଦୀପ ସିଂ ସାମିଲ ରହିଥିଲେ। ୮ଜଣ କୋଚ୍‌ଙ୍କୁ ଲାଇଫ୍‌ଟାଇମ୍ କାଟେଗୋରି ପାଇଁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି ଆର୍ଚେରୀ କୋଚ୍ ଧର୍ମେନ୍ଦ୍ର ତିୱାରୀ, ନରେଶ କୁମାର (ଟେନିସ), ଶିବ ସିଂ (ବକ୍ସିଂ) ଓ ରମେଶ ପଠାଣିଆ (ହକି)। ସେହିପରି ଦ୍ରୋଣାଚାର୍ଯ୍ୟ ରେଗୁଲାର କାଟେଗୋରିରେ ୫ ଜଣ ପୁରସ୍କୃତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ହକି କୋଚ୍ ଜୁଡେ ଫେଲିକ୍ସ ଓ ଶୁଟିଂ କୋଚ୍ ଯଶପାଲ ରାଣା। କିନ୍ତୁ ଏକ ଦୁଃଖଦ ଘଟଣାକ୍ରମରେ ଦ୍ରୋଣାଚାର୍ଯ୍ୟ (ଲାଇଫ୍‌ଟାଇମ) ବିଜେତା ଆଥଲେଟିକ କୋଚ୍ ପୁରୁଷୋତ୍ତମ ରାଏ ବେଙ୍ଗାଲୁରୁରେ ହୃଦ୍‌ଘାତ୍‌ରେ ପ୍ରାଣ ହରାଇଛନ୍ତି। ଧ୍ୟାନଚାନ୍ଦ ପୁରସ୍କାର ଜିତିଥିବା ୧୫ଜଣଙ୍କ ମଧ୍ୟରେ ସାମିଲ ରହିଛନ୍ତି ସୁଖବିନ୍ଦର ସିଂ ସାନ୍ଧୁ (ଫୁଟବଲ), ତୃପ୍ତି ମୁର୍ଗୁଣ୍ଡେ (ବ୍ୟାଡମିଣ୍ଟନ) ଓ ନନ୍ଦନ ବଳ (ଟେନିସ)। ବିଦେଶରେ ଥିବାରୁ ଗଲ୍ଫର ଅଦିତି ଅଶୋକ ଓ ପୂର୍ବତନ ଫୁଟବଲର ସୁଖବିନ୍ଦର ସିଂ ଉତ୍ସବରେ ଯୋଗ ଦେଇ ନ ଥିଲେ।

## ପୁରସ୍କାର ରାଶି ବୃଦ୍ଧି

**ନୂଆଦିଲ୍ଲୀ,୨୯।୮(ପି.ଟି.):** ଜାତୀୟ କ୍ରୀଡ଼ା ପୁରସ୍କାର ଅର୍ଥ ରାଶିରେ ଆଶାତୀତ ବୃଦ୍ଧି କରାଯାଇଛି। ଖେଳ ରତ୍ନ ପୁରସ୍କାର ରାଶି ୭.୫ ଲକ୍ଷ ଟଙ୍କାରୁ ୨୫ ଲକ୍ଷ, ଅର୍ଜୁନ ପୁରସ୍କାର ୫ରୁ ୧୫ ଲକ୍ଷ, ଦ୍ରୋଣାଚାର୍ଯ୍ୟ (ଲାଇଫ୍‌ଟାଇମ୍) ପୁରସ୍କାର ୫ରୁ ୧୫ ଲକ୍ଷ, ଦ୍ରୋଣାଚାର୍ଯ୍ୟ (ରେଗୁଲାର) ୫ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

## ସିଏସ୍‌କେର ୧୩ ପଜିଟିଭ୍, ରାଇନା ଫେରିଲେ

**ନୂଆଦିଲ୍ଲୀ/ଦୁବାଇ, ୨୯।୮ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଫ୍ରାଞ୍ଚାଇଜ୍‌ରେ ବିଭ୍ରାଟ ଦେଖା ଦେଇଛି। ଦୁଇଜଣ କ୍ରିକେଟରଙ୍କ ସମେତ ଦଳର ୧୩ଜଣ କୋଭିଡ୍-୧୯ ସଂକ୍ରମିତ ହୋଇଥିବା ବେଳେ ଅଲରାଉଣ୍ଡର ସୁରେଶ ରାଇନା ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ଟି୨୦ ଲିଗ୍‌ରୁ ଓହରି ଘରକୁ ଫେରିଛନ୍ତି। ରାଇନା କିଛିଦିନ ପୂର୍ବେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। କୋଭିଡ୍ -୧୯ ଯୋଗୁ ଏଥର ଆଇପିଏଲ୍ ଭାରତରେ ନହୋଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହୋଇଛି। କୋଭିଡ୍ ସଂକ୍ରମିତ ଏବଂ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ଦଳର ଅନ୍ୟ ସଦସ୍ୟମାନଙ୍କଠାରୁ ଦୂରେଇ ରଖାଯାଇଛି। କାହା ନିକଟରେ କିନ୍ତୁ କରୋନା ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ସମସ୍ତେ ଆଇପିଏଲ ମେଡିକାଲ ଟିମ୍ ନଜରରେ ଅଛନ୍ତି। ଟେଷ୍ଟରେ ପଜିଟିଭ୍ ଆସିଥିବା ଦୁଇ ଖେଳାଳିଙ୍କ ମଧ୍ୟରୁ ଜଣେ ହ୍ୱାଇଟ୍ ବଲ୍ ଟି୨୦ ସ୍ପେଶାଲିଷ୍ଟ ସିମର ଏବଂ ଅନ୍ୟ ଜଣେ ଭାରତ ଏ' ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ। ବୋର୍ଡ କିନ୍ତୁ କୌଣସି ବ୍ୟକ୍ତିଙ୍କ ନାମ ପ୍ରକାଶ କରି ନାହିଁ।

# ‘ଚେସ୍‌ର ମାନ, ମର୍ଯ୍ୟାଦା ବଢ଼ିଛି’

**ଭୁବନେଶ୍ୱର, ୨୯।୮(କ୍ରୀଡ଼ା ପ୍ରତିନିଧି):** ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶନିବାର ଚେସ୍ ଗୁରୁ ତଥା ଏସଆର ଚେସ୍ ସେଣ୍ଟର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ଶ୍ରେଷ୍ଠ କୋଚ୍ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଛନ୍ତି। ଏହି ସମ୍ମାନଜନକ ପୁରସ୍କାର ପାଇବାରେ ସେ ପ୍ରଥମ ଚେସ୍ କୋଚ୍। ଏହି ଅବସରରେ ତାଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାର..



କ୍ରୀଡ଼ାମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସତ୍ୟରଞ୍ଜନ ପଟ୍ଟନାୟକ।

**❍ ରାଜ୍ୟର ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇବାପରେ କିପରି ଅନୁଭବ ରହିଛି ?**

➢ ମୋ ସାଧନାକୁ ସ୍ୱୀକୃତି ମିଳିଥିବାରୁ ରାଜ୍ୟ ସରକାରଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି। ବିଶେଷ କରି ଏହି ପୁରସ୍କାର ରାଜ୍ୟରେ ଚେସ୍‌ର ମାନ, ସମ୍ମାନ ଓ ମର୍ଯ୍ୟାଦା ବଢ଼ାଇଛି। ଚେସ୍‌କୁ ଓଡ଼ିଶା ସରକାର ପୁଣିଥରେ ବିଶ୍ୱାସକୁ ନେଇଛନ୍ତି, ରେକୋଗନାଇଜ୍ କରିଛନ୍ତି। ଏବେ ପୁରା ଚେସ୍ ମହଲରେ ଖୁସିର ଲହରି ଖେଳିଯାଇଛି ଏବଂ ମୁଁ ମଧ୍ୟ ଖୁବ୍ ଆନନ୍ଦିତ।

**❍ ଆପଣଙ୍କର ନିଷ୍ଠାପର କାର୍ଯ୍ୟକୁ ଏହା ଏକ ସ୍ୱୀକୃତି ବୋଲି ଭାବୁଛନ୍ତି କି ?**

➢ ୧୯୯୭ରୁ ଦୀର୍ଘ ୨୦ରୁ ୨୫ ବର୍ଷଧରି ମୁଁ ପେସାଦାର କୋଚିଂ ଲାଇନ୍‌ରେ ରହିଛି। ସେ ଦିନରୁ ଆରମ୍ଭ ହୋଇଥିବା ସିଦ୍ଧି ଓ ସାଧନା ଏବଂ ନିଷ୍ଠାପରଭାବେ ପିଲାମାନଙ୍କୁ ଦେଇଥିବା ପ୍ରଶିକ୍ଷଣର ଏହା ହୋଇପାରେ ଏକ ବଡ଼ ସ୍ୱୀକୃତି। ମୁଁ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦେଇଥିବା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ସ୍ୱୟମ୍ଭ ମିଶ୍ର, କିରଣ ମନୀଷା ମହାନ୍ତି, ପଦ୍ମିନୀ ରାଉତ, ଅନ୍ତର୍ଜାତୀୟ ମାଷ୍ଟର ରାକେଶ କୁମାର ଜେନା, ସିଦ୍ଧାନ୍ତ ମହାପାତ୍ର, ବିଶ୍ୱ ଏଜ୍ ଗ୍ରୁପ୍ ଚାମ୍ପିୟନ ସାଇନା ସାଲୋନିକା, ଜାତୀୟ ଚାମ୍ପିୟନ ରୁଦ୍ରାକ୍ଷ ପରିଡ଼ା, ଆଦ୍ୟାଶା ମହାପାତ୍ରଙ୍କ ସମତେ ଅନେକ ଛାତ୍ରୀଛାତ୍ରଙ୍କ ସହିତ କାମ କରିଛି। ପରିଶ୍ରମର ଫଳ ମିଳିଛି। ଜାତୀୟ କ୍ରୀଡ଼ାଦିବସ କ୍ରୀଡ଼ାବିତ୍‌ଙ୍କ ପାଇଁ ଶ୍ରେଷ୍ଠ ଦିବସ। ତେଣୁ ମୋ ସଫଳତାରେ ମୋ ଛାତ୍ରୀଛାତ୍ରମାନେ ନିଶ୍ଚିତ ଆନନ୍ଦିତ ହୋଇଥିବେ ବୋଲି ଆଶା।

**❍ ପୁରସ୍କାର ପାଇବାରେ ବିଳମ୍ବ ହୋଇଛି ବୋଲି କେବେ ମନକୁ ଆସିଥିଲା କି ?**

➢ ମୋତେ ପୁରସ୍କାର ମିଳିବାରେ ବିଳମ୍ବ ହୋଇଛି ବୋଲି କେବେ ଭାବିନାହିଁ। ପରିଶ୍ରମ ଜାରି ରଖିଥିଲି। ସମ୍ଭବତଃ ଏହା ପୂର୍ବ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ହୋଇ ନ ଥିଲି କିମ୍ବା ମୋଠାରୁ ଅଧିକ ଯୋଗ୍ୟ ବ୍ୟକ୍ତି ଏହି ପୁରସ୍କାର ପାଇଛନ୍ତି। ନିଷ୍ଠାର ସହ କାର୍ଯ୍ୟ କରି ଚାଲିଥିବାରୁ ପରିଶ୍ରମର ମୂଲ୍ୟ ଦିନେ ନା ଦିନେ ମିଳିବ ବୋଲି ଆଶା ଥିଲା।

**❍ ପ୍ରଥମ ଚେସ୍ ପ୍ରଶିକ୍ଷକଭାବେ ଏହି ପୁରସ୍କାର ପାଇଛନ୍ତି, କ'ଣ କହିବେ ?**

➢ ଚେସ୍ ଖେଳାଳି ଭାବରେ ପୂର୍ବରୁ ପଦ୍ମିନୀ ରାଉତ ଓ ଦେବାଶିଷ ଦାସ ଏହି ପୁରସ୍କାର ପାଇଥିଲେ। ପ୍ରଥମ ଚେସ୍ କୋଚ୍‌ଭାବେ ବିଜୁପଟ୍ଟନାୟକ ପୁରସ୍କାର ପାଇଥିବାରୁ ଏହି ଅବସରରେ ବନ୍ଧୁ ବିବେକ ତିବରୱାଲ, ଶୁଭାଶିଷ ପଟ୍ଟନାୟକ, ବର୍ତ୍ତମାନର ରାଜ୍ୟ ଚେସ୍ ସଂଘ ସଭାପତି ରଞ୍ଜନ ମହାନ୍ତି, ମନୋଜ କୁମାର ପାଣିଗ୍ରାହୀ, ରାଜ୍ୟ ଚେସ୍ ସଂଘ, କଟକ ଜିଲା ଚେସ୍ ସଂଘ, ପରିବାରର ସମସ୍ତ ସଦସ୍ୟ, ପରିଜନ, ବନ୍ଧୁବର୍ଗ, ମୋ ଗାଁ ଉତ୍ତମାପୁରର ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ୮୪ ବର୍ଷୀୟ ବାପା ଶରତ ଚନ୍ଦ୍ର ପଟ୍ଟନାୟକ ଓ ୮୫ ବର୍ଷୀୟା ମା' ଅନସୂୟା ପଟ୍ଟନାୟକଙ୍କ ମୁହଁରେ ଏହି ପୁରସ୍କାର ପାଇଁ ହସ ଦେଖିପାରିଥିବାରୁ ମୁଁ ବେଶି ଗର୍ବିତ। ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଠାବ କରି ରାଜ୍ୟରୁ କିପରି ଅଧିକରୁ ଅଧିକ ଜାତୀୟ/ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରିହେବ ସେଥିପାଇଁ ଏହା ମୋତେ ପ୍ରେରଣା ଦେଇଛି।

**❍ ଜଣେ ଚେସ୍ କୋଚ୍‌ଭାବେ ଏହି ପୁରସ୍କାରକୁ କିପରି ଦେଖୁଛନ୍ତି ?**

➢ ମୋ ଠାରୁ ଚେସ୍ କୋଚ୍‌ଙ୍କ ପାଇଁ ପୁରସ୍କାରର ମୂଳଦଆ ପଡ଼ିଲା ବୋଲି ଅନୁଭବ କରୁଛି। ଜାତୀୟ/ଅନ୍ତର୍ଜାତୀୟ ଖେଳାଳିଙ୍କୁ ଅନ୍‌ଲାଇନ୍‌ରେ କୋଚିଂ ଦେଉଥିବା ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସ୍ୱୟମ୍ଭ ମିଶ୍ର, ସିଦ୍ଧାନ୍ତ ମହାପାତ୍ର, ଓଡ଼ିଶାର ଚେସ୍ ଗୁରୁ ଶେଖର ସାହୁଙ୍କ ସମେତ ଆହୁରି ଅନେକ ପ୍ରଶିକ୍ଷକ ଏହି ପୁରସ୍କାର ପାଇଁ ଅଧିକ ହକ୍‌ଦାର ହୋଇପାରିବେ ବୋଲି ମୋର ଆଶା ରହିଛି।

**❍ କୋଚ୍‌ଭାବେ ସ୍ୱୀକୃତି ମିଳିବାପରେ ଆପଣଙ୍କ ଅନୁଷ୍ଠାନପାଇଁ ଦାୟିତ୍ୱ କେତେ ବଢ଼ିଛି ?**

➢ ମୁଁ ପୁରସ୍କାର ପାଇଁ ମନୋନୀତ ହେବାପରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଶୁଭେଚ୍ଛାର ସୁଅ ଛୁଟାଇବା ସହ ଗର୍ବ ଅନୁଭବ କରୁଛନ୍ତି। ଗୁରୁ ଭଲ କାମ ପାଇଁ ପ୍ରଶଂସିତ ହେଲେ ଶିଷ୍ୟମାନେ ପ୍ରେରଣା ପାଇଥାନ୍ତି। ଏହାକୁ ସେମାନେ ବ୍ରତଭାବେ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି। ୨୦୦୪ରେ ଆମେ ଯେତେବେଳେ ସୁଖଦ ଅନୁଭୂତି ନେଇ ଏସ୍‌ଆର ଚେସ୍ ସେଣ୍ଟର ଆରମ୍ଭ କରିଥିଲୁ ସେତେବେଳେ ରାଜ୍ୟ ଚେସ୍‌ରେ ବିପ୍ଳବ ଆଣିବାକୁ ସଂକଳ୍ପ ନେଇଥିଲୁ। ଏହା ଏବେ ସମ୍ଭାବନା ସୃଷ୍ଟି କରିଛି। ଏହି ସ୍ୱୀକୃତି ନିଶ୍ଚିତ ରାଜ୍ୟ ଓ ଜାତୀୟ ସ୍ତରରେ ଆମ ଅନୁଷ୍ଠାନର କାର୍ଯ୍ୟକୁ ଦୃଢ଼ୀଭୂତ କରିପାରିବ ବୋଲି ମୋର ଆଶା।

**❍ ଭବିଷ୍ୟତର ଲକ୍ଷ୍ୟ କ'ଣ ରହିଛି ?**

➢ ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ଆଶା ଓ ବିଶ୍ୱାସ ମୋ ପ୍ରତି ଓ ଅନୁଷ୍ଠାନ ପ୍ରତି ନିଶ୍ଚିତ ବଢ଼ିବ। ତାଙ୍କ ସମ୍ଭାବନାକୁ ମୁଁ ଗୁରୁତ୍ୱ ଦେଉଛି ଏବଂ ଆଶା କରୁଛି ସେଣ୍ଟର ପକ୍ଷରୁ ଚେସ୍ ସମ୍ପର୍କିତ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେବ ଏବଂ ଖେଳାଳିମାନେ କିପରି ତୃଣମୂଳ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଯିବେ ତା' ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସେମାନଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇଦେବା ଆମର ମୁଖ୍ୟ ଲକ୍ଷ୍ୟ ହେବ।

**❍ ପୁରସ୍କାର ସମୟରେ ପରିବାରବର୍ଗଙ୍କୁ ମିସ୍ କରିଛନ୍ତି କି ?**

➢ କରୋନା କଟକଣା ଯୋଗୁ ଭର୍ଚୁଆଲ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାରୁ ଏକୁଟିଆ ଆସିବାକୁ କ୍ରୀଡ଼ା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଥିଲା। ସ୍ତ୍ରୀ ସ୍ମୃତିରେଖା, ଝିଅ ପି. ସାଇରୂପା, ଦୁଇ ଭଉଣୀ ରଞ୍ଜୁଶ୍ରୀ ଓ ମଞ୍ଜୁଶ୍ରୀଙ୍କ ସମେତ ପରିବାର ଓ ବନ୍ଧୁବର୍ଗ ଆଶାରେ ଥିଲେ ହେଁ ପୁରସ୍କାର ଉତ୍ସବରେ ଯୋଗଦେଇ ପାରିନାହାନ୍ତି। ତେବେ ମୁଁ ଏହାକୁ ସକାରାତ୍ମକ ଭାବେ ନେଇଛି। ଆଗେ ଜୀବନ, ତା'ପରେ ଜୀବିକା। ତେଣୁ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଯାହା ନିଷ୍ପତ୍ତି ନେଇଛନ୍ତି ତାକୁ ମୁଁ ସ୍ୱାଗତ କରୁଛି। ସୁରକ୍ଷିତଭାବେ କାର୍ଯ୍ୟକ୍ରମ ସମ୍ପାଦନ କରିଥିବାରୁ ରାଜ୍ୟସରକାରଙ୍କୁ ଅନେକ ଧନ୍ୟବାଦ ଜଣାଉଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ